READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୨୮ ୨୬ ଜୁଲାଇ - ୦୧ ଅଗଷ୍ଟ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-28 26th JULY - 01st AUGUST, 2021 BHUBANESWAR ₹ 5/- (8 Pages)


# ଜନ ସେବା ନା ଶୋଷଣ କେନ୍ଦ୍ର ?

ଭୁବନେଶ୍ୱର, (ଦୀପକ କୁମାର କର) : ଆଧାର ସେବା ନାଁରେ ଚାଲିଛି ଜାଲିଆତି। ଶୋଷଣର ଶିକାର ହେଉଛନ୍ତି ଗରିବ ଲୋକ। ବିନା ସୂଚନା ଫଳକରେ ମନଇଚ୍ଛା ଦର ନେଇ ଜନ ସେବା କେନ୍ଦ୍ର ଗୁଡିକରେ ଠକେଇ ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ନୂତନ କରି ଆଧାର ପଞ୍ଜିକରଣ ପାଇଁ ସରକାର ୫୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରିଥିଲା ବେଳେ ୫ ରୁ ୧୫ ବର୍ଷ ପରେ ଅନିର୍ବାଯ୍ୟ ବାୟୋମେଟ୍ରିକ୍ ନବୀକରଣ ନିମନ୍ତେ ରଙ୍ଗୀନ ପ୍ରିଣ୍ଟ୍ ପାଇଁ ୩୦ ଟଙ୍କା ଶୁଳ୍କ ଧାର୍ଯ୍ୟ ହୋଇଛି। ହେଲେ ଜନ ସେବା କେନ୍ଦ୍ର ଖୋଲିଥିବା ବ୍ୟକ୍ତି ନିୟମ ଉଲ୍ଲଘଂନ କରି ପ୍ରତିଟି କାମ ପାଇଁ ୧୫୦ ଟଙ୍କାରୁ ଊର୍ଦ୍ଧ୍ୱ ନେଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଗରିବଙ୍କ ନିମନ୍ତେ ବହୁ ନିଃଶୁଳ୍କ ସେବା ଯୋଗାଇ ଦେଇଥିଲା ବେଳେ ଜନ ସେବା କେନ୍ଦ୍ର କୌଣସି ନୀତି ନିୟମ ମାନୁନାହାନ୍ତି। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ହେଉ କିମ୍ବା ଅନ୍‌ଲାଇନରେ ଯେକୌଣସି ସରକାରୀ କାର୍ଯ୍ୟ ପାଇଁ ଧାର୍ଯ୍ୟ ଶୁଳ୍କ ଠାରୁ ଅଧିକ ଟଙ୍କା ଆଦାୟ କରୁଛି ଜନ ସେବା କେନ୍ଦ୍ର। କିନ୍ତୁ ରାଜ୍ୟ ସରକାରଙ୍କ ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ୨୦୧୯ ମସିହାରେ ଏକ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ କମନ ସର୍ଭିସ୍ ସେଣ୍ଟର (ସିଏସ୍‌ସି) ଅପରେଟର, ଡିଷ୍ଟ୍ରିକ୍ଟ୍ ଇ-ଗଭର୍ଣ୍ଣାନ୍ସ ସୋସାଇଟ୍ (ଡିଇଜିଏସ୍) ମାନଙ୍କୁ ଇ-ଫାଇଲିଂ, ରିସିପ୍ଟ, ପ୍ରୋସେସିଂ ଏବଂ ସାର୍ଟିଫିକେଟ୍ ପ୍ରଦାନ, ଜିଲ୍ଲାସ୍ତରରେ ଇ-ସେବା ପାଇଁ ସମସ୍ତଙ୍କୁ ଅବଗତ କରାଯାଇ ଶୁଳ୍କ ଧାର୍ଯ୍ୟ କରାଯାଇଥିଲା। ଏଥିରେ ନିଃଶୁଳ୍କ ଓ ଶୁଳ୍କ ନିଆଯିବାକୁ ଥିବା ସେବା ସମ୍ବନ୍ଧରେ ଉଲ୍ଲେଖ ରହିଥିଲା। ରେସିଡେଣ୍ଟ ସାର୍ଟିଫିକେଟ୍, ଇନ୍‌କମ ସାର୍ଟିଫିକେଟ୍, ଲିଗାଲ ହାୟାର ସାର୍ଟିଫିକେଟ୍, ଏସ୍‌ଟି ସାର୍ଟିଫିକେଟ୍, ଏସ୍‌ସି ସାର୍ଟିଫିକେଟ୍, ଏସ୍‌ଇବିସି ସାର୍ଟିଫିକେଟ୍, ଓବିସି ସାର୍ଟିଫିକେଟ୍, ଇନ୍‌କମ ଆଣ୍ଡ ଆସେଟ୍ ସାର୍ଟିଫିକେଟ୍, ଗାଡିଅନସିପ୍ ସାର୍ଟିଫିକେଟ୍, ଇସ୍ୟୁ ଅଫ୍ ଆନିମଲ ହେଲ୍‌ଥ ସାର୍ଟିଫିକେଟ୍ ପାଇଁ କୌଣସି ଶୁଳ୍କ




ଦେବାକୁ ପଡିବନାହିଁ। ସଲଭେନ୍ସି ସାର୍ଟିଫିକେଟ୍, ଡିସ୍‌ପୋଜାଲ ଅଫ୍ କେସ ଅଣ୍ଡର ସେକ୍ସନ ଓଏଲ୍‌ଆର ୮(ଏ), ପାର୍ଟିସନ ଅଫ୍ ଲ୍ୟାଣ୍ଡ ଅଣ୍ଡର ସେକ୍ସନ ଓଏଲ୍‌ଆର ୧୯(୧୧) (ସି), ଡିସ୍‌ବର୍ସମେଣ୍ଟ ଅଫ୍ ଏକ୍ସ-ଗ୍ରାଟିଆ ପାଇଁ ୨ ଟଙ୍କା ଶୁଳ୍କ ଧାର୍ଯ୍ୟ କରାଯାଇଛି। ନାଗରିକମାନଙ୍କ ପାଇଁ ରେକର୍ଡ ଅଫ୍ ରାଇଟ୍ସ ସାର୍ଟିଫିକେଟ୍ କପି ୧୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରାଯାଇଥିବା ବେଳେ ସିଏସ୍‌ସି ଅପରେଟରମାନଙ୍କ ପାଇଁ ସେବା ଶୁଳ୍କ ବାବଦରେ ୧୮ ରୁ ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି ଏବଂ ଡିଇଜିଏସ୍ ଅପରେଟମାନଙ୍କ ପାଇଁ କେତେକ ସେବା ନିଃଶୁଳ୍କ ଥିବା ବେଳେ ଅନ୍ୟ ସେବା ପାଇଁ ୨ ଟଙ୍କା ଓ ୧୦ ଟଙ୍କା ଧାର୍ଯ୍ୟ ହୋଇଛି। ସିଏସ୍‌ସି ଅପରେଟରମାନେ ଇ-ଫାଇଲିଂ ଦରଖାସ୍ତ ପାଇଁ ୧୦ ଟଙ୍କା ସେବା ଶୁଳ୍କ ନେବାକୁ ନିର୍ଦ୍ଦେଶ ରହିଛି। ପ୍ରତି ପୃଷ୍ଠା ସ୍କାନିଂ ପାଇଁ ୩ ଟଙ୍କା ଓ ପ୍ରିଣ୍ଟିଂ ପାଇଁ ୫ ଟଙ୍କା ନେବାକୁ କୁହାଯାଇଥିଲା ବେଳେ ଜନ ସେବା କେନ୍ଦ୍ରର ଅପରେଟରମାନେ ଏହାକୁ ଆଦୌ ମାନୁନଥିବା ଅଭିଯୋଗ ହେଉଛି।

ଜନ ସେବା କେନ୍ଦ୍ର ଗୁଡିକରେ ସରକାର ଧାର୍ଯ୍ୟ କରିଥିବା ଦର ତାଲିକା ଲଗାଯାଇ ନଥିବାରୁ ସାଧାରଣ ଲୋକମାନେ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଦେବାକୁ ପଡିବ ତାହା ଜାଣିପାରୁ ନାହାନ୍ତି। ବିଭିନ୍ନ ଫର୍ମ, କୋର୍ଟ ଫି', ପ୍ରସେସିଂ ଫି', ଫରୱାର୍ଡିଂ ଆପ୍ରୁଭାଲ ଇତ୍ୟାଦି କହି ଲୋକଙ୍କୁ ଭୂଆଁ ବୁଲାଇବା ସହିତ କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀ ପ୍ରତି ଦରଖାସ୍ତରେ ୩୫ ରୁ ୪୫ ଟଙ୍କା ବଦଳରେ ୩୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି। ଏହାସହିତ ଜମିର କିସମ ପରିବର୍ତ୍ତନ ପାଇଁ ଏବେ ସହଜ କେନ୍ଦ୍ର ଗୁଡିକୁ ଅନୁମତି ମିଳିଛି। ହେଲେ ଆଗରୁ ଏଥିପାଇଁ ଦରଖାସ୍ତ କଲେ ➤ ପୃ-୬


# ବିପଦ ଟଳିନି, ସତର୍କ ରୁହ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କୋଭିଡର ସ୍ଥିତି, ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ କୋଭିଡ ସହାୟତା ସଂପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ କହିଛନ୍ତି, 'ଗତ କିଛି ସପ୍ତାହ ହେଲା ରାଜ୍ୟରେ ପଜିଟିଭିଟି ହାର କମିଥିଲେ ମଧ୍ୟ, କେତେକ ଜିଲ୍ଲାରେ ସଂକ୍ରମଣ ସ୍ଥିତିରେ ଆହୁରି ଉନ୍ନତି ଆସିବାକୁ ବାକି ଅଛି। ଯଦିଓ ପରିସ୍ଥିତି ନିୟନ୍ତ୍ରଣାଧୀନ, ତଥାପି ସନ୍ତୋଷଜନକ ନୁହେଁ। ଅଧିକ ସତର୍କତା ହିଁ ଆମକୁ ସୁରକ୍ଷିତ ରଖିବ।' ତେଣୁ ଲୋକମାନେ ଯେପରି ଅଯଥାରେ ଗହଳି ନ କରିବେ, ତାହାକୁ ଦୃଷ୍ଟିରେ ରଖି କୋଭିଡ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷଜ୍ଞମାନଙ୍କର ମତକୁ ଉଦ୍ଧାର କରି ମୁଖ୍ୟମନ୍ତ୍ରୀ କହିଛନ୍ତି କି ଯଦି ଅଗଷ୍ଟ ଶେଷ ବେଳକୁ ତୃତୀୟ ଲହର ଆସେ, ସେଥିପାଇଁ ଆମକୁ ଏହାର ପୂର୍ଣ୍ଣ ପ୍ରସ୍ତୁତିର ସହ ମୁକାବିଲା କରିବାକୁ ହେବ। ସ୍ୱାସ୍ଥ୍ୟସେବା ରାଜ୍ୟ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସୁଦୃଢୀକରଣ ସହିତ ମାନବସମ୍ବଳ ବିନିଯୋଗ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଲୋକମାନେ ଯେପରି ବିନା କୌଣସି ଅସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ, ସେ ଦିଗରେ ଜିଲ୍ଲା ପ୍ରଶାସନର ଗୁରୁ ଦାୟିତ୍ୱ ରହିଛି। ପ୍ରତି ଜୀବନ ମୂଲ୍ୟବାନ। ଏହା ହେଉଛି ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ନୀତିର ଆଧାର। ତେଣୁ ଜିଲ୍ଲା ହସ୍ପିଟାଲ ଠାରୁ ଆରମ୍ଭ କରି ସିଏଚସି ସ୍ତର ପର୍ଯ୍ୟନ୍ତ ଯେଉଁଳି ସ୍ୱାସ୍ଥ୍ୟ ସେବାରେ ➤ ପୃ-୬

# 'ନିରପେକ୍ଷ ନ୍ୟାୟପାଳିକା ଗଣତନ୍ତ୍ରର ମୂଳଦୁଆ'

ନୂଆଦିଲ୍ଲୀ : ଭାରତରେ ନ୍ୟାୟପାଳିକା ଦୁଇଟି ସିଷ୍ଟମରେ ଚାଲିପାରିବ ନାହିଁ। ନ୍ୟାୟପାଳିକାର ଗୋଟିଏ ବ୍ୟବସ୍ଥା ଧନୀଙ୍କ ପାଇଁ ଓ ଗରିବଙ୍କ ପାଇଁ ଆଉ ଗୋଟିଏ ସିଷ୍ଟମକୁ କାର୍ଯ୍ୟକାରୀ କରିପାରିବ ନାହିଁ। ନ୍ୟାୟପାଳିକା ସବୁବେଳେ ରାଜନୀତିକ ଚାପରୁ ମୁକ୍ତ ହୋଇ କାମ କରିବା ଦରକାର ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏଥିସହ ସୁପ୍ରିମ୍‌କୋର୍ଟ ମଧ୍ୟପ୍ରଦେଶ ପୋଲିସକୁ ତୀବ୍ର ଭର୍ତ୍ସନା କରିଛନ୍ତି। ➤ ପୃ-୬



# ବିଶ୍ୱସ୍ତରୀୟ ହେବ ଭୁବନେଶ୍ୱର ରେଳଷ୍ଟେସନ

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱର ସ୍ଥିତ ରେଳ ଷ୍ଟେସନରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୬ମାସ ମଧ୍ୟରେ ଏନେଇ ଟେଣ୍ଡର କରାଯିବ ଓ ତା'ପରେ ଯୋଜନା ଅନୁସାରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର ବିଦ୍ୟା ଭୂଷଣ କହିଛନ୍ତି। ଶ୍ରୀ ଭୂଷଣ ଭୁବନେଶ୍ୱର ରେଳ ଷ୍ଟେସନ ପରିଦର୍ଶନରେ ଯାଇ



ସେଠାରେ ଆବଶ୍ୟକ ଭିତ୍ତିଭୂମି ଅନୁଧ୍ୟାନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଭୁବନେଶ୍ୱର ରେଳ ଷ୍ଟେସନର ଭିତ୍ତିଭୂମି ପୁନଃବିକଶିତ କରିବା ପାଇଁ ରାଜ୍ୟ ସରକାର ଓ ପୂର୍ବତଟ ରେଳବାଇ ମଧ୍ୟରେ ୨୦୧୯ ସେପ୍ଟେମ୍ବର ମାସରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ସରକାରଙ୍କ ସହଯୋଗରେ ଭୁବନେଶ୍ୱର ରେଳ ଷ୍ଟେସନକୁ ପ୍ରାୟ ୧୦୭୫ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯିବ। ଏଥିରେ ସପିଂ କମ୍ପ୍ଲେକ୍ସ, ➤ ପୃ-୬

# ୧୨ ରୁ ୧୭ ବର୍ଷ ପିଲାଙ୍କୁ ମଡର୍ଣ୍ଣା ଟିକା




ନୂଆଦିଲ୍ଲୀ : ମହାମାରୀ କରୋନା ସଂକ୍ରମଣ ବଢୁଥିବା ବେଳେ ସାମ୍ନାକୁ ଆସିଛି ଭଲ ଖବର। ଏଣିକି ମଡର୍ଣ୍ଣା ପ୍ରସ୍ତୁତ କରିଥିବା କରୋନା ଟିକା ୧୨ ରୁ ୧୭ ବର୍ଷୀୟ ପିଲାମାନଙ୍କୁ ଦିଆଯିବ। ଏଥିପାଇଁ ୟୁରୋପୀୟ ମେଡିସିନ୍ସ ➤ ପୃ-୬

## ବକ୍ରବାଣୀ



ଇୟେ କି ଯୁଗ ଏବେ ଆଇଲାରେ
ମାନ ମହତ ସବୁ ଖାଇଲାରେ
କାହା ପାଇଁ କିଏ କିଣେ ସିନ୍ଦୁର
ରଚୁଛନ୍ତି କିଏ କେତେ ହୁନ୍ଦର
କରିଲାଣି କିଏ ଆଗିରିମେଣ୍ଟ
କେହି ନୁହେଁ ଏଠି ପରମାନେଣ୍ଟ
କଲାଣି କିଏ ସେ ଦେହରେ ଟାଟୁ
ୟେସବୁ ଶୁଣିକି କଳିଜା ଫାଟୁ
ଭଲା ପୋଲିସ ତଦନ୍ତ କରୁଚି
ଦିନ ପରେ ଦିନ ଯାହା ଗଢୁଚି।

—— ଟୁଟୁ

## ଆଗକୁ ପଞ୍ଚାୟତ ନିର୍ବାଚନ

# ଜିଲ୍ଲା ବିଜେଡିରେ ତୀବ୍ର ଗୋଷ୍ଠୀକନ୍ଦଳ

ଜଗତସିଂହପୁର, (ଜ୍ୟୋତି ରଞ୍ଜନ ପଟ୍ଟନାୟକ): ଜିଲ୍ଲା ରାଜନୀତିରେ ସଦା ସର୍ବଦା ଚର୍ଚ୍ଚାରେ ଥିବା ଓ ପ୍ରଭାବ ରଖି ଆସୁଥିବା ରଘୁନାଥପୁର ବ୍ଲକ ରେ ବିଜେଡି ଗୋଷ୍ଠୀକନ୍ଦଳର ଅସନ୍ତୋଷ ପଞ୍ଚାୟତ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ଦେଖା ଦେବାରୁ ଏହାର ଉଗ୍ରରୂପ ନେଇ ତୃତୀୟ ସାମୁଖ୍ୟର ଏକ ନିଆରା ରୂପ ନେଲାଣି। ତିର୍ତ୍ତୋଲ ବିଧାନସଭା ଉପ-ନିର୍ବାଚନରେ ବିଜେଡି ତାହାର କାୟା ବିସ୍ତାର କରିଥିଲେ ବି ଅସନ୍ତୋଷ ଥମି ନଥିଲା, ଯାହାର ପ୍ରଭାବ ସ୍ୱରୂପ ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ଯବନିକା ପଡିବାର ସମ୍ଭାବନା ସୃଷ୍ଟି ହେଲାଣି ବୋଲି କିଛି ଯୁବ ନେତା, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଅବସର ପ୍ରାପ୍ତ କର୍ମଚାରି ଓ ଛାମୁଆ ନେତା ମାନେ ଏକତ୍ର ବସି ଏକ ତୃତୀୟ ସାମୁଖ୍ୟ ଗଠନ



କରିବା କଥା ନିର୍ଦ୍ଧାରଣ କରି ସାରିଲେଣି। ଏହି ତୃତୀୟ ସାମୂଖ୍ୟ ବିପଦପୂର୍ଣ୍ଣ ଗୋଷ୍ଠୀ ଯେ କାହା ଆଡେ ଢଳିବେ ସେନେଇ ଯଦିଓ କସରତ ଆରମ୍ଭ ହୋଇନାହିଁ କିନ୍ତୁ ଦୋକାନ ବଜାର ମାନଙ୍କରେ ଟୁପୁର ଟାପୁର ଆରମ୍ଭ ହେଲାଣି। ରଘୁନାଥପୁର ବ୍ଲକ ରାଜନୀତିରେ ଏବେ ବିଜେଡିର ନେତୃତ୍ୱର ଅଭାବ ଦେଖାଦେବାରୁ କର୍ମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଆରମ୍ଭ ହେଲାଣି। ଦଳୀୟ କର୍ମୀ ମାନଙ୍କ ଅସନ୍ତୋଷ ଉପରେ ବିଧାୟକ ପୋଷ୍ଟମର୍ଟମ ଯଦି ନକରି ପାରନ୍ତି ତେବେ ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ତାଙ୍କର ପ୍ରତିଶୋଧ ଯେ ଉଗ୍ର ରୂପ ନେବବୋଲି ସାଧାରଣରେ ଆଲୋଚନା ହେଉଛି। ତୃତୀୟ ସାମୁଖ୍ୟ ଗଠନକୁ ନେଇ ଆମ ପ୍ରତିନିଧି ଚିକିଣିଆ ଗ୍ରାମପଞ୍ଚାୟତ ର ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ସେଠୀଙ୍କ ଘରକୁ ଯାଇ ପଚାରିବାରେ ସେ ଏହାକୁ ସ୍ୱୀକାର କରିବା ସହିତ ବିଧାୟକଙ୍କ ହୀନ ରାଜନୀତି କୁ ନେଇ ସେ ଗଭୀର ଦୁଃଖ ପ୍ରକାଶ କରିଥିଲେ । ଚିକିଣିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଭାବେ କେବଳ ନୁହେଁ ସେ ଜଣେ ଅବସରପ୍ରାପ୍ତ କର୍ମଚାରୀଭାବେ ତାଙ୍କର ସୁନାମ ମଧ୍ୟ ସବୁଆଡେ ରହିଛି। ଯେଉଁଥିପାଇଁ ଅବସର ପରେ ସେ ରାଜନୀତି ମଇଦାନକୁ ଓହ୍ଲାଇ ସରପଞ୍ଚ ଭାବେ ପ୍ରତିଦ୍ୱନ୍ଦିତା କରି ➤ ପୃ-୬

# ଫ୍ରାନ୍ସରେ କରୋନାର ୪ର୍ଥ ୱେଭ

ପ୍ୟାରିସ : ଭାରତରେ ମହାମାରୀ କରୋନାର ତୃତୀୟ ୱେଭକୁ ନେଇ ପ୍ରସ୍ତୁତି ଚାଲିଥିବା ବେଳେ ଫ୍ରାନ୍ସରେ ଏହି ପ୍ରାଣଘାତୀ ଭାଇରସର ୪ର୍ଥ ୱେଭ ଦେଖାଯାଇଛି। ଦେଶରେ ୩ଟି ପର୍ଯ୍ୟାୟରେ ସଂକ୍ରମଣ ବଢ଼ିବା ପରେ ତଳମୁହାଁ ହୋଇଥିଲା। ଏଥିପାଇଁ ସବୁ କ୍ଷେତ୍ରରେ ଲାଗିଥିବା କଟକଣାକୁ କୋହଳ କରାଯାଇଥିଲା। ହେଲେ କିଛିଦିନ ହେଲା ପୁଣିଥରେ ଦେଶରେ ସଂକ୍ରମଣ ଗ୍ରାଫ ଉପରମୁହାଁ ହେବାରେ ଲାଗିଛି। ବିଶେଷଜ୍ଞମାନେ ଏହାକୁ କରୋନାର ୪ର୍ଥ ୱେଭ ବୋଲି ଆକଳନ କରିଛନ୍ତି। ଏହି ୪ର୍ଥ ୱେଭକୁ ଦୃଷ୍ଟିରେ ରଖି ଫ୍ରାନ୍ସ ସରକାର ବିଭିନ୍ନ କାର୍ଯ୍ୟକ୍ରମ, ସିନେମା ହଲ ଓ ଷ୍ଟାଡିୟମ ଆସୁଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ପାସ୍‌ର ବ୍ୟବସ୍ଥା କରିଛନ୍ତି। ଯେଉଁମାନେ ଟିକା ନେଇଥିବେ ନଚେତ୍ କରୋନା ଟେଷ୍ଟର ନେଗେଟିଭ ରିପୋର୍ଟ



ଦେଖାଇବେ, ସେମାନଙ୍କୁ ହିଁ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁମତି ମିଳିବ। ଏହି ସ୍ୱାସ୍ଥ୍ୟ ପାସ୍ ବ୍ୟବସ୍ଥା କେବଳ ୫୦ରୁ ଅଧିକ ଲୋକଙ୍କୁ ନେଇ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ପାଇଁ ଲାଗୁ ହେବ। ରେଷ୍ଟୁରାଣ୍ଟ ଓ କାଫେରେ ମଧ୍ୟ ଏହି ନିୟମ ଲାଗୁ ହେବ ବୋଲି ଜଣାପଡିଛି। ତେବେ ସର୍ବସାଧାରଣ ସ୍ଥାନ ଗୁଡିକ ପାଇଁ ସରକାର ସ୍ୱାସ୍ଥ୍ୟ ପାସ୍ ନିୟମ ଲାଗୁ କରିଥିବାରୁ ଏହାକୁ ନେଇ ବିବାଦ ଦେଖାଯାଇଛି। ଲୋକମାନଙ୍କୁ ସରକାର ଜୋରଜବରଦସ୍ତି ଟିକା ଦେବାକୁ ଚାହୁଁଥିବାରୁ ଏପରି ଏକ ସ୍ୱାସ୍ଥ୍ୟ ପାସ୍‌ର ➤ ପୃ-୬






# 'ଠକୁଛି କେନ୍ଦ୍ର, ଶୋଇଛି ରାଜ୍ୟ'

ଭୁବନେଶ୍ୱର : ରାଜ୍ୟ ମାନଙ୍କର ବିକାଶରେ କେନ୍ଦ୍ରରେ ବିକାଶ ହୁଏ। ଦୃଢ଼ୋକ୍ତି କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟମାନଙ୍କ ପ୍ରତି ଅବିଚାର କରିଚାଲିଛନ୍ତି। ରାଜ୍ୟମାନଙ୍କୁ ଦିଆଯାଉଥିବା କେନ୍ଦ୍ରୀୟ ସହାୟତା ରାଶି ୨୦୧୪-୧୫ ଠାରୁ ଧାରାବାହିକ ଭାବରେ କମିକମି ଚାଲିଛି ବୋଲି ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରୀ ବେହେରା କ୍ଷୋଭ ପ୍ରକାଶକରି କହିଛନ୍ତି ରାଜ୍ୟ ବିଜେଡ଼ି କେନ୍ଦ୍ର ବିଜେପିର ଅବହେଳାକୁ ନୀରବରେ ସହି ଚାଲିଛି। ତାଙ୍କ ଅଭିଯୋଗର ଯଥାର୍ଥତା ପ୍ରତିପାଦନ କରି ସେ ନିମ୍ନମତେ କେତେକ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ତଥ୍ୟ ଅନୁସାରେ ଉପାସରକାର ଅମଳରେ ୨୦୧୪ ମସିହା ପର୍ଯ୍ୟନ୍ତ ରାଜ୍ୟମାନଙ୍କୁ ଅର୍ଥକମିଶନ କରିଥିବା ସୁପାରିଶ ଠାରୁ ନିୟମିତ ଭାବେ ଅଧିକ ଅର୍ଥ ହସ୍ତାନ୍ତର କରାଯାଉଥିଲା। ମୋଦି ସରକାର ଆସିବା ଠାରୁ ୨୦୧୪-୧୫ ମସିହାରୁ ଏହାର ବିପରୀତ ଗତି ଆରମ୍ଭ ହେଲା। ମୋଦି ସରକାରଙ୍କ ପ୍ରଥମ ୬ ବର୍ଷରେ (୨୦୧୪-୨୦୨୦) ରାଜ୍ୟମାନଙ୍କର ମିଳିଥିବା କେନ୍ଦ୍ରୀୟ ରାଶି ଅର୍ଥକମିଶନଙ୍କ ସୁପାରିଶ ତୁଳନାରେ ୩୭ ପ୍ରତିଶତ ହ୍ରାସ ପାଇଲା। ମୋଦୀ ସରକାର ସେସ୍ ଓ ସରଚାର୍ଜ ପରିମାଣ ବୃଦ୍ଧିକରି ରାଜ୍ୟମାନଙ୍କୁ ତାଙ୍କ ପ୍ରାପ୍ୟରୁ ବଂଚିତ କଲେ । ଏଠାରେ ଉଲ୍ଲେଖ୍ୟ ଯୋଗ୍ୟଯେ ସେସ୍ ଓ ସରଚାର୍ଯ ବାବଦରେ ୭ବର୍ଷ ଭିତରେ ଆଦାୟ କରିଥିବା ଆୟ ସମୁଦାୟ ରାଜସ୍ୱ ଆୟର ୭.୫ % ଅଧିକ ବୃଦ୍ଧି କରିଛନ୍ତି। ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ ପେଟ୍ରୋଲ ଉପରୁ ଲିଟରପ୍ରତି ଆଦାୟ କରୁଥିବା ଟ ୩୨.୯୦ପ. ଟିକସରୁ ଟ. ୨୦.୫୦ ପଇସା ସେସ୍ ଓ ସରଚାର୍ଯ ବାବଦରେ ନିଜସ୍ୱ ଆୟ ଆଦାୟ କରୁଛନ୍ତି ମାତ୍ର ଟ. ୧୨.୪୦ ପଇସା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆବଂଟନ କରୁଛନ୍ତି। ସେହିପରି ଭାବରେ ଡିଜେଲ ଉପରେ



ଲିଟର ପିଛା ଟ. ୩୧.୮୦ପ ଟିକସ ଆଦାୟ କରୁଥିବା ସ୍ଥଳେ ମାତ୍ର ଟ. ୯.୮୦ ପଇସାରୁ ରାଜ୍ୟ ମାନଙ୍କୁ ଭାଗ ଦେଉଛନ୍ତି। ଫଳତଃ ରାଜ୍ୟମାନେ କ୍ଷତି ସହୁଛନ୍ତି। ପଂଚଦଶ ଅର୍ଥକମିଶନ ସୁପାରିଶକୁ ମଧ୍ୟ କେନ୍ଦ୍ର ଉପେକ୍ଷା କରୁଛି। ସୁପାରିଶ ସମୟର ପ୍ରଥମ ବର୍ଷ ଅର୍ଥାତ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ବଜେଟ ଆକଳନରେ ରାଜ୍ୟମାନଙ୍କୁ ହସ୍ତାନ୍ତର ପାଣ୍ଠିକୁ ମାତ୍ର ୩୦ପ୍ରତିଶତରେ ସୀମିତ ରଖାଯାଇଛି। ଯାହା ଅର୍ଥକମିଶନଙ୍କ ସୁପାରିଶ ଠାରୁ ୧୧% କମ। ପରିଣାମ ସ୍ୱରୂପ କ୍ଷତି ସହୁଛନ୍ତି ରାଜ୍ୟମାନେ। କ୍ଷତିସହୁଛି ଓଡ଼ିଶା। ଡ. ରଘୁରାମ ରାଜନ କମିଟିର ସୁପାରିଶକୁ ଉପାସରକାର ନୀତିଗତ ଭାବରେ କାର୍ଯ୍ୟକରିବାକୁ ନିଷ୍ପତି କରିଥିଲେ ହେଁ ମୋଦି ସରକାର ଏହାକୁ ଗ୍ରହଣ କଲେ ନାହିଁ। ଏହି ସୁପାରିଶ କାର୍ଯ୍ୟକାରୀ ହୋଇଥିଲେ ଓଡ଼ିଶା ପ୍ରକୃତଭାବେ ଉପକୃତ ପାଇଥାନ୍ତା। କାରଣ ଓଡ଼ିଶା କମିଟିର ନିର୍ଣ୍ଣୟ ଅନୁସାରେ ୧୧ଟି ନ୍ୟୁନତମ ବିକଶିତ ରାଜ୍ୟତାଲିକାରେ ଶୀର୍ଷରେ ଥିଲା। ଏହା ଓଡ଼ିଶାର ଅନଗ୍ରସରତା ପ୍ରତି କେନ୍ଦ୍ରର ଉପହାସ ନୁହେଁ ତ ଆଉ କ'ଣ? ଖଣି ରୟାଲଟି ସଂଶୋଧନ ନିମିତ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** - କାର୍ଯ୍ୟ ବ୍ୟସ୍ତତା ମଧ୍ୟରୁ ବାହାରି କିଛି ବିଶ୍ରାମ ନିଅନ୍ତୁ। ଅନେକ ଦିଗରୁ ଧନ ପ୍ରାପ୍ତି ଯୋଗ ଅଛି। ସନ୍ତାନ ସୁଖ ପ୍ରାପ୍ତି ଅଛି। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ଛାତ୍ର ଶିକ୍ଷାରେ ଶୁଭ ଫଳ ମିଳିବ। ପ୍ରେମ ସମ୍ପର୍କରେ ଉନ୍ନୀତ ହେବ।

**ବୃଷ** - ପୁରୁଣା ରୋଗରୁ ମୁକ୍ତି ମିଳିବ। ଖର୍ଚ୍ଚ ତୁଳନାରେ ଆୟ କମ୍ ପଡିବ। ପରିବାରର କୌଣସି କାର୍ଯ୍ୟକ୍ରମ ପାଇଁ ଅଧିକ ଧନ ଖର୍ଚ୍ଚ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ମନ ଲାଗିବ ନାହିଁ। ଛାତ୍ରମାନେ ସଫଳ ହେବେ। ପ୍ରେମୀମାନେ ନିଜର ବାକ୍ୟ ଉପରେ ଧ୍ୟାନ ଦିଅନ୍ତି।

**ମିଥୁନ** - ମାନସିକ ସ୍ଥିତି ଭଲ ରହିବ। ଅନେକ ଦିଗରୁ ଧନ ପ୍ରାପ୍ତି ଯୋଗ ଅଛି। କୌଣସି ପୁରୁଣା କଥା ଯୋଗୁ ଅସୁବିଧା କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବେ।

**କର୍କଟ** - ପରିବାରର କୌଣସି ସଦସ୍ୟଙ୍କ ଖରାପ ସ୍ୱାସ୍ଥ୍ୟ ପାଇଁ ବିବ୍ରତ ହେବେ। ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ବଢ଼ିବ। ଶିକ୍ଷା କ୍ଷେତ୍ରରେ ବିଦେଶ ଶିକ୍ଷାର ସ୍ୱପ୍ନ ପୂରଣ ହୋଇପାରେ। ଜୀବନସାଥୀଙ୍କ ସହ ଥିବା ପୁରୁଣା ମତାନ୍ତର ଦୂରହେବ।

**ସିଂହ** - ରୋଗ ପାଇଁ ଅଧିକ ଖର୍ଚ୍ଚ ଆପଣଙ୍କୁ ବିବ୍ରତ କରିପାରେ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କାର୍ଯ୍ୟକ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ହେବ। ପ୍ରଶଂସିତ ହେବେ। ଶିକ୍ଷାରେ ସଫଳତା ମିଳିବ।

**କନ୍ୟା** - ଖାଦ୍ୟପେୟରେ ଧ୍ୟାନ ଦିଅନ୍ତୁ। ପେଟ ସମସ୍ୟା ହୋଇପାରେ। ଖର୍ଚ୍ଚରେ ବୃଦ୍ଧି ହେବ। ନିଜର ଲୋକ ଧୋକା ଦେଇପାରନ୍ତି। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ସଫଳ ହେବେ। ଶିକ୍ଷା କ୍ଷେତ୍ରରେ ମାନସିକ ଅଶାନ୍ତି ଅନୁଭବ କରିବେ।

**ତୁଳା** - ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଅଦରକାରୀ ଖର୍ଚ୍ଚରୁ ଦୂରେଇ ରହନ୍ତୁ। ତୀର୍ଥଯାତ୍ରାରେ ଯାଇପାରନ୍ତି। ଛାତ୍ରମାନଙ୍କୁ ଅତ୍ୟଧିକ ଆତ୍ମବିଶ୍ୱାସ ଅସୁବିଧାରେ ପକାଇପାରେ। ପ୍ରିୟତମଙ୍କୁ ଉପହାର ଦେଇପାରନ୍ତି।

**ବିଛା** - ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ପରିବାରରେ ସମ୍ପର୍କରେ ଉନ୍ନତିରେ ବାଧା ହେବ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଛାତ୍ରମାନଙ୍କ ପାଇଁ ଅନେକ ସଫଳ ଖବର ଦେବ।

**ଧନୁ** - ଆଖିର ସମସ୍ୟା ଦୂର ହେବ। ନୂତନ ଧନ ସ୍ରୋତର ସଫଳତା ମିଳିବ। ପରିବାର ପ୍ରତି ଧ୍ୟାନ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ଅନେକ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ ଅଳସୁଆମୀ ତ୍ୟାଗ କରନ୍ତୁ।

**ମକର** - ଆରାମ କରନ୍ତୁ। ଅଚାନକ ଧନପ୍ରାପ୍ତି ଯୋଗ ଅଛି। ପରିବାରରେ ଖର୍ଚ୍ଚ କରିବେ। ପୁରୁଣା ବିବାଦର ସମାପ୍ତି ହେବ। ଛାତ୍ରମାନେ ପରିଶ୍ରମର ଭଲ ଫଳ ପାଇବେ। ପ୍ରେମୀମାନେ ସୁନ୍ଦର ସମୟ ବିତାଇବେ।

**କୁମ୍ଭ** - ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ନିଜେ ଯତ୍ନବାନ ହୁଅନ୍ତୁ। ଭଲ ଦରମା ସହ ନୂଆ ଚାକିରି ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ଥିବା ସମସ୍ତ ବିବାଦର ସମାଧାନ ହୋଇପାରେ। ଚାକିରିରେ ପଦୋନ୍ନତିର ସମ୍ଭାବନା ଅଛି। ଛାତ୍ରମାନେ ପରିଶ୍ରମର ଫଳ ପାଇବେ।

**ମୀନ** - ବ୍ୟାୟାମ କରନ୍ତୁ। ନୂତନ ବ୍ୟବସାୟରୁ ଖୁବ୍ ଧନପ୍ରାପ୍ତି ଯୋଗ ଅଛି। ବେକାରୀମାନେ ରୋଜଗାର କ୍ଷମ ହୋଇପାରିବେ। ସୁଯୋଗର ସଦବ୍ୟବହାର କରନ୍ତୁ। ପରିବାରରେ ସୁଖଶାନ୍ତିର ବାତାବରଣ ଦେଖାଦେବ। ପ୍ରେମୀମାନେ ଉଭୟଙ୍କ ପ୍ରତି ଆକର୍ଷିତ ହେବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୧୪ ମାସରେ ଅନାଥ ହୋଇଛନ୍ତି ୧.୧୯ ଲକ୍ଷ ଶିଶୁ

**ନୂଆଦିଲ୍ଲୀ :** କରୋନା ମହାମାରୀ ଯୋଗୁଁ ଅନେକ ପରିବାର ପ୍ରଭାବିତ ହୋଇଛି। କିଏ ବାପା, ମାକୁ ହରାଇଛି ତ ଆଉ କିଏ ଭେଣ୍ଡିଆ ପୁଅକୁ ହରାଇଛି। କରୋନାର ଦ୍ୱିତୀୟ ଲହର ଭାରତ ସମେତ ଅନେକ ଦେଶରେ ମୃତ୍ୟୁର ବିଭୀଷିକା ରଚିଥିଲା। ଏହି ସମୟରେ ପ୍ରାୟତଃ ଅନେକ ପରିବାର ଛାରଖାର ହୋଇଯାଇଛି। ମୁଖ୍ୟତଃ ଯେଉଁ ଛୋଟ ଛୁଆ ବାପା, ମାକୁ ହରାଇଛନ୍ତି ସେମାନେ ଏବେ ଜୀବନ ଯୁଦ୍ଧରେ ଆଗାମୀ ଦିନରେ କିଭଳି ଆଗକୁ ବଢ଼ିବେ ତାହା ଚିନ୍ତାଜନକ। ଲାନସେ ନାମକ ମେଡିକାଲ ଜର୍ଣ୍ଣାଲ ବା ପତ୍ରିକା ଏହାକୁ ନେଇ ଏକ ରିପୋର୍ଟ ଜାରି କରିଛି ଯେଉଁଥିରେ ଭାରତ ସମେତ ୨୧ଟି ଦେଶରେ ପ୍ରାୟ ୧୫ ଲକ୍ଷ ପିଲା ଅନାଥ ହୋଇଥିବା ଦାବି କରିଛି। ଦ ଲାନସେଟରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ମହାମାରୀର ପ୍ରଥମ ୧୪ ମାସରେ ୨୧ଟି ଦେଶରେ ୧୫ ଲକ୍ଷରୁ ଅଧିକ ପିଲା ନିଜ ବାପା, ମାଙ୍କୁ ହରାଇଛନ୍ତି। ଏଥିମଧ୍ୟରୁ ୧ ଲକ୍ଷ ୧୯ ହଜାର ପିଲା କେବଳ ଭାରତର। ଭାରତରରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡ୍ରଗ୍ ଆବ୍ୟୁଜ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଦ୍ୱାରା କରାଯାଇଥିବା ଅଧ୍ୟୟନରେ କୁହାଯାଇଛି ଯେ କରୋନାରେ ଭାରତରେ ୨୫,୫୦୦ ପିଲା ନିଜ ମା'ଙ୍କୁ ହରାଇଥିବାବେଳେ ୯୦,୭୫୧ ଜଣ ନିଜ ବାପାଙ୍କୁ ହରାଇଛନ୍ତି। ଏଥିମଧ୍ୟରୁ ୧୨ ପିଲାଙ୍କ ସଂଖ୍ୟା ଏପରି, ଯେଉଁମାନେ ଉଭୟ ବାପା, ମାଆଙ୍କୁ ହରାଇଥିଲେ। ଏହି ସଂଖ୍ୟା ସର୍ଭେରେ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ମଧ୍ୟରୁ ଜଣାପଡ଼ିଛି। ସେହିପରି ସମାନ କାରଣ ପାଇଁ ୧,୧୩୪,୦୦୦ ପିଲା ସେମାନଙ୍କ ବାପା, ମା ସହିତ ଜେଜେ ବାପା ଓ ମାଙ୍କୁ ହରାଇଛନ୍ତି।



ସେଥିମଧ୍ୟରୁ ୧୦,୪୨ ହଜାର ପିଲା ନିଜ ମା, ବାପା କିମ୍ବା ଉଭୟଙ୍କୁ ହରାଇଛନ୍ତି। ୧,୫୬୨,୦୦୦ ପିଲା ଅନ୍ତତଃ ପକ୍ଷେ ଜଣେ ବାପା କିମ୍ବା ମା କିମ୍ବା ଜେଜେ ବାପା ନହେଲେ ବୟସ୍କ ସମ୍ପର୍କୀୟଙ୍କୁ ହରାଇଛନ୍ତି ବୋଲି ଏନଆଇଏଚ ପ୍ରକାଶ କରିଛି। ଲାନସେ ଦ୍ୱାରା ପ୍ରକାଶିତ ଏହି ତଥ୍ୟ ଅନୁଯାୟୀ ୨୧ଟି ଦେଶ ମଧ୍ୟରୁ ଦକ୍ଷିଣ ଆଫ୍ରିକା, ପେରୁ, ଆମେରିକା, ଭାରତ, ବ୍ରାଜିଲ ଏବଂ ମେକ୍ସିକୋର ପିଲାମାନେ ତାଙ୍କର ଯତ୍ନ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବାପା, ମା କିମ୍ବା ଜେଜେ ବାପା ଓ ମାଙ୍କୁ ଅଧିକ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ ୨,୮୯୮ ଭାରତୀୟ ଶିଶୁ ସେମାନଙ୍କର ଜଣେ ଜେଜେ ବାପାଙ୍କୁ ହରାଇଥିବାବେଳେ ନଅ ଜଣ ଉଭୟ ଜେଜେ ବାପା ଓ ମାଙ୍କୁ ହରାଇଥିଲେ। ତେବେ, ଭାରତରେ ହଜାରେ ପିଲାଙ୍କ ମଧ୍ୟରେ ବାପା, ମା ଏବଂ ଅଭିଭାବକ ମୃତ୍ୟୁହାର ୦.୫ ରହିଛି, ଆମେରିକା ୧.୮, ଋଷିଆ ୨.୦, କଲମ୍ବିଆ ୩.୪, ବ୍ରାଜିଲ ୩.୫, ମେକ୍ସିକୋ ୫.୧, ଦକ୍ଷିଣ ଆଫ୍ରିକା ୬.୪, ପେରୁ ୧୪.୧ ରହିଛି।

## 'ଜାତିଭିତ୍ତିକ ଜନଗଣନାକୁ କେନ୍ଦ୍ରର ନା'



**ନୂଆଦିଲ୍ଲୀ :** ଜାତୀୟ ଜନଗଣନା ବେଳେ କେଉଁ ଜାତିର କେତେ ଲୋକ ଦେଶରେ ଅଛନ୍ତି, ତା'ର ଗଣତି କରାଯିବ ନାହିଁ। କେବଳ ଜନଗଣନା ବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା ଗଣତି କରାଯିବ। ଏହା ବ୍ୟତୀତ ଆଉ କୌଣସି ଜାତି ଆଧାରରେ କେତେ ଲୋକ ଅଛନ୍ତି, ତା'କୁ ଜନଗଣନାରେ ସାମିଲ କରାଯିବ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜାତିଭିତ୍ତିକ ଜନଗଣନା କରିବା ପାଇଁ ଓଡ଼ିଶା ଓ ମହାରାଷ୍ଟ୍ର ସରକାର ଦାବି କରିଥିଲେ। ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ କୁହାଯାଇଛି ଯେ ଓଡ଼ିଶା ଓ ମହାରାଷ୍ଟ୍ର ସରକାର ଆସନ୍ତା ଜାତୀୟ ଜନଗଣନା ବେଳେ କେଉଁ ଜାତିର କେତେ ଲୋକ ଦେଶରେ ରହୁଛନ୍ତି, ତା'ର ବିସ୍ତୃତ ତଥ୍ୟ ସଂଗ୍ରହ କରିବାକୁ କହିଥିଲେ। କିନ୍ତୁ ଭାରତ ସରକାର ଏସ୍‌ସି ଓ ଏସ୍‌ଟିକୁ ଛାଡ଼ି ଅନ୍ୟ କୌଣସି ଜାତିଭିତ୍ତିକ ଜନଗଣନା କରାଯାଇ ପାରିବ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ମାସରେ ମଧ୍ୟ କେନ୍ଦ୍ର ସରକାର ୨୦୧୧ ଜନଗଣନା ବେଳେ ସଂଗ୍ରହ ହୋଇଥିବା ଜାତିଭିତ୍ତିକ ତଥ୍ୟକୁ ସାର୍ବଜନୀନ କରାଯିବ ନାହିଁ ବୋଲି ସଂସଦକୁ ଅବଗତ କରାଇଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ରାଜ୍ୟସଭାକୁ କହିଥିଲେ ଯେ ସୋସିଓ-ଇକୋନୋମିକ ଓ ଜାତିଭିତ୍ତିକ ଜନସଂଖ୍ୟାର ଗଣନା ୨୦୧୧ରେ କରାଯାଇଥିଲା। ଗ୍ରାମୀଣ ଓ ସହର ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟକୁ ସଂଗୃହୀତ ତଥ୍ୟକୁ ହସ୍ତାନ୍ତର ହୋଇଥିଲା। ତେବେ ଏହାକୁ ବର୍ତ୍ତମାନ ଷ୍ଟେଜରେ ସାର୍ବଜନୀନ କରିବାର କୌଣସି ଯୋଜନା ନାହିଁ।

## 'ମୁସଲମାନଙ୍କ ସଂଖ୍ୟା ବଢ଼ାଇ ଭାରତକୁ ପାକିସ୍ତାନ କରିବାକୁ ପ୍ରୟାସ ହେଉଛି'

**ଗୌହାଟି :** ଦେଶରେ ମୁସଲମାନଙ୍କ ଜନସଂଖ୍ୟା ବଢ଼ାଇବାକୁ ପ୍ରୟାସ ହେଉଛି। ୧୯୩୦ ମସିହା ପାଖରୁ ଏପରି ପ୍ରୟାସ କରାଯାଉଛି। ଏଭଳି ପ୍ରୟାସର ଉଦ୍ଦେଶ୍ୟ ଭାରତରେ ମୁସଲମାନଙ୍କ ସଂଖ୍ୟା ବଢ଼ାଯାଇ ଏହାକୁ ପାକିସ୍ତାନ ଭଳି ଦେଶରେ ପରିଣତ କରିବାକୁ କିଛି ଗୋଷ୍ଠୀ ଯୋଜନା କରୁଛନ୍ତି। ରାଷ୍ଟ୍ରୀୟ ସ୍ୱୟମ ସେଭକ ସଂଘ (ଆରଏସଏସ)ର ମୁଖ୍ୟ ମୋହନ ଭାଗବତ ଏହା କହିଛନ୍ତି। ସେ କହିଛନ୍ତି, ଦେଶରେ ମୁସଲମାନଙ୍କ ସଂଖ୍ୟା ବଢ଼ାଯାଇ ପ୍ରଭାବ ବିସ୍ତାର କରିବାକୁ ଚାହୁଁଛନ୍ତି। ତେଣୁ ଅଧିକ ଜନସଂଖ୍ୟା ବଢ଼ାଇବାକୁ ମୁସଲମାନ ବର୍ଗ ଗୁରୁତ୍ୱ ଦେଇଛନ୍ତି। ପଞ୍ଜାବ, ସିନ୍ଧ, ଆସାମ ଏବଂ ବେଙ୍ଗଲରେ ଏଭଳି ପ୍ରୟାସ ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଅଧିକ ରହିଛି। ଆରଏସଏସ ମୁଖିଆ ଏହି ଅବସରରେ କହିଛନ୍ତି ସିଏଏ ଏବଂ ଏନଆରସି କୌଣସି ଭାରତୀୟ ତଥା ଭାରତରେ ବସବାସ କରୁଥିବା କୌଣସି ଧର୍ମର ନାଗରିକଙ୍କୁ କ୍ଷତି ପହଞ୍ଚାଇବ ନାହିଁ। ସେହି ବ୍ୟକ୍ତି ମୁସଲମାନ ଧର୍ମର ହୋଇଥିଲେ ମଧ୍ୟ ସେ ଏହି ସିଏଏ ଦ୍ୱାରା ପ୍ରଭାବିତ ହେବେ ନାହିଁ। କିନ୍ତୁ କିଛି ବର୍ଗ ଏହାକୁ ରାଜନୀତିକ ଉଦ୍ଦେଶ୍ୟ ରଖି ଆଇନ ବିରୋଧରେ ଗୋଟିଏ ଏଜେଣ୍ଡାକୁ ବିସ୍ତାର କରୁଛନ୍ତି। ଯେଉଁଥିପାଇଁ ଏହାକୁ ନେଇ ମୁସଲମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଦେଶ ସ୍ୱାଧୀନ ପାଇବା ପରେ ପ୍ରଥମ ଥର ପାଇଁ କୌଣସି ପ୍ରଧାନମନ୍ତ୍ରୀ ଦେଶର ଅଳ୍ପ ସଂଖ୍ୟକଙ୍କୁ ସୁରକ୍ଷା ଯୋଗାଇବା ସହିତ ସେମାନଙ୍କର ଯତ୍ନ ନିଆଯିବ ବୋଲି ସେ କହିଛନ୍ତି। ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ। କୌଣସି ମୁସଲମାନ ସିଏଏ ପାଇଁ ନାଗରିକତ୍ୱ ହରାଇବେ ନାହିଁ।



କରୋନା ମହାମାରୀ ବେଳେ ମଧ୍ୟ ସରକାର ଏହି ବର୍ଗର ଲୋକଙ୍କୁ ସମସ୍ତ ପ୍ରକାରର ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ସିଏଏ ଏବଂ ଏନଆରସି କୌଣସି ଭାରତୀୟଙ୍କ ବିରୋଧରେ ତିଆରି ହୋଇନାହିଁ। ୧୯୫୦ରେ ନେହରୁ-ଲିଆକ୍ତ ଚୁକ୍ତି ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଭାରତ ଏବଂ ପାକିସ୍ତାନ ନିଜ ନିଜ ଦେଶର ଅଳ୍ପ ସଂଖ୍ୟକଙ୍କୁ ସୁରକ୍ଷା ଯୋଗାଇ ଦେବେ। ଯଦିଓ ଭାରତକୁ ଏହାକୁ ଅନୁସରଣ କରୁଛି ହେଲେ ପାକିସ୍ତାନ ଏ ଦିଗରେ ସମ୍ପୂର୍ଣ୍ଣ ବିଫଳ ବୋଲି ଆରଏସଏସ ମୁଖିଆ କହିଛନ୍ତି। ଭାରତ ବାହାର ଦେଶର ଲୋକଙ୍କୁ ସବୁବେଳେ ସ୍ୱାଗତ କରେ। ହେଲେ ଏଠିକାର କିଛି ବ୍ୟକ୍ତି ସେହି ଲୋକଙ୍କୁ ଖାଦ୍ୟ, ଚଳଣି ଏବଂ ଧର୍ମ ଆଧାରରେ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ଏଭଳି ହେବା ଦ୍ୱାରା ସେମାନେ ଭୟରେ ଅଛନ୍ତି ବୋଲି ଭାଗବତ କହିଛନ୍ତି।

## ଅକ୍ସିଜେନ ଅଭାବରୁ କରୋନାରେ କାହାର ମୃତ୍ୟୁ ହୋଇନି



**ନୂଆଦିଲ୍ଲୀ :** ମହାମାରୀ କରୋନାର ଦ୍ୱିତୀୟ ୱେ ଅକ୍ସିଜେନ ପାଇଁ ଲୋକଙ୍କ ମଧ୍ୟରେ କେଉଁ ଭଳି ହାହାକାର ସ୍ଥିତି ସୃଷ୍ଟି ହୋଇଥିଲା, ସେକଥା ସମସ୍ତେ ଜାଣିଛନ୍ତି। ଦେଶଠାରୁ ବିଶ୍ୱସ୍ତରୀୟ ଗଣମାଧ୍ୟମରେ ଅକ୍ସିଜେନ ଅଭାବ କଥା ପ୍ରକାଶ ପାଇଥିଲା। ଅନେକ ରାଜ୍ୟରେ ଅକ୍ସିଜେନ ଅଭାବରୁ ଶହ ଶହ ଲୋକ ପ୍ରାଣ ହରାଇଥିବା ରିପୋର୍ଟ ସାମ୍ନାକୁ ଆସିଥିଲା। ହେଲେ ଆଜି କେନ୍ଦ୍ର ସରକାର ରାଜ୍ୟସଭାକୁ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିବା ଭଳି ରିପୋର୍ଟ ଦେଇଛନ୍ତି। କରୋନାର ଦ୍ୱିତୀୟ ୱେଭ ବେଳେ କୌଣସି ରୋଗୀ ନିର୍ଦ୍ଦିଷ୍ଟ ଭାବେ ଅକ୍ସିଜେନ ଅଭାବରୁ ପ୍ରାଣ ହରାଇ ନାହାନ୍ତି। ଅକ୍ସିଜେନ ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳ ରିପୋର୍ଟ ଦେଇ ନଥିବା କେନ୍ଦ୍ର ସରକାର ଗୃହକୁ ଅବଗତ କରାଇଛନ୍ତି। କେନ୍ଦ୍ର ସରକାର କହିଛନ୍ତି ଯେ, ଅକ୍ସିଜେନ ଅଭାବରୁ କାହାର ମୃତ୍ୟୁ ଘଟିନାହିଁ। କିନ୍ତୁ ଦ୍ୱିତୀୟ ୱେଭର ପିକ୍ ବେଳେ ଅକ୍ସିଜେନର ଚାହିଦା ଆଶାତୀତ ଭାବେ ବଢ଼ିଥିଲା। ପ୍ରଥମ ୱେଭ ବେଳେ ୩୦୯୫ ମେଟ୍ରିକ୍ ଟନ୍ ଆବଶ୍ୟକ ପଡୁଥିବା ବେଳେ ଦ୍ୱିତୀୟ ୱେଭ ବେଳେ ଏହା ପ୍ରାୟ ୯୦୦୦ ଏମ୍‌ଟିରେ ପହଞ୍ଚି ଯାଇଥିଲା। ଏହି କାରଣରୁ କେନ୍ଦ୍ର ସରକାର ଅକ୍ସିଜେନ ଯୋଗାଣରେ ହସ୍ତକ୍ଷେପ କରି ସବୁ ରାଜ୍ୟକୁ ଆବଶ୍ୟକ ଅନୁଯାୟୀ ଅକ୍ସିଜେନ ଦେଇଥିଲେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ୱେଭ ବେଳେ କ'ଣ ଅକ୍ସିଜେନ ଅଭାବରୁ ଲୋକମାନେ ରାସ୍ତା ଓ ହସ୍ପିଟାଲରେ ପ୍ରାଣ ହରାଇଥିଲେ କି ବୋଲି ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପରବୀନ ପାୱାର କହିଛନ୍ତି, ସ୍ୱାସ୍ଥ୍ୟ ହେଉଛି ଗୋଟିଏ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ବ୍ୟାପାର। ସେମାନେ ନିୟମିତ ଭାବେ ସଂକ୍ରମଣ ଓ ମୃତ୍ୟୁସଂଖ୍ୟାର ତାଲିକା କେନ୍ଦ୍ରକୁ ପଠାନ୍ତି। ମୃତ୍ୟୁର ତଥ୍ୟ ରିପୋର୍ଟ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଗାଇଡଲାଇନ ଜାରି ମଧ୍ୟ କରାଯାଇଛି। ଏହି ସମୟରେ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ କୌଣସି ମୃତ୍ୟୁ ଅକ୍ସିଜେନ ଅଭାବରୁ ନିର୍ଦ୍ଦିଷ୍ଟ ଭାବେ ଘଟିନଥିବାର ସୂଚନା ଦେଇ ନାହାନ୍ତି ବୋଲି ସେ କହିଛନ୍ତି।

## 'ପିଲାଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ'


**ନୂଆଦିଲ୍ଲୀ :** ମହାମାରୀ କରୋନାର ବିପଦ ଏଯାଏ ଦେଶବାସୀଙ୍କ ଉପରୁ ଟଳିନାହିଁ। ଦେଶର ମୋଟ ଜନସଂଖ୍ୟାର ଦୁଇ ତୃତୀୟାଂଶ ଲୋକଙ୍କ ଶରୀରରେ କରୋନାକୁ ମାତ୍ ଦେବାକୁ ଆଣ୍ଟିବଡି ସୃଷ୍ଟି ହୋଇସାରିଛି ସତ, ମାତ୍ର ଏବେ ୪୦ କୋଟି ଜନସାଧାରଣ ସଂକ୍ରମିତ ହେବାର ଆଶଙ୍କା ଥିବା ତାଲିକାରେ ରହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୪ର୍ଥ ଜାତୀୟ ସେରୋସର୍ଭେ ରିପୋର୍ଟ ଜାରି କରାଯାଇ ଏପରି ତଥ୍ୟ ଦିଆଯାଇଛି। ଏହି ସର୍ଭେ ବେଳେ ଆଇସିଏମ୍‌ଆର ଛୋଟ ପିଲାମାନଙ୍କୁ ମଧ୍ୟ ସାମିଲ କରିଥିଲା। ସେମାନଙ୍କ ପ୍ରତି କରୋନାର ବିପଦ କେତେ ରହିଛି ଓ ସେମାନଙ୍କ ଶରୀରରେ ଆଣ୍ଟିବଡି ରହିଛି କି ନାହିଁ, ସେକଥା ଜାଣିବା ପାଇଁ ସର୍ଭେ ବେଳେ ସେମାନଙ୍କ ନମୁନା ସଂଗ୍ରହ କରାଯାଇଥିଲା। ସର୍ଭେରୁ ଜଣାପଡିଛି ଯେ,



ଦେଶର ୬୭.୬% ଲୋକଙ୍କ ଶରୀରରେ କରୋନାକୁ ମାତ ଦେବାକୁ ଆଣ୍ଟିବଡି ସୃଷ୍ଟି ହୋଇସାରିଛି। ୬ ରୁ ୧୭ ବର୍ଷ ବୟସର ୫୦% ପିଲା କରୋନା ଭାଇରସ ସଂସ୍ପର୍ଶରେ ଆସିସାରିଛନ୍ତି। ଏହାକୁ ସେମାନେ ମାତ ଦେଇ ନିଜ ଶରୀରରେ ଆଣ୍ଟିବଡି ସୃଷ୍ଟି କରି ସାରିଛନ୍ତି। ୪୫ ରୁ ୬୦ ବର୍ଷ ବୟସର ଲୋକଙ୍କ ମଧ୍ୟରେ ସବୁଠାରୁ ଅଧିକ (୭୭.୬%) ଆଣ୍ଟିବଡି ରହିଛି। ୬୦ ରୁ ଅଧିକ ବୟସର ଲୋକଙ୍କ ମଧ୍ୟରେ ୭୬.୭%, ୧୮ ରୁ ୪୪ ବର୍ଷ ବୟସର ଲୋକଙ୍କ ମଧ୍ୟରେ ୬୬.୭%, ୬ ରୁ ୯ ବର୍ଷ ବୟସର ପିଲାଙ୍କ ମଧ୍ୟରେ ୫୭.୨% ଓ ୧୦ ରୁ ୧୭ ବର୍ଷ ବୟସର ପିଲାଙ୍କ ମଧ୍ୟରେ ୬୧.୬% ଆଣ୍ଟିବଡି ରହିଥିବା ସର୍ଭେରୁ ଜଣାପଡିଛି। ଗ୍ରାମାଞ୍ଚଳର ୬୬.୭% ଓ ସହରାଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଆଣ୍ଟିବଡି ୬୯.୬% ରହିଛି। ସର୍ଭେ ରିପୋର୍ଟ ଜାରି କରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ସବୁ ରାଜ୍ୟ ଓ ଜିଲ୍ଲାରେ ଆଣ୍ଟିବଡିର ପ୍ରତିଶତ କମ ରହିଛି, ସେଠାରେ କରୋନାର ଏକାଧିକ ୱେଭ ଆସିବାର ଆଶଙ୍କା ରହିଛି। ୪୦ କୋଟି ଲୋକଙ୍କ ପ୍ରତି ବିପଦ ଥିବାରୁ ସମସ୍ତଙ୍କୁ ସତର୍କ ରହିବା ଉଚିତ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆଇସିଏମ୍‌ଆର ଡିଜି ବଳରାମ ଭାର୍ଗବ କହିଛନ୍ତି, ୪ର୍ଥ ରାଉଣ୍ଡ ସେରୋସର୍ଭେ ଜୁନ୍‌ରୁ ଜୁଲାଇ ମଧ୍ୟରେ ଦେଶର ୭୦ଟି ଜିଲ୍ଲାରେ କରାଯାଇଥିଲା। ୨୮ ହଜାରରୁ ଅଧିକ ଲୋକଙ୍କ ନମୁନା ସର୍ଭେ ବେଳେ ସଂଗ୍ରହ କରାଯାଇଥିଲା। ଟିକା ନେଉଥିବା ବ୍ୟକ୍ତିଙ୍କ ତୁଳନାରେ ଟିକା ନେଇଥିବା ଲୋକଙ୍କ ଶରୀରରେ ଅଧିକ ଆଣ୍ଟିବଡି ଦେଖିବାକୁ ମିଳିଛି। ଟିକା ନେଇ ନଥିବା ଲୋକଙ୍କ କ୍ଷେତ୍ରରେ ୬୨.୩% ଆଣ୍ଟିବଡି ରହିଥିବା ବେଳେ ଟିକାର ଗୋଟିଏ ଡୋଜ୍ ନେଇଥିବା ଲୋକଙ୍କ କ୍ଷେତ୍ରରେ ଏହା ୮୧% ରହିଛି। ସେହିପରି ଦୁଇଟି ଯାକ ଡୋଜ୍ ନେଇଥିବା ଲୋକଙ୍କ କ୍ଷେତ୍ରରେ ଆଣ୍ଟିବଡିର ପରିମାଣ ୮୯.୮% ରହିଛି। ଛୋଟ ପିଲାମାନଙ୍କ ସହ ପ୍ରତି ଜିଲ୍ଲାରୁ ୧୦୦ ଜଣ ଲେଖାଏ ସ୍ୱାସ୍ଥ୍ୟକର୍ମୀଙ୍କୁ ସର୍ଭେରେ ସାମିଲ କରାଯାଇଥିଲା ବୋଲି ସେ କହିଛନ୍ତି।

# 'ଲୋକଙ୍କ ଦୁଃଖରୁ ଲାଭ ଉଠାଉଛନ୍ତି ଘରୋଇ ହସ୍ପିଟାଲ'

**ନୂଆଦିଲ୍ଲୀ :** ମହାମାରୀ କରୋନା ସମୟରେ ଘରୋଇ ହସ୍ପିଟାଲ ଗୁଡିକ ଲୋକଙ୍କ ଦୁଃଖରୁ ଲାଭ ଉଠାଉଛନ୍ତି। ରାଜ୍ୟ ସରକାର ଗୁଡିକ ଘରୋଇ ଡାକ୍ତରଖାନାକୁ ଅନୁମତି ନଦେଇ ସରକାରୀ କ୍ଷେତ୍ରରେ ଅଧିକ ଉନ୍ନତ ହସ୍ପିଟାଲ ଖୋଲିବା ଦରକାର। ଏଥିସହ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ନଥିବାରୁ ନିଆଁ ଲାଗି ଅନେକ ଲୋକ ପ୍ରାଣ ମଧ୍ୟ ହରାଇଛନ୍ତି। ଏହାକୁ ନେଇ ଆଜି ସୁପ୍ରିମ୍‌କୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଲୋକଙ୍କ ଦୁଃଖ ଉପରୁ ଲାଭ ଉଠାଇ ହସ୍ପିଟାଲ ଗୁଡିକ ନିଜକୁ ବଡବଡ ଶିଳ୍ପସଂସ୍ଥାରେ ପରିଣତ କରିବାରେ ଲାଗିଛନ୍ତି। ଏପରି ସ୍ଥିତିରେ ଏଗୁଡିକୁ ବନ୍ଦ କରିଦେବା ଭଲ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ରାଜ୍ୟ ସରକାରମାନେ ଛୋଟ ଛୋଟ ଆବାସିକ ଅଞ୍ଚଳରେ ଘରୋଇ ହସ୍ପିଟାଲକୁ ଅନୁମତି ଦେବା ବଦଳରେ ଲୋକଙ୍କୁ ସରକାରୀ କ୍ଷେତ୍ରରେ ଭଲ ହସ୍ପିଟାଲର ସୁବିଧା ଉପଲବ୍ଧ କରାଇପାରିବେ ବୋଲି କୋର୍ଟ ମତ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ ଓ ଜଷ୍ଟିସ ଏମ୍‌ଆର ଶାହାଙ୍କ ଖଣ୍ଡପୀଠ କହିଛନ୍ତି, ହସ୍ପିଟାଲ ଗୁଡିକ ଏବେ ଲୋକଙ୍କ ଦୁଃଖ ଉପରେ ବଡବଡ ଶିଳ୍ପସଂସ୍ଥାରେ ପରିଣତ କରିବାରେ ଲାଗିଛନ୍ତି। ଆମେ କେବେ ହେଲେ ସେମାନଙ୍କୁ ଲୋକଙ୍କ ଜୀବନକୁ ନେଇ ଏପରି ସଫଳତା କିମ୍ବା ଆର୍ଥିକ ସ୍ତରରେ ଶକ୍ତିଶାଳୀ ହେବାକୁ ଦେବୁନାହିଁ। ସେଭଳି ହସ୍ପିଟାଲ ଗୁଡିକୁ ଏବେ ବନ୍ଦ କରି ଦିଆଯାଉ। ଏହା ସମସ୍ତଙ୍କ ପାଇଁ ଭଲ ହେବ। ହସ୍ପିଟାଲ ଗୁଡିକ ପାଇଁ ଧାର୍ଯ୍ୟ ସୁରକ୍ଷା ସମ୍ପର୍କିତ ଅନୁମତି ତାରିଖକୁ ଗୁଜରାଟ ସରକାର ବୃଦ୍ଧି କରିଥିବାରୁ ଏହାକୁ ନେଇ ମଧ୍ୟ ସର୍ବୋଚ୍ଚ



ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଯାଇଥିଲେ। ସେ ଗୋଟିଏ ଦିନ ପରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥାଆନ୍ତେ। କିନ୍ତୁ ହସ୍ପିଟାଲରେ ଅଗ୍ନିକାଣ୍ଡ ଯୋଗୁ ତାଙ୍କର ମୃତ୍ୟୁ ଘଟିଲା। ଦୁଇଜଣ ନର୍ସ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଗଲେ। ଏହି ଘଟଣା ଆମ ଆଖି ଆଗରେ ଘଟିଛି। ଏହାସତ୍ତ୍ୱେ ଆମେ ଏପରି ହସ୍ପିଟାଲଗୁଡିକ ପାଇଁ ଧାର୍ଯ୍ୟ ସମୟକୁ ବୃଦ୍ଧି କରିବାରେ ଲାଗିଛେ। ହସ୍ପିଟାଲ ଗୁଡିକ ଏବେ ରିୟଲ-ଇଷ୍ଟେଟ ସଂସ୍ଥାରେ ପରିଣତ ହୋଇଛି। ଦୁଃଖରୁ ରୋଗୀଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ହସ୍ପିଟାଲ ଗୁଡିକ ସେମାନଙ୍କୁ ଟଙ୍କା ଉପାର୍ଜନର ମେସିନ ଭାବେ ବ୍ୟବହାର କରିବାରେ ଲାଗିଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ କହିଥିଲେ ଯେ, ଯଦି ଗୋଟିଏ ୧୦ ମହଲା ବିଲ୍ଡିଂରେ କୋଭିଡ୍ ରୋଗୀଙ୍କ ପାଇଁ ୪ ରୁ ୫ଟି ବେଡ୍ ଓ କୋଠାକୁ ବ୍ୟବହାର ଅନୁମତି ମିଳିନାହିଁ ତେବେ ତାହାକୁ ବନ୍ଦ କରିଦେଲେ କି ପ୍ରଭାବ ପଡିବ କଳ୍ପନା କରାଯାଉ। ଯଦି ଏପରି ହସ୍ପିଟାଲକୁ ଆମେ ବନ୍ଦ କରିଦେବା, ତା'ହେଲେ ମୋଟ ୩୦ ହଜାର ହସ୍ପିଟାଲ ବେଡ୍ ଉପଲବ୍ଧ ହେବନାହିଁ ବୋଲି ସେ କହିଛନ୍ତି। ଏହାର ଜବାବରେ ଜଷ୍ଟିସ ଚନ୍ଦ୍ରଚୂଡ କହିଛନ୍ତି, ଏଭଳି ବିଲ୍ଡିଂରେ ଥିବା ନର୍ସିଂ ହୋମର ଦୋଷତ୍ରୁଟିକୁ କେବେ ହେଲେ ମାର୍ଜନା କରାଯାଇପାରିବ ନାହିଁ। ଜଷ୍ଟିସ ଶାହା ଏହି ସମୟରେ କହିଛନ୍ତି ଯେ, କୋର୍ଟ ଯଦି କୌଣସି ନିର୍ଦ୍ଦେଶନାମା ଜାରି କରୁଛନ୍ତି, ତା'ହେଲେ ଏହାକୁ ହସ୍ପିଟାଲ ଗୁଡିକ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ, ତାକୁ ଆପଣ ଦେଖନ୍ତୁ। ରାଜ୍ୟ ସରକାର ସମସ୍ତ ସୁବିଧା ସୁଯୋଗ କୋଭିଡ୍ କେୟାର ସେଣ୍ଟରରେ ଉପଲବ୍ଧ କରାନ୍ତୁ। ଆମେ କେବେହେଲେ ଛୋଟ ଛୋଟ ଆବାସିକ ଅଞ୍ଚଳରେ ଏପରି ହସ୍ପିଟାଲକୁ ଅନୁମତି ଦେଇପାରିବୁ ନାହିଁ।

# ଭୂତ କାର୍ଡଧାରୀଙ୍କ ରାସନ ଖାଉଛି କିଏ ?



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ମହାମାରୀ ସମୟରେ ୮୦ କୋଟି ଲୋକଙ୍କୁ ମାଗଣାରେ ରାସନ ଦେବା ପାଇଁ ବ୍ୟବସ୍ଥା କରିଥିଲେ । କିନ୍ତୁ ରାଜ୍ୟରେ ବିଜେଡି ସରକାର ଏହି ଯୋଜନାରେ ବ୍ୟାପକ ହେରଫେର କରିବା ସହ ଖୋଦ୍ ମୁଖ୍ୟମନ୍ତ୍ରୀ ନିଜର ଆତ୍ମପ୍ରଚାର କରି ଓଡିଶାବାସୀଙ୍କୁ ଭ୍ରମିତ କରୁଛନ୍ତି । ରାଜ୍ୟ ସରକାର ରାଜ୍ୟରେ ଭୂତ ରାସନକାର୍ଡଧାରୀଙ୍କ ସଂଖ୍ୟା ବୃଦ୍ଧି କରି କେନ୍ଦ୍ରୀୟ ଅନୁଦାନକୁ ଲୁଟ୍ କରୁଛନ୍ତି ବୋଲି ବିଜେପି ରାଜ୍ୟ ସଂପାଦକ ଶ୍ରୀ ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ୯୨ ଲକ୍ଷ ୭୬ ହଜାର ୯୩୪ ରାସନକାର୍ଡ ଧାରୀ ଥିବାବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚଳିତ ବର୍ଷ ମେ ମାସରେ ମାତ୍ର ୮୭ ଲକ୍ଷ ୩୯ ହଜାର ୪୯୪ ଜଣ ରାସନ ନେଇଛନ୍ତି । ରାଜ୍ୟ ସରକାରଙ୍କ ସୂଚୀରୁ ୫ ଲକ୍ଷ ୪୩ ହଜାର ୬୯୯ ଜଣ ମାଗଣାରେ ରାସନ ନେଇ ନାହାଁନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ସେହି ମେ ମାସରେ ଜାତୀୟ ଖାଦ୍ୟ ସୁରକ୍ଷାରେ ୧ ଟଙ୍କା ଦେଇ ୮୮ଲକ୍ଷ ୭୬ ହଜାର ୧୬୨ ରାସନ ନେଇଛନ୍ତି । ଏହି ଯୋଜନାରେ ମଧ୍ୟ ୪ ଲକ୍ଷ ୦୭ ହଜାର ୦୩୧ଜଣ ରାସନ ନେଇ ନାହାଁନ୍ତି । ସେହିପରି ଜୁନ୍ ୨୦୨୧ରେ ୯୨ ଲକ୍ଷ ୭୭ ହଜାର ୪୮୫ ରାସନକାର୍ଡ ଧାରୀଙ୍କ ମଧ୍ୟରୁ ୮୮ ଲକ୍ଷ ୨୩ ହଜାର ୦୩୪ ଜଣ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାସନ ଉଠାଇଛନ୍ତି । ଜୁନ୍ ମାସରେ ୪ଲକ୍ଷ ୫୪ହଜାର ୪୫୧ଜଣ ରାସନ ନେଇ ନାହାଁନ୍ତି । ଜୁନ୍ ୨୦୨୧ରେ ଜାତୀୟ ଖାଦ୍ୟ ସୁରକ୍ଷାରେ ୯୨ ଲକ୍ଷ ୭୭ ହଜାର ୪୮୫ ରାସନକାର୍ଡ ଧାରୀଙ୍କ ମଧ୍ୟରୁ ୮୮ଲକ୍ଷ ୭୨ ହଜାର ୮୨୭ଜଣ ୧ ଟଙ୍କା ଦେଇ ରାସନ ନେଇଛନ୍ତି । ସେଥିରେ ମଧ୍ୟ ୪ ଲକ୍ଷ ୦୪ ହଜାର ୬୫୮ଜଣ ରାସନ ସଂଗ୍ରହ କରିନାହାଁନ୍ତି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ରାଜ୍ୟ ସରକାର ପାଖପାଖି ୫ ଲକ୍ଷ କାର୍ଡଧାରୀଙ୍କୁ ଗରିବ କଲ୍ୟାଣ ଯୋଜନାରେ ରାସନ ବାଂଟି ପାରିନାହାଁନ୍ତି । ଏହି ବଳକା ଭୂତ ରାସନକାର୍ଡଧାରୀ କେଉଁମାନେ ଏବଂ କେନ୍ଦ୍ର ଦେଉଥିବା ବଳକା ରାସନ ଯାଉଛି କୁଆଡେ ଏବଂ ଭୂତ କାର୍ଡଧାରୀଙ୍କ ରାସନ କିଏ ଖାଉଛି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡିଶାରେ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡଧାରୀଙ୍କ ମଧ୍ୟରେ ପାର୍ଥକ୍ୟ କାହିଁକି ଦେଖାଦେଉଛି ? ମାଗଣାରେ କମ୍ ସଂଖ୍ୟାରେ ହିତାଧିକାରୀ ରାସନ ନେଉଥିବା ସମୟରେ ୧ ଟଙ୍କା ଦେଇ କିପରି ଅଧିକ ସଂଖ୍ୟାରେ ହିତାଧିକାରୀ ରାସନ ନେଉଛନ୍ତି ? ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ରାଜ୍ୟରେ ଭୂତ ହିତାଧିକାରୀଙ୍କ ତାଲିକା ଓଡିଶା ସରକାର କେନ୍ଦ୍ରକୁ ଦେଇଛନ୍ତି ଏବଂ ଏଠି ରାଜ୍ୟରେ ରାଜ୍ୟ ସରକାର ଭୂତ ରାସନକାର୍ଡ ଧାରୀଙ୍କ ତାଲିକା ବଢାଇ ଚାଲିଛନ୍ତି । ଓଡିଶାର କରୋନାର ପ୍ରଥମ ଲହରରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପ୍ରାୟ ୯୫ ଲକ୍ଷ ୫୧ ହଜାର କାର୍ଡଧାରୀଙ୍କୁ ସରକାର ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ୩୦ଟି ଜିଲ୍ଲାକୁ ୯୫୫ କୋଟି ୧୬ ଲକ୍ଷ ୯୫ ହଜାର ଟଙ୍କା ଆବଂଟନ କରାଯାଇଥିଲା । କିନ୍ତୁ ଜିଲ୍ଲା ଯୋଗାଣ ଅଧିକାରୀମାନେ ରାଜ୍ୟ ସରକାରଙ୍କୁ ମାତ୍ର ୯୩୪ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (ୟୁସି) ପ୍ରଦାନ କରିଛନ୍ତି । ବଳକା ପ୍ରାୟ ୨ ଲକ୍ଷ ୫ ହଜାର କାର୍ଡଧାରୀଙ୍କୁ ୨୧ କୋଟି ଟଙ୍କା ବର୍ତ୍ତମାନ ସୁଦ୍ଧା ବଂଟନ କରାଯାଇ ପାରିଲା ନାହିଁ । ସେମାନଙ୍କ ରାସନ ନେଉଛି କିଏ ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି । ସରକାର ମାଗିଥିବା ଫର୍ମାଟ ଅନୁଯାୟୀ ଏପର୍ଯ୍ୟନ୍ତ ଆବଂଟନର ବିନିଯୋଗ ପତ୍ର ଦେଇପାରି ନାହାଁନ୍ତି । ରାଜ୍ୟ ସରକାର ୧୪ ଜୁଲାଇ ୨୦୨୧ ଏବଂ ୧୫ ମାର୍ଚ୍ଚ ୨୦୨୧ ରାଜ୍ୟର ବିଭିନ୍ନ ଜିଲ୍ଲାର ସିସିଏସଓ/ସିଏସଓମାନଙ୍କୁ ପତ୍ର ଲେଖି ସେହି ଫର୍ମାଟରେ ଆବଂଟନ ବିନିଯୋଗ ପତ୍ର ମାଗିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ୯୩୪ କୋଟି ବିନିଯୋଗ ପ୍ରମାଣ ପତ୍ର ସଂପୂର୍ଣ୍ଣ ଭାବେ ଭୁଲ୍ ଅଛି । ଏହା ସହ ଅନେକ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଆସିଥିବା ରାସନକୁ ରାଜ୍ୟ ସରକାର ଗୋଦାମ ଘରୁ ଉଠାଇନାହାଁନ୍ତି । ବରଗଡ, ଗଜପତି, ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ, ପୁରୀ, ସୁନ୍ଦରଗଡ ଜିଲ୍ଲାରେ ୯୫ ପ୍ରତିଶତରୁ କମ ଚାଉଳ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଉଠିନାହିଁ । ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ବଲାଙ୍ଗୀର, କଟକ, ଗଂଜାମ, ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦ୍ରାପଡା, ଖୋର୍ଦ୍ଧା, ମୟୁରଭଂଜ, ନବରଙ୍ଗପୁର, ନୟାଗଡ, ପୁରୀ , ସୁନ୍ଦରଗଡ ଜିଲ୍ଲାରେ ୯୦ ପ୍ରତିଶତରୁ କମ ଗହମ ପଡିରହିଛି । ଗରିବ ଲୋକଙ୍କୁ ୧ ହଜାର ଟଙ୍କା ଆବଂଟନରେ ହେରଫେର ମାମଲା ଲୋକାୟୁକ୍ତଙ୍କ ପାଖରେ ପଡି ରହିଛି । ଏହାର ଜବାବ ରାଜ୍ୟ ସରକାର ଲୋକାୟୁକ୍ତଙ୍କୁ ଦେଇ ପାରୁ ନାହାଁନ୍ତି ବୋଲି ଶ୍ରୀ ତ୍ରିପାଠୀ ଅଭିଯୋଗ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଏବଂ ଯତୀନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଥ ଅନିୟମିତତାକୁ ନେଇ ଭିଜିଲାନ୍ସ ତଦନ୍ତ

**ନରସିଂହପୁର:** ନରସିଂହପୁର ବ୍ଲକ ଅନ୍ତର୍ଗତ ବ୍ଲକ କାର୍ଯ୍ୟାଳୟ ପରିସରରେ ରହିଥିବା ଓଡିଶା ଜୀବିକା ମିଶନ କାର୍ଯ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଥ ଅନିୟମିତତାକୁ ନେଇ କଟକ ଭିଜିଲାନ୍ସ ଅଧିକାରୀଙ୍କ ତଦନ୍ତ ଶୁକ୍ରବାର ଅପରାହ୍ନରେ ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ ମା ପ୍ରଗଳା ସ୍ୱୟଂ ସହାୟକ ଗୋଷ୍ଠୀ କୁ ଆସିଥିବା ଅର୍ଥକୁ ଅନିୟମିତତା ଭାବେ ବ୍ୟବହୃତ ହୋଇଥିବା ଗତ ପ୍ରାୟ ଦୁଇ ବର୍ଷ ତଳେ ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗକୁ ଆଧାର କିର ଏକାଧିକ ଥର ତଦନ୍ତ ଜାରି ରହିଥିଲେ ମଧ୍ୟ ଆଜି କଟକ ଭିଜିଲାନ୍ସର ଅତିରିକ୍ତ ଆରକ୍ଷୀ ଅଧକ୍ଷ ତ୍ରିଲୋଚନ ସ୍ୱାଇଁଙ୍କ ନେତୃତ୍ୱରେ ଦୁଇ ଅଧିକାରୀ ଜୀବିକା ମିଶନ କାର୍ଯ୍ୟାଳୟ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଏବଂ ଜୀବିକା ମିଶନର କର୍ମକର୍ତ୍ତା ମାନଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରିଥିଲେ । ଏହି ଘଟଣା ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧକ୍ଷ ଶ୍ରୀ ସ୍ୱାଇଁ କୁ ପଚାରିବାରୁ କହିଛନ୍ତି ଯେ ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଥ ହେରଫେର୍ କୁ ନେଇ ପର୍ଯ୍ୟାୟକ୍ରମେ ତଦନ୍ତ ଚାଲିଛି ।

## ତୃତୀୟ ଲହର ପାଇଁ ପ୍ରସ୍ତୁତ : ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର :** ତୃତୀୟ ଲହର ପାଇଁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଶେଷ କରିସାରିଛନ୍ତି । ତୃତୀୟ ଲହକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଗାଇଡଲାଇନ ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାପାଳ ଏବଂ ମେଡିକାଲ କଲେଜ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି । ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଡିଏମ୍ଇଟିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି । ଶିଶୁଙ୍କ ପାଇଁ ୧୬୧୦ ଜେନେରାଲ ବେଡ୍, ୬୧୦ ଆଇସିୟୁ ଏବଂ ଶିଶୁ ଭବନରେ ସ୍ୱତନ୍ତ୍ର କୋଭିଡ୍ ବ୍ଲକ ଖୋଲାଯାଇଛି । ଶିଶୁମାନଙ୍କ କ୍ଷେତ୍ରରେ ଅଧିକ ସଂକ୍ରମଣ ବଢ଼ିଲେ କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରତି ସିଏଚ୍‌ସିରେ ଅତିକମରେ ୨ ରୁ ୪ଟି ଶିଶୁମାନଙ୍କ ପାଇଁ ବେଡ୍ ବ୍ୟବସ୍ଥା କରାଯାଇଛି । ଏହାସହ ସମସ୍ତ ୭ଟି ମେଡିକାଲ କଲେଜରେ ୬୪ଟି ଏନ୍ଆଇସିୟୁ ଏବଂ ୧୫୫ ଆଇସୋଲେସନ ବେଡ୍ ପ୍ରସ୍ତୁତ କରାଯାଇଛି । ସବୁ ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ଶିଶୁମାନଙ୍କ ପାଇଁ ଆଇସିୟୁର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଷ୍ଟାଫ ନର୍ସ ଏବଂ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି । ଏଥିସହିତ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିବାକୁ ଅଙ୍ଗନବାଡି ଏବଂ ଆଶାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି, କେନ୍ଦ୍ର ସରକାର ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟକୁ ୮୬୧ କୋଟି ଟଙ୍କା ଦେଇଛନ୍ତି । ଅକ୍ସିଜେନ, ଶିଶୁମାନଙ୍କ ବିଭାଗ, ଆଇସିୟୁ, ପିଏଚ୍‌ସି ଏବଂ ଆରଟି-ପିସିଆରରେ ଖର୍ଚ୍ଚ କିରବାକୁ କହିଛନ୍ତି । ଏହି ଟଙ୍କାକୁ କେନ୍ଦ୍ର ସରକାର ଆମକୁ ୪୦/୬୦ ରେସିଓରେ ଯୋଗାଇ ଦେଇଛନ୍ତି । ଶିଶୁମାନଙ୍କ ପାଇଁ ଆଇସିୟୁ ବେଡ୍ ବ୍ୟବସ୍ଥା ଅଧିକ କରାଯିବ । ମେଡିସିନ ଠୁ ନେଇ ପ୍ରତ୍ୟେକ ବ୍ୟବସ୍ଥା ମହଜୁଦ ରଖିବା ନିମନ୍ତେ ସବୁ ସିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତୃତୀୟ ଲହରକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାକୁ ଆମେ ଆଶା ରଖିଛୁ ।

## ରାଜ୍ୟରେ ସଡ଼କ ଦୁର୍ଘଟଣା ୨୭% ବଢିଛି




**ଭୁବନେଶ୍ୱର :** ୨୦୨୦ ସୁଦ୍ଧା ସଡ଼କ ଦୁର୍ଘଟଣା ଓ ତତ୍‌ଜନିତ ମୃତାହତ ସଂଖ୍ୟାକୁ ୫୦ % ହ୍ରାସ କରିବାଲାଗି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଗଠିତ କମିଟି ଓଡ଼ିଶା ସରକାରଙ୍କ ପାଇଁ ୫ ବର୍ଷିଆ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ମାତ୍ର ୨୦୧୯ ସୁଦ୍ଧା ବିଗତ ୫ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ୩୬ % ବୃଦ୍ଧି ପାଇଛି । ଚଳିତ ୨୦୨୧ ଜାନୁଆରିରୁ ଏପ୍ରିଲ ମଧ୍ୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ୨୭ % ବଢ଼ିଛି । ସର୍ବ ଭାରତୀୟ ହାର ଅନୁଯାୟୀ ପ୍ରତି ୧୦୦ଟି ସଡ଼କ ଦୁର୍ଘଟଣାରେ ୩୬.୬ ଜଣଙ୍କ ମୃତ୍ୟୁ ଘଟୁଥିବା ବେଳେ ଓଡ଼ିଶାରେ ସର୍ବାଧିକ ୪୮ ଜଣରୁ ଅଧିକ (୪୮.୨) ମୃତ୍ୟୁ ମୁଖରେ ପଡୁଛନ୍ତି । ମୃତକଙ୍କ ମଧ୍ୟରେ ୧୮ରୁ ୪୫ ବର୍ଷ ବୟସ୍କଙ୍କ ହାର ୭୬ % । ସଡ଼କ ଦୁର୍ଘଟଣା ଯୋଗୁ ବର୍ଷକୁ ମୋଟ ଘରୋଇ ଉତ୍ପାଦ (ଜିଡ଼ିପି)ର ୩.୧୬ % କ୍ଷତି ହେଉଛି । ଏହାକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ କମିଟି କ୍ଷୋଭ ପ୍ରକାଶ କରିବା ସହ ସଡ଼କ ନିରାପତ୍ତା ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାବଳୀ ତୁରନ୍ତ ଅନୁପାଳନ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତ୍ତଜନିତ ମୃତାହତଙ୍କ ସଂଖ୍ୟା ନିୟନ୍ତ୍ରଣ ଲକ୍ଷ୍ୟରେ ଉନ୍ନୟନ କମିସନର ପିକେ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟତଃ ଦୁଇଟି ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ତଦନୁଯାୟୀ କେରଳ, ତାମିଲନାଡୁ, ଗୁଜରାଟ ଓ କର୍ଣ୍ଣାଟକ ଭଳି ଆମ ରାଜ୍ୟରେ ସଡ଼କ ନିରାପତ୍ତା କମିସନରେଟ୍ ଗଠନ କରାଯିବ । ଅନ୍ୟୁନ ୧୬ ବର୍ଷ ଅଭିଜ୍ଞତା ଥିବା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କିମ୍ବା ଭାରତୀୟ ପୁଲିସ୍ ସେବା (ଆଇପିଏସ୍)ର ବରିଷ୍ଠ ଅଧିକାରୀଙ୍କୁ ସଡ଼କ ନିରାପତ୍ତା କମିସନର୍ ଭାବେ ନିଯୁକ୍ତ କରାଯିବ । ଦ୍ୱିତୀୟରେ ରାଜ୍ୟ ସଡ଼କ ନିରାପତ୍ତା ପ୍ରାଧିକରଣ ଗଠନ ହେବ ଓ ଏଥି ସକାଶେ ବାଣିଜ୍ୟ ଓ ପରିବହନ ବିଭାଗ ଆଇନଗତ ପଦକ୍ଷେପ ନେବ । ସଡ଼କ ନିରାପତ୍ତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସକାଶେ ଆବଶ୍ୟକ ଅନୁଯାୟୀ ନୂଆ ପଦ ସୃଷ୍ଟି କରାଯାଇ ସେସବୁକୁ ନୂଆ ନିଯୁକ୍ତି କିମ୍ୱା ବଳକା କର୍ମଚାରୀଙ୍କୁ ପୁନଃ ମୁତୟନ ଜରିଆରେ ପୂରଣ କରାଯିବ । ବୈଠକରେ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀଙ୍କ ପ୍ରଦତ୍ତ ସୂଚନା ଅନୁଯାୟୀ ରାଜ୍ୟର ପାଖାପାଖି ଅଢ଼େଇ ଲକ୍ଷ କିଲୋମିଟର ରାସ୍ତାରେ ୮୧ ଲକ୍ଷ ଗାଡ଼ି ଚାଲିଛି । ଏହି ରାସ୍ତାରେ ପ୍ରାୟ ୧୫ ଶହଟି ଦୁର୍ଘଟଣାପ୍ରବଣ ସ୍ଥାନ (ବ୍ଲାକ୍ ସ୍ପଟ୍) ଚିହ୍ନଟ ହୋଇଥିବା ବେଳେ ଦୁର୍ଘଟଣା କ୍ଷତିଗ୍ରସ୍ତଙ୍କ ତୁରନ୍ତ ଚିକିତ୍ସା ଲାଗି ଆବଶ୍ୟକ ଟ୍ରମା କେୟାର୍ କେନ୍ଦ୍ର ନାହିଁ । ଏହି କାରଣରୁ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢୁଛି । ଦୁର୍ଘଟଣା ନିୟନ୍ତ୍ରଣ ଲାଗି ଏବେ ପରିବହନ ବିଭାଗ ରାସ୍ତା ନିରାପତ୍ତା ସହ ଜଡ଼ିତ ପୂର୍ତ୍ତ, ସ୍ୱାସ୍ଥ୍ୟ, ସ୍ୱରାଷ୍ଟ୍ର ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ସହ କାର୍ଯ୍ୟ କରୁଛି । ଯାନବାହନ ଟିକସ ଅସୁଲଠାରୁ ଆରମ୍ଭ କରି ଲାଇସେନ୍ସ, ପରମିଟ୍ ସମେତ ବିଭିନ୍ନ ସେବା ନିର୍ବାହ ଦୃଷ୍ଟିରୁ ପରିବହନ ବିଭାଗ ଭାରାକ୍ରାନ୍ତ । ତେଣୁ ଦୁର୍ଘଟଣା ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର କର୍ତ୍ତୃପକ୍ଷଙ୍କ ଆବଶ୍ୟକତା ରହିଛି । ମୋଟାମୋଟି ଭାବେ ଦୁର୍ଘଟଣା ଓ ତ୍ତଜନିତ ମୃତାହତ ସଂଖ୍ୟାକୁ ହ୍ରାସ କରିବା ଲାଗି ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତରଯାଏ ବିଭିନ୍ନ ବିଭାଗର ପ୍ରତ୍ୟକ୍ଷ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ । ଦୁର୍ଘଟଣାର କାରଣ ସମ୍ପର୍କରେ ନିୟମିତ ବିଶ୍ଳେଷଣ ସହ ନିରାକରଣ ପନ୍ଥା ନିର୍ଣ୍ଣୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି ।

## ଟିକା ନେବା ପରେ ୧୮ ହଜାରରୁ ଅଧିକ ସଂକ୍ରମିତ



**ଭୁବନେଶ୍ୱର :** ରାଜ୍ୟରେ କରୋନା ଟିକା ନେବା ପରେ ୧୮,୮୦୫ଜଣ ସଂକ୍ରମିତ ହୋଇଛନ୍ତି । ଏଥିରେ ୧୦,୪୦୯ଜଣ ପ୍ରଥମ ଡୋଜ୍ ନେବା ପରେ ଓ ୮୩୬୯ଜଣ ଦ୍ୱିତୀୟ ଡୋଜ୍ ନେବା ପରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ତେବେ କରୋନା ଟିକାର ଦୁଇ ଡୋଜ୍ ନେବାର ୧୪ଦିନ ପରେ ସଂକ୍ରମିତ(ବ୍ରେକ୍ ଥ୍ରୁ) ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ରହିଛି ୫୦୩୯ । ଭୁବନେଶ୍ୱରରେ ୧୭୦୫ଜଣ ବ୍ରେକ ଥ୍ରୁ ସଂକ୍ରମଣର ଶିକାର ହୋଇଛନ୍ତି । ତହିଁରୁ ୨୫୨୭ଜଣ ଦ୍ୱିତୀୟ ଡୋଜ୍ ନେଇଥିବା ବେଳେ ୧୮୯୦ଜଣ ପ୍ରଥମ ଡୋଜ୍ ନେବା ପରେ ସଂକ୍ରମିତ ହୋଇଛନ୍ତି । ତେବେ ରାଜଧାନୀରେ ଗତ କିଛିଦିନ ଭିତରେ ପଜିଟିଭ୍ ଚିହ୍ନଟ ହୋଇଥିବା ୪୦ ପ୍ରତିଶତ ବ୍ୟକ୍ତି ଦୁଇ ଡୋଜ୍ ଟିକା ନେଇଥିବା ନଜରକୁ ଆସିଛି । ଯାହାକି ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି । ଅପରପକ୍ଷରେ ବରଗଡ଼ ଜିଲ୍ଲାରେ ଟିକା ନେବା ପରେ ସଂକ୍ରମିତଙ୍କ ସଂଖ୍ୟା କମ୍ ରହିଛି । ଜିଲ୍ଲାରେ ପ୍ରଥମ ଡୋଜ୍ ପରେ ୫ଜଣ ଓ ଦ୍ୱିତୀୟ ଡୋଜ୍ ପରେ ୪୨ଜଣ ଚିହ୍ନଟ ହୋଇଛନ୍ତି । ନୂଆପଡ଼ାରେ ପ୍ରଥମ ପରେ ୪ ଓ ଦ୍ୱିତୀୟ ପରେ ୬୨ଜଣ ଓ କେନ୍ଦୁଝରରେ ପ୍ରଥମ ପରେ ୯ ଓ ଦ୍ୱିତୀୟ ଡୋଜ୍ ପରେ ୧୧୧ଜଣ ଆକ୍ରାନ୍ତ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୬୨୧ ବ୍ରେକ୍ ଥ୍ରୁ ସଂକ୍ରମଣ ନଜରକୁ ଆସିଛି । ଏହାବାଦ୍ ମାଲକାନାଗିରିରେ ୩୨୨, ପୁରୀ ୨୫୫, କନ୍ଧମାଳରେ ୨୪୫ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି । ହେଲେ ବାଲେଶ୍ୱରରେ ମାତ୍ର ୪, ନବରଙ୍ଗପର ୬, ଅନୁଗୁଳ ୮ ଓ ସୋନପୁରରେ ୧୧ଜଣ ବ୍ରେକ୍ ଥ୍ରୁ ସଂକ୍ରମଣ ହୋଇଛନ୍ତି । ତେବେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ମତରେ ରାଜ୍ୟରେ ପ୍ରଥମ ଡୋଜ୍ ନେଇଥିବା ଲୋକଙ୍କ ଭିତରେ ୦.୦୯ ପ୍ରତିଶତ ଓ ଦ୍ୱିତୀୟ ଡୋଜ୍ ପରେ ୦.୨୫ ପ୍ରତିଶତ ଲୋକ ସଂକ୍ରମିତ ହୋଇଛନ୍ତି । ମାତ୍ର ରାଜ୍ୟରେ କରୋନା ଟିକା ନେବା ପରେ ଯେଉଁ ବ୍ୟକ୍ତିମାନେ ସଂକ୍ରମିତ ହୋଇ ରାଜ୍ୟ ବାହାରେ ପ୍ରାଣ ହରାଇଛନ୍ତି ସେମାନଙ୍କ ତଥ୍ୟ ରାଜ୍ୟ ସରକାରଙ୍କ ନିକଟରେ ନାହିଁ ।

## ସ୍କୁଲ ଖୋଲିବା ପ୍ରସ୍ତାବକୁ ସ୍ୱାଗତ; ପାଠପଢ଼ାକୁ ନେଇ ଦ୍ୱନ୍ଦ୍ୱ

**କଟକ :** ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଉଥିବା ବେଳେ ପାଠପଢ଼ାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ପ୍ରଥମ ଫର୍ମାଟିଭ୍ ଆସେସମେଣ୍ଟ କରିବା ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ସେଥିରେ ଯେଉଁ ବିଷୟରୁ କେତେ ପଡିବ, ପ୍ରଶ୍ନପତ୍ରର ଶୈଳୀ କିଭଳି ରହିବ, କିଏ ପ୍ରଶ୍ନପତ୍ର ପ୍ରସ୍ତୁତି କରିବେ ଆଦି ପ୍ରଶ୍ନକୁ ନେଇ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷିକା ଅନ୍ଧାରରେ ଅଛନ୍ତି । ଛାତ୍ରଛାତ୍ରୀଙ୍କ କଥା ଛାଡନ୍ତୁ, ଶିକ୍ଷକମାନେ ମଧ୍ୟ ଏ ପ୍ରସଙ୍ଗରେ ପ୍ରଧାନଶିକ୍ଷକଙ୍କୁ ପ୍ରଶ୍ନ କରିବା ଆରମ୍ଭ କଲେଣି । ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି, ଏବେ ବି ଅନେକ ଶିକ୍ଷକ ଦ୍ୱିତୀୟ ଡୋଜ୍ କରୋନା ଭ୍ୟାକ୍ସିନ୍ ନେଇନାହାନ୍ତି । ଏଭଳି ସ୍ଥିତିରେ ସେମାନେ କିଭଳି ଶ୍ରେଣୀରେ ପଢ଼ାଇବେ, ତାହାକୁ ନେଇ ଆଶଙ୍କାରେ ରହିଛନ୍ତି । ସ୍କୁଲ ଖୋଲିବା ପୂର୍ବରୁ ସରକାର ପାଠ୍ୟକ୍ରମ ବିଷୟରେ ସ୍ପଷ୍ଟ ସୂଚନା ଦେବା ସହିତ ଟିକା ନେଇ ନଥିବା ସମସ୍ତ ଶିକ୍ଷକଙ୍କ ପାଇଁ ଟିକାଦାନ ବ୍ୟବସ୍ଥା କରିବାକୁ ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଦାବି ହେଉଛି । ଆସନ୍ତା ୨୬ ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥିପାଇଁ କୋଭିଡ୍ କଟକଣା ବିଷୟରେ ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ବିଦ୍ୟାଳୟକୁ ସାନିଟାଇଜ୍ କରାଯିବ, ଥର୍ମାଲ ସ୍କାନିଂ କରି ପିଲାଙ୍କୁ କ୍ଲାସରୁମ୍‌କୁ ଯିବାକୁ ଦେବା, ଗୋଟିଏ ଶ୍ରେଣୀଗୃହ ୨୫ଜଣ ପିଲାରେ ସୀମିତ ରଖିବା ଆଦି ବିଷୟରେ ସରକାର ଗାଇଡଲାଇନ୍ ଜାରି କରିଛନ୍ତି । ଏପରିକି ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀମାନେ ବର୍ଷକୁ ୪ଟି ଫର୍ମାଟିଭ୍ ଆସେସମେଣ୍ଟ ଓ ୨ଟି ସମିଟିଭ୍ ଆସେସମେଣ୍ଟ ପରୀକ୍ଷା ଦେବାକୁ ଚୂଡାନ୍ତ ହେବା ସହ ଏଥିପାଇଁ କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶ ପାଇଛି । ସ୍କୁଲ ଖୋଲିବା ପରେ ପ୍ରଥମ ଫର୍ମାଟିଭ୍ ଆସେସମେଣ୍ଟ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ସେପ୍ଟେମ୍ବର ୬ରୁ ୯ ତାରିଖ ମଧ୍ୟରେ କରାଯିବ । କିନ୍ତୁ ଏଥିପାଇଁ କେଉଁ ବିଷୟରୁ କେତେ ପଢ଼ାଯିବ, ପ୍ରଶ୍ନପତ୍ରର ଢାଞ୍ଚା କିଭଳି ହେବ, କେତେ ମାର୍କର ପରୀକ୍ଷା କରାଯିବ, ପ୍ରଶ୍ନପତ୍ର ବିଦ୍ୟାଳୟ ଦ୍ୱାରା ହେବ ନା' ବୋର୍ଡ ପ୍ରଦତ୍ତ ହେବ, ସେ ବିଷୟରେ ଗଣଶିକ୍ଷା ବିଭାଗ ବା ବୋର୍ଡ କର୍ତ୍ତୃପକ୍ଷ କେହି କିଛି ସ୍ପଷ୍ଟ କରିନାହାନ୍ତି । ଏଯାଏ ୭୦ ପ୍ରତିଶତ କଟିଥିବା କୋର୍ସ ମଧ୍ୟ ପ୍ରକାଶ ପାଇନାହିଁ । ପ୍ରଥମ ଫର୍ମାଟିଭ୍ ଆସେସମେଣ୍ଟକୁ ନେଇ ଶିକ୍ଷକମାନେ ମଧ୍ୟ ପ୍ରଧାନଶିକ୍ଷକଙ୍କୁ ପ୍ରଶ୍ନ କରୁଛନ୍ତି । ଅନ୍ୟପଟେ ବିଦ୍ୟାଳୟ ଖୋଲିବା ପୂର୍ବରୁ ସମସ୍ତ ଶିକ୍ଷକଙ୍କୁ ଯଦି ଟିକାକରଣ କରାନଯାଏ ତେବେ ଏହା ଉଭୟ ସମ୍ପୃକ୍ତ ଶିକ୍ଷକ ଓ ପିଲାଙ୍କ ଜୀବନ ପ୍ରତି ବିପଦ ସଦୃଶ ହେବ । ଏଥିପାଇଁ ବିଦ୍ୟାଳୟ ଖୋଲିବା ପୂର୍ବରୁ ପ୍ରଥମ ଡୋଜ୍ ଟିକା ନେଇଥିବା ଶିକ୍ଷକଙ୍କ ଦ୍ୱିତୀୟ ଡୋଜ୍ ସମ୍ପୂର୍ଣ୍ଣ କିରବାକୁ ବିଭିନ୍ନ ମହଲରେ ଦାବି ହେଉଛି ।


# ମୋ ପାଇଁ ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର : ମୁଖ୍ୟମନ୍ତ୍ରୀ






**ଭୁବନେଶ୍ୱର :** ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ ସିଷ୍ଟମରୁ ୧୫,୩୫୯ ହେକ୍ଟର ଚାଷ ଜମିକୁ ପାଣି ଛଡା ଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି । ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ବାରିପଦା, ବେତନଟୀ, ମୋରଡା, ଶୁଳିଆପଦା ଓ ରାସଗୋବିନ୍ଦପୁର ବ୍ଲକର ୯୪ଟି ଗ୍ରାମର ଚାଷ ଜମିକୁ ଜଳସେଚନର ସୁବିଧା ମିଳିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଆଜି ମୟୂରଭଞ୍ଜ ଜିଲ୍ଲା ଓ ସାରା ଓଡ଼ିଶା ପାଇଁ ଏକ ଆନନ୍ଦର ଦିନ । ଏହାଦ୍ୱାରା ମୟୂରଭଞ୍ଜରେ ଜମିରେ ସୁନାର ଫସଲ ଫଳିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ୧.୦୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୟୂରଭଞ୍ଜ ତାଙ୍କ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୟୂରଭଞ୍ଜରେ ସ୍ୱାସ୍ଥ୍ୟସେବାର ବିକାଶ ହେଉ ବା ମିଶନଶକ୍ତି କାର୍ଯ୍ୟର ସଫଳ ରୂପାୟନ ହେଉ ବା ଜନଜାତି ମାନଙ୍କର ବିକାଶ ସବୁ କ୍ଷେତ୍ରରେ ମୟୂରଭଞ୍ଜ ଉନ୍ନତି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସବୁ ଘରକୁ ସବୁ ପରିବାରକୁ ପାଇପ ପାଣି ଯୋଗାଇବାରେ ଦେଶର ଅଳ୍ପ କେତେକ ଜିଲ୍ଲା ମଧ୍ୟରୁ ମୟୂରଭଞ୍ଜ ଦେଶର ପ୍ରଥମ ଜିଲ୍ଲା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୟୂରଭଞ୍ଜରେ ପାଇପ ପାଣି ପ୍ରକଳ୍ପ ପାଇଁ ୭୬୮ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ । ଜଳସେଚନ ରାଜ୍ୟ ସରକାରଙ୍କର ଏକ ପ୍ରାଥମିକତା କ୍ଷେତ୍ର ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗାମୀ ଖରିଫ ଋତୁରୁ ଦେଓ ଜଳସେଚନ ପ୍ରକଳ୍ପରୁ ୧୦ ହଜାର ହେକ୍ଟର ଜମିକୁ ପାରି ଯୋଗାଇ ଦିଆଯିବ । ଆଗାମୀ ୨-୩ ବର୍ଷ ମଧ୍ୟରେ ପ୍ରାୟ ୧୫ଟି ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜଳ ଏକ ଅମୂଲ୍ୟ ସମ୍ପଦ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହାକୁ ନଷ୍ଟ ନ କରି ଠିକ ଭାବେ ବିନିଯୋଗ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କ ସରକାର ସବୁବେଳେ ଚାଷୀଙ୍କ ସାଥିରେ ଅଛି ଓ ସେମାନଙ୍କ ଉନ୍ନତି ପାଇଁ କାମ କରୁଛି । କାଳିଆ ଯୋଜନାରେ ୬୭ଲକ୍ଷ ଚାଷୀ ପରିବାର ଉପକାର ପାଉଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ, ସରକାରଙ୍କ ବିଭିନ୍ନ କୃଷିକଲ୍ୟାଣ କାର୍ଯ୍ୟକ୍ରମ ଯୋଗୁ ଚାଷୀ ଆଜି ସମ୍ମାନର ସହ ବଞ୍ଚି ପାରୁଛି । ଚାଷୀଙ୍କୁ ତାର ହକ ଦେବା ଆମର ଲକ୍ଷ ଏବଂ ଚାଷୀର ହକ ମିଳିଲା ପର୍ଯ୍ୟନ୍ତ ଆମର ଲଢ଼େଇ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ମୟୂରଭଞ୍ଜର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ପଦକ୍ଷେପ ନେଉଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ୨୦୨୪ ଜାନୁଆରୀ ସୁଧା ଜିଲ୍ଲାର ୭୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ ବୋଲି ସେ କହିଥିଲେ । ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ରାଜ୍ୟରେ ଜଳସେଚନ ପାଇଁ ବିଭାଗର ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୁବର୍ଣ୍ଣରେଖା ଜସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନା ଏବଂ ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ ।

## ବାଗଧରିଆରେ ୭୨ତମ ବନମହୋତ୍ସବ



**ନରସିଂହପୁର:** ନରସିଂହପୁର ବ୍ଲକ ଅନ୍ତର୍ଗତ ଜଳକେଳି ଅଞ୍ଚଳର ସ୍ୱଚ୍ଛାସେବୀ ଅନୁଷ୍ଠାନ ଡ୍ରିଙ୍ଗ୍ ଷ୍ଟାର ସୋସିଆଲ ସର୍ଭିସ ଅରଗାନାଇଜେସନ୍ ଓ କାଇଜେନ ଯୁକ୍ତ୨ ବିଜ୍ଞାନ ଶିକ୍ଷାକେନ୍ଦ୍ରର ମିଳିତ ସହଯୋଗରେ ୭୨ତମ ବନମହୋତ୍ସବ ବାଗଧରିଆ ଠାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବୃକ୍ଷରୋପଣ କରି ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ପୂର୍ବାଞ୍ଚଳ ରେଞ୍ଜର ବିଭୁରଞ୍ଜନ ରାୟ, ପାଇକବାରବାଟୀ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ଶିକ୍ଷାବିତ କୃଷ୍ଣଚନ୍ଦ୍ର ବେହେରା, ସନାତନ ସ୍ୱାଇଁ, ସମାଜସେବୀ ସୁଶାନ୍ତ ମହାନ୍ତି, ଜଳକେଳି ଗ୍ରାମ ସଭାପତି ପଞ୍ଚାନନ ମହାନ୍ତି ପ୍ରମୁଖ ଯୋଗଦେଇ ୨୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡ୍ରିଙ୍ଗଷ୍ଟାରର ସମ୍ପାଦକ ଚିତ୍ତରଞ୍ଜନ ଭୂୟାଁ, ସହ ସମ୍ପାଦକ ରମେସ ଭୂୟାଁ, ରଶ୍ମୀ ଭୋଳ, ଅଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ଏଲିନା ଦିଗ୍‌ଦର୍ଶିନୀ, ମାନସ ଭୂୟାଁ, କେଦାର ବେହେରା ପ୍ରମୁଖ ଉପସ୍ଥିତି ରହି ପରିଚାଳନାରେ ସହଯୋଗ କରିଥିଲେ । ଏଥି ସହିତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯିବା ସହିତ ଚିତ୍ରାଙ୍କନ ଗୁଡିକୁ ପ୍ରଦର୍ଶିତ କରାଯାଇଥିଲା ।

ଭୁବନେଶ୍ୱର, ୨୬ ଜୁଲାଇ - ୦୧ ଅଗଷ୍ଟ, ୨୦୨୧

# ଯିଏ ଦୋଷୀ ଦଣ୍ଡପାଉ

**ମୋ** ସାଇକେଲ ଚୋରି ହୋଇଗଲା ଅଥଚ କେହି ଜାଣିପାରିଲେନି। ଏହା ପୁଣି କେଜି ୪୦ ଟଙ୍କାରେ କବାଡିଆଙ୍କୁ ବିକ୍ରି କରାଗଲା। ବିଳମ୍ବରେ ସ୍ମାର୍ଟସିଟି ଲିମିଟେଡ କର୍ତ୍ତୃପକ୍ଷ ଏହା ଜାଣିଲେ ଓ କବାଡି ଗୋଦାମରେ ଚାଲିଛି ମୋ ସାଇକେଲ ଖୋଜା। ଏନେଇ ଥାନାରେ ମାମଲା ରୁଜୁ ହେବା ପରେ ତନାଘନା ଚାଲିଛି। ସରକାରଙ୍କ ମୋ ସାଇକେଲ ଯୋଜନାରେ ଆସିଥିବା ଶହଶହ ସାଇକେଲ କବାଡି ଖାନାକୁ ଯିବା ପୂର୍ବରୁ କେହି କେମିତି ଜାଣିପାରିଲେନି ଏହା ବିସ୍ମୟ ସୃଷ୍ଟି କରିଛି। କାରଣ ରାଜଧାନୀର ଅଧିକାଂଶ ଅଞ୍ଚଳରେ ଏବେ ସିସିଟିଭି ଲାଗିଛି। ମୋ ସାଇକେଲ ରଖାଯାଇଥିବା ସ୍ଥାନ ମାନଙ୍କରେ ମଧ୍ୟ ସିସିଟିଭି ଥିବ। ଅଥଚ ଏହି ସିସିଟିଭିରେ କେବେ କଣ ମୋ ସାଇକେଲ ଚୋରି ହେଉଥିବାର ଦୃଶ୍ୟ ରେକର୍ଡ ହୋଇନି? କେଉଁ ଚୋର କେଉଁ ସ୍ଥାନରୁ ସାଇକେଲ ନେଲା ଓ କିଭଳି ନେଲା ଏହା ତ ଜଣାପଡିଥିବ। କବାଡି ଗୋଦାମକୁ ଯିବା ପୂର୍ବରୁ ସହରର ବିଭିନ୍ନ ଛକ ଦେଇ ଏହା ନିଶ୍ଚୟ ଯାଇଥିବ, ହେଲେ ଜଣାପଡିଲାନି କିପରି? ଚୋର ପଳେଇଲେ ବୁଦ୍ଧି ବାହାରିବା ପରି ଗଣମାଧ୍ୟମ ଖବର ଦେଖି ଖୋଜା ଚାଲିଛି ସାଇକେଲ। ତେବେ ଏତେ ବ୍ୟବସ୍ଥା କାହା ପାଇଁ? ଡୁମୁଡୁମା କବାଡି ଗୋଦାମରେ ପହଞ୍ଚିବା ପୂର୍ବରୁ ସାଇକେଲ ଚୋରି ବିଷୟରେ ଅବଗତ ହେବା ପରିଚାଳନାଗତ ତ୍ରୁଟି ନୁହେଁ ତ? ସାଇକେଲ ଗୋଟା ସରକାର କିଣିଥିଲେ ୨୫ ହଜାର ଟଙ୍କାର, ଅଥଚ ଏହା କେଜି ପ୍ରତି ୪୦ ଟଙ୍କାରେ ବିକ୍ରି ହୋଇଗଲା। ମୋ ସାଇକେଲ ଦୁର୍ନୀତି ବିରୋଧରେ ଏବେ ରାସ୍ତାକୁ ଓହ୍ଲାଇଛି ବିଜେପି। ଏହି ପ୍ରସଙ୍ଗରେ ବିଏସ୍‌ସିଏଲ୍ କର୍ତ୍ତୃପକ୍ଷ ଯଦିଓ ତାନାରେ ଏତଲା ଦେଇଛନ୍ତି ତଥାପି ଚୋରିରେ ସମ୍ପୃକ୍ତ କେହି ଗିରଫ ହୋଇନାହାନ୍ତି। ଏହାକୁ ପ୍ରସଙ୍ଗ କରି ରାଜ୍ୟ ବିଜେପି ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବିଜେପିର ଅଭିଯୋଗ, କିଛି ସରକାରୀ ଅଧିକାରୀଙ୍କ ପ୍ରୋତ୍ସାହନରେ ୨୫ ହଜାର ଟଙ୍କା ସାଇକେଲ କେଜି ୪୦ ଟଙ୍କାରେ ବିକ୍ରି କରାଯାଇଛି। ତେବେ ପ୍ରଶ୍ନ ଉଠୁଛି ମୋ ସାଇକେଲ ଯୋଜନା ପାଇଁ ସରକାର ୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଓ ମରାମତି ପାଇଁ ବର୍ଷକୁ ୧ କୋଟି ଖର୍ଚ୍ଚ ହୋଇଛି ତ? କେନ୍ଦ୍ରୀୟ ଅନୁଦାନକୁ ବିଏମ୍‌ସି ଓ ବିଏସ୍‌ସିଏଲ ହରିଲୁଟ କରିଥିବା ନେଇ ଜିଲ୍ଲା ବିଜେପି ସଭାପତି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମୋ ସାଇକେଲ ଚୋରି ହେବା ମାମଲାରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କବାଡି ଗୋଦାମରୁ ଚୋରି ଯାଇଥିବା ସାଇକେଲ ମଧ୍ୟରୁ ୪୦ ସାଇକେଲ ମଧ୍ୟ ଜବତ କରାଯାଇଛି। ହେଲେ ପ୍ରଶ୍ନ ଉଠୁଛି, ଯେତେବେଳେ ସରକାର କିଛି ନୂଆ ଯୋଜନା କରୁଛନ୍ତି ସେ ତାର ସବୁ ଦିଗ ପ୍ରତି ଦୃଷ୍ଟି ଦେଉନାହାନ୍ତି କିପରି! ରାସ୍ତା ଉପରେ କୋଟି କୋଟି ଟଙ୍କାର ସାଇକେଲ ଥୁଆହେବ ଓ ଏହାର ଜଗାରଖା କିଏ କରିବ ତାହା ହିଁ ମୂଳ କଥା। ଆମ ଦେଶରେ ଲୋକଙ୍କ ମାନସିକତା କିଭଳି ତାହା ଭଲ ଭାବେ ପରୀକ୍ଷା ନିରୀକ୍ଷା କରାନଯାଇ କେବଳ ପ୍ରଶଂସା ସାଉଁଟିବା ଉଦ୍ଦେଶ୍ୟରେ ଯୋଜନା କରାଗଲେ ଏହାର ସୁଦୂରପ୍ରସାରୀ ପ୍ରଭାବ ଆଦୌ ରହିବନାହିଁ। ପରନ୍ତୁ ଯୋଜନା ନିମନ୍ତେ ଉଦ୍ଦିଷ୍ଟ ଅର୍ଥ ପାଣିରେ ପଡିବ। ଅନେକ ସରକାରୀ ଯୋଜନାରେ ଏଭଳି କିଛି ଦେଖିବାକୁ ମିଳିଛି। ସ୍ମାର୍ଟ କିଓସ୍କ ହେଉ କି ସ୍ମାର୍ଟ ସିଟି ବସ, ଅନେକ ଯୋଜନା ଖତ ଗଦାରେ। ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସାଧାରଣଲୋକଙ୍କ ସୁବିଧା ପାଇଁ ହେଉଥିବା ସରକାରୀ ଯୋଜନା ଗୁଡିକ ସଠିକ କାର୍ଯ୍ୟ ନକଲେ ଏଥିରେ ରାଜ୍ୟର କ୍ଷତି ଘଟିବ। ଉତ୍ତରଦାୟୀ ଅଧିକାରୀ ଯେପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ବାହ ଠିକ ଭାବେ ନକରିଛନ୍ତି, ସେ ପର୍ଯ୍ୟନ୍ତ ଏମିତି ଘଟଣା ଦେଖିବାକୁ ମିଳିବ। କାରଣ ଯୋଜନା ପଛରେ କର୍ମଚାରୀଙ୍କୁ ହିଁ ଲକ୍ଷ୍ୟ ରଖି ଏହା ଆରମ୍ଭ ହୁଏ। ହେଲେ କର୍ମଚାରୀ ଯେତେବେଳେ ବାଡ ଫସଲ ଖାଇବା ଭଳି ହେବେ ସେତେଦିନ ଏ ଦୃଶ୍ୟ ସମସ୍ତଙ୍କୁ ମର୍ମାହତ ଓ ଆଶ୍ଚର୍ଯ୍ୟ ଚକିତ କରିବ।


ସମ୍ପାଦକୀୟ



ତାରକ ମହାନ୍ତି


ତେଣୁ ମୋ ସାଇକେଲ ଘଟଣାରେ ଏଭଳି କିଛି ଘଟିଥିବା ସ୍ପଷ୍ଟ ଅନୁମେୟ। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅପାରଗପଣିଆ ହେଉ କିମ୍ବା ଖରାପ ଉଦ୍ଦେଶ୍ୟ ଯୋଗୁ ରାଜଧାନୀରେ ଏକ ମହତ ଉଦ୍ଦେଶ୍ୟ ଥିବା ଯୋଜନା କିଭଳି ପାଣିରେ ମିଳେଇଗଲା ତାହା ସମସ୍ତେ ଦେଖୁଛନ୍ତି। ଯେଉଁ ଲକ୍ଷ୍ର ଓ ଉଦ୍ଦେଶ୍ୟ ନେଇ ମୋ ସାଇକେଲ ଯୋଜନାକୁ ସରକାର ଆରମ୍ଭ କରିଥିଲେ ଏହା ନିଶ୍ଚିତ ଏକ ସାଧୁ ଉଦ୍ୟମ। ମାତ୍ର ପରିଚାଳନାଗତ ତ୍ରୁଟି ପାଇଁ କିଭଳି ଏହି ଯୋଜନା ଫେଲ ମାରିଲା ତାହା ବିଚାର କରିବା କଥା। ଲୋକଙ୍କ ଟିକସରେ ସରକାର କରୁଥିବା ଯୋଜନାର ସୁଫଳ ମିଳିଲେ ସମସ୍ତେ ଏହାର ପ୍ରଶଂସା କରନ୍ତି। ଯେତେବେଳେ ଯୋଜନା ବିଫଳ ହୁଏ ଏହାକୁ ନେଇ ଅନେକ ଆଲୋଚନା ହୋଇଥାଏ। ମୋ ସାଇକେଲ କ୍ଷେତ୍ରରେ ଏବେ ସେମିତି କିଛି ଦେଖିବାକୁ ମିଳିଛି। କେହିକେହି ସିଧାସଳଖ ସ୍ମାର୍ଟ ସିଟି ପ୍ରକଳ୍ପର ବିଫଳତା ଦର୍ଶାଉଥିଲା ବେଳେ ଆଉ କେହି କେହି କର୍ମଚାରୀଙ୍କ ଉପରେ ଦୋଷ ଲଦୁଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଏହା କେବଳ ଏକ ବିଫଳ ଯୋଜନା କିମ୍ବା ସରକାରଙ୍କ ଅଧିକାଂଶ ଯୋଜନା ଏଭଳି! ପୂର୍ବରୁ ସିଟି ବସ୍ ଖତ ଖାଇବାକୁ ନେଇ ଏଭଳି କିଛି ଚର୍ଚ୍ଚା ହେଉଥିଲା, ଯେଉଁଥିରେ ପୂର୍ଣ୍ଣଚ୍ଛେଦ ପଡିନଥିଲା ବେଳେ ଏବେ ମୋ ସାଇକେଲ ଚୋରି ହେବାକୁ ନେଇ ସବୁଠି ଆଲୋଚନା ହେଉଛି। ମୋ ସାଇକେଲ ଦାୟିତ୍ୱରେ ଥିବା ଅଧିକାରୀ କିଭଳି ଜାଣିପାରିଲେନି ଏତେବଡ ଚୋରି ବିଷୟରେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଚୋରି ହୋଇଥିବା ସାଇକେଲ କଣ ଗୋଟିଏ ଦିନରେ ଚୋରି ହୋଇଛି ନା ଥରକୁ ଥର କେତେଦିନ ମଧ୍ୟରେ ଘଟିଛି ତାହା ଜଣାପଡିନି। ତେବେ ନିୟମିତ ପ୍ରକ୍ରିୟାରେ ଯଦି ପ୍ରତ୍ୟେକ ଦିନ ସାଇକେଲ ଗୁଡିକୁ ଗଣାଯାଉଥାନ୍ତା ବା ତା ସମ୍ପର୍କରେ ତଥ୍ୟ ରଖାଯାଇଥାନ୍ତା ତେବେ ଆଜି କବାଡି ଖାନାରେ ନଥାନ୍ତା ମୋ ସାଇକେଲ। ମାର ମାର ଭାଣ୍ଡିଆକୁ ମାର ନୀତିରେ ତଳତଳିଆଙ୍କୁ ବଳି ପକେଇ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀ ଖସିଯାଇପାରନ୍ତି। ହେଲେ ରାଜକୋଷରୁ ଯେଉଁ ଅର୍ଥ ବରବାଦ ହେଲା ସେଥିପାଇଁ ଦାୟୀ କିଏ? ଏହି ଉତ୍ତରଦାୟୀ ଅଧିକାରୀଙ୍କୁ ଦଣ୍ଡ ବିଧାନ ନହେବା ଯାଏ ଏଭଳି ଅସଂଖ୍ୟ ସରକାରୀ ଯୋଜନା ବାଟବଣା ହେବା ନିଶ୍ଚିତ। ତେବେ ମୋ ସାଇକେଲ କବାଡିଆ ପ୍ରସଙ୍ଗରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ସାଇକେଲ ବିକି ଥିବା ହେକ୍ସି ସଂସ୍ଥାର ଅଧିକାରୀ ଭୁବନେଶ୍ୱର ଆସି ସ୍ମାର୍ଟ ସିଟି ଲିମିଟେଡ କର୍ତ୍ତୃପକ୍ଷଙ୍କୁ ଯେଉଁ ଆଶ୍ୱାସନା ବାଣୀ ଶୁଣାଇଛନ୍ତି ତାହା ଯେତିକି ରୋଚକ ସେତିକି ସନ୍ଦେହଜନକ। କାରଣ ହେକ୍ସି ଅଧିକାରୀ କହିଛନ୍ତି ଆମେ ୧ ହଜାର ସାଇକେଲ ଦେଇଦେଲେ କଥା ସରିଲା। ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ଯାଇ ହେକ୍ସି ଅଧିକାରୀ ଯାହା ପ୍ରସ୍ତାବ ଦେଲେ ତାହା କେତେ ଯୁକ୍ତିଯୁକ୍ତ ଭାବିବାର କଥା। କାରଣ ଯେଉଁ ସଂସ୍ଥା ନିଜର ତ୍ରୁଟି ସ୍ୱୀକାର ନକରି ସରକାରଙ୍କୁ ଅନୁକମ୍ପା ଦେବା କଥା କହୁଛନ୍ତି ତାହା ପଛର କାରଣ କ'ଣ? ତେଣୁ ଦୋଷୀକୁ ଦଣ୍ଡ ନ ମିଳିବା ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଶତପ୍ରତିଶତ ସଫଳ ହେବା ଅସମ୍ଭବ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ବିବର୍ତ୍ତନର ଏକ ବିସ୍ମୟକର ଅଭିବ୍ୟକ୍ତି

ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ

'ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ, ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ- ହେ ପିତା, ମୁଁ ତୁମରି ସନ୍ତାନ, ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ିଯିବ ନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛ କରି 'ଅନ୍ଧକାର' ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ।' ଏହି ଅଭୟବାଣୀ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ବାଇଶ ବର୍ଷ ବୟସରେ ଶ୍ରୀହସ୍ତ ଲିଖିତ ଅମୃତ ନିର୍ଦ୍ଦେଶ ଯାହାକି ସତ୍ୟାନୁସରଣ ପୁସ୍ତକରେ ଲିପିବଦ୍ଧ। ଏହି ଯୁଗମାନବଙ୍କର ଜନ୍ମ ଅବିଭକ୍ତ ଭାରତବର୍ଷ, ଅଧୁନା ବାଙ୍ଗଲାଦେଶର ପାବନା ଜିଲ୍ଲାର ଏକ ନଗଣ୍ୟପଲ୍ଲୀ ହିମାଇତପୁର ଗ୍ରାମରେ ଏକ ସାଧାରଣ ପରିବାରରେ ହୋଇଥିଲା। ତାଙ୍କର ମାତା ଥିଲେ ମନମୋହିନୀ ଦେବୀ ଓ ପିତା ଶିବଚନ୍ଦ୍ର ଚକ୍ରବର୍ତ୍ତୀ। ମାତୃ ଓ ପିତୃକୁଳ ଉଭୟ କୁଳୀନ ଉଚ୍ଚ ମର୍ଯ୍ୟାଦା ସମ୍ପନ୍ନ ଥିଲେ। ପିତା ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଥିଲେ ହିମାଳୟ ପାଦ ନିବାସୀ କାନ୍ୟକୁବ୍ଜ ସାଣ୍ଡିଲ୍ୟ ଗୋତ୍ରୀୟ ବିପ୍ର ବଂଶଜ। ମାତା ମନମୋହିନୀ ଦେବୀ ବାଲ୍ୟ ବୟସରେ ସ୍ୱପ୍ନରେ ଦୀକ୍ଷା ପାଇଥିଲେ ଏବଂ ପୂଜାର୍ଚ୍ଚନାରେ ଅଧିକାଂଶ ସମୟ ଅତିବାହିତ କରୁଥିଲେ। ତ୍ରିସନ୍ଧ୍ୟା ମନ୍ତ୍ର ସାଧନ ଏବଂ ଅଷ୍ଟପ୍ରହର ନାମଜପ ନେଇ ସେ ବିଭୋର ରହୁଥିଲେ। ଗୃହକାର୍ଯ୍ୟ, ରନ୍ଧନ ଓ ପରିବେଷଣ ଏବଂ ପରିଜନଙ୍କର ସେବା ପରିଚର୍ଯ୍ୟା ଆଦି ପ୍ରାତ୍ୟହିକ ପ୍ରତିଟି କର୍ମ ସହିତ ଅନବରତ ତାଙ୍କର ହରିନାମ ଚାଲିଥାଏ। ସେ ଅନ୍ତଃସତ୍ତ୍ୱା ଥିବା ସମୟରେ ଜଣେ ଦୀର୍ଘକାୟ ସୌମ୍ୟକାନ୍ତି ଜଟାଜୁଟଧାରୀ ପ୍ରବୀଣ ସନ୍ନ୍ୟାସୀ ଶିବଚନ୍ଦ୍ରଙ୍କ ଗୃହକୁ ଅତିଥି ଭାବରେ ଆସିଥିଲେ। ସେ ଗଲାବେଳେ ଆଭାସ ଦେଇଗଲେ ଯେ ଏଠାରେ ଏପରି ଜଣେ ଶକ୍ତିମାନ ପୁରୁଷ ଜନ୍ମ ନେବେ, ଯିଏ ନିଜ ଚରିତ୍ର ବଳରେ ବହୁ ଲୋକଙ୍କର ଅଧୀଶ୍ୱର ହେବେ ଓ ଜଗତର ମହାମଙ୍ଗଳ ସାଧନ କରିବେ।

ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ମାତୃଗର୍ଭରୁ ବାର ମାସରେ ଜନ୍ମଗ୍ରହଣ କରିଥିଲେ। ମାତା ମନମୋହିନୀ ଦେବୀଙ୍କର କୌଣସି ପ୍ରସୂତୀ ବେଦନା ହୋଇନଥିଲା। ସୁତିକା ଘରେ ଥିବା ଧାଇ, ନିଜେ ମା ଓ ଆଈ ସମେତ ସମସ୍ତେ ବାଳକ ଅନୁକୂଳଚନ୍ଦ୍ର ଜନ୍ମ ହେବା ସମୟରେ ତନ୍ଦ୍ରାଛନ୍ନ ହୋଇଯାଇଥିଲେ। କିନ୍ତୁ ଅଳ୍ପ ସମୟ ମଧ୍ୟରେ ହିଁ ଅଗ୍ନିଛଟାତୁଲ୍ୟ ଏକ ଅତ୍ୟୁଜ୍ଜଳ ଆଲୋକପାତରେ ସେମାନଙ୍କର ତନ୍ଦ୍ରା କଟିଯାଇଥିଲା। ସମସ୍ତେ ସେତେବେଳେ ପୁଲକିତ ବିସ୍ମୟରେ ଦେଖିବାକୁ ପାଇଲେ ସେମାନଙ୍କର ଅଜ୍ଞାତରେ ଅପୂର୍ବ ଜ୍ୟୋତି ସମ୍ପନ୍ନ ଗୌରକାନ୍ତି ମୁଣ୍ଡିତ ମସ୍ତକ ଏକ ଶିଶୁ ଭୂମିଷ୍ଠ ହୋଇଛନ୍ତି ଏବଂ ତାଙ୍କର ଆଲୋକରେ ଗୃହଟି ଉଦ୍‌ଭାସିତ ହୋଇ ଉଠିଛି। ସେ ଘରେ ଜ୍ୟେଷ୍ଠ ସନ୍ତାନ ଥିଲେ। ତାଙ୍କର ଆବିର୍ଭାବ ହୋଇଥିଲା ୧୮୮୮ ମସିହା ସେପ୍ଟେମ୍ବର ୧୪ ତାରିଖ ସକାଳ ୭ଟା ୨୮ ମିନିଟରେ। ଶିଶୁ ଜନ୍ମ ହେବା ମାତ୍ରେ ସମସ୍ତଙ୍କ ଆଡ଼କୁ ବିସ୍ମୟର ସହିତ ଅନାଇଲେ ଏବଂ କାନ୍ଦିବା ପରିବର୍ତ୍ତେ ମୃଦୁ ମୃଦୁ ହସି ଚତୁର୍ଦ୍ଦିଗକୁ ନିରୀକ୍ଷଣ କରିବାକୁ ଲାଗିଲେ। ଏହି ଭାବେ ଦିନ ଗଡ଼ି ଚାଲିଲା। ନବମ ମାସରେ ଅନ୍ନପ୍ରାସନ୍ନ ସମୟରେ ମାତା ମନମୋହିନୀ ଦେବୀ ଶିଶୁଙ୍କର ନାମ ଅନୁକୂଳ ରଖିଲେ। ଶୈଶବ କାଳରେ ଅନୁକୂଳଚନ୍ଦ୍ରଙ୍କର ପ୍ରାଣଶକ୍ତିର ଅଦ୍ଭୁତ ପ୍ରକାଶ ତାଙ୍କର ପ୍ରତିଟି କାର୍ଯ୍ୟରେ ପରିଲକ୍ଷିତ ହେଉଥିଲା। ଶିଶୁଙ୍କର ବୟସ କ୍ରମଶଃ ବଢ଼ି ଚାଲିଲା। ତାଙ୍କର ମୁଖର ବାଣୀ ଆଶ୍ଚର୍ଯ୍ୟ ରୂପେ ସତ ହୋଇଯାଉଥିଲା। ଅନେକ ଅଲୌକିକ ଘଟଣା ଘଟି ଯାଉଥିଲା। ଥରେ ମାତା ମନମୋହିନୀ ଦେବୀ ତାଙ୍କର ମାଆ ଓ ଶିଶୁ ଅନୁକୂଳଚନ୍ଦ୍ରଙ୍କୁ ନେଇ ପଦ୍ମାନଦୀ ଅତିକ୍ରମ କରି ନୌକାରେ ହିମାୟତପୁର ଆସୁଥିଲେ। ଖରସ୍ରୋତା ପଦ୍ମାନଦୀରେ ନୌକା ଚଳାଇବା ଅତ୍ୟନ୍ତ କଠିନ ହୋଇଥାଏ। ତହିଁରେ ପୁଣି ସେ ଦିନ ଦୈବକ୍ରମେ କାଳବୈଶାଖୀର ଝଡ଼ ଉଠିଲା। ପଦ୍ମାନଦୀ ବକ୍ଷରେ ପ୍ରକୃତିର ସେ ତାଣ୍ଡବ ଲୀଳା ଅବର୍ଣ୍ଣନୀୟ। ନାଉରୀଆମାନେ ନିରୁପାୟ ହୋଇ ପ୍ରାଣଭୟରେ ପଦ୍ମାନଦୀ ଜଳକୁ ଡେଇଁ ପଡ଼ିଲେ ଜୀବନ ରକ୍ଷା ପାଇଁ ଏବଂ ଭୀଷଣ ସ୍ରୋତରେ ଭାଷିଗଲେ। ନାଉରୀ ବିହୀନ ଡଙ୍ଗାଟି କେଉଁ ମୁହୂର୍ତ୍ତରେ ଯେ ଓଲଟି ଯାଇପାରେ। ଏହି ମହାସଙ୍କଟ କାଳରେ ମାତା ମନମୋହିନୀ ଦେବୀ ଓ ଆଈ କୃଷ୍ଣସୁନ୍ଦରୀ ଦେବୀ ଭଗବାନଙ୍କ ପାଖରେ ଆକୁଳ ପ୍ରାର୍ଥନା ନିବେଦନ କଲେ। ଏହି ସମୟରେ ଶିଶୁ କଣ୍ଠରେ 'ମା' ଶୀଘ୍ର ଓହ୍ଲେଇପଡ଼' - ଏହି ଅର୍ଦ୍ଧସ୍ଫୁଟ ଅସ୍ପଷ୍ଟ କଥା କେତୋଟି ଦୈବବାଣୀ ପରି ମା'ଙ୍କ କର୍ଣ୍ଣ ଗହ୍ୱରରେ ପ୍ରବେଶ କରିଲା। ଶ୍ରବଣ ମାତ୍ରେ ସେ ଯେପରି ଅକୂଳରେ କୂଳ ପାଇଲେ। ଏହି ଅବସ୍ଥାରେ କୌଣସି ଏକ ଅଜ୍ଞାତ ଐଶୀ ଶକ୍ତିର ପ୍ରେରଣାରେ ବଳୀୟାନ ହୋଇ ସେ ଗୋଟେ ହାତରେ ତାଙ୍କ ମା'ଙ୍କୁ ଓ ଅନ୍ୟ ହାତରେ ଶିଶୁ ଅନୁକୂଳଙ୍କୁ କୋଳରେ ଧରି ତତ୍‌କ୍ଷଣାତ ଝଞ୍ଜା ବିକ୍ଷୁବ୍ଧ ନଦୀ ଗର୍ଭକୁ ଓହ୍ଲାଇ ପଡ଼ିଲେ। ଆଶ୍ଚର୍ଯ୍ୟର ବିଷୟ ଓହ୍ଲାଇବା ମାତ୍ରେ ସେମାନେ ସେଠାରେ ଭୂମିର ସ୍ପର୍ଶ ଅନୁଭବ କରିଲେ। ଏହାପରେ ଯେତେ ସେମାନେ ଅଗ୍ରସର ହେଉଥାନ୍ତି କେଉଁଠାରେ ମଧ୍ୟ ଆଣ୍ଠୁ ଉପରକୁ ପାଣି ନଥିଲା। ଚାଲି ଚାଲି ସେମାନେ ଏକ ଚରଭୂମିରେ ଆସି ପହଞ୍ଚିଲେ। ଇତିମଧ୍ୟରେ ଝଡ଼ କମିଗଲା ଓ ପ୍ରକୃତି ମଧ୍ୟ ଶାନ୍ତ ହେଲା। ସେମାନେ ତାପରେ ଅନ୍ୟ ଏକ ନୌକାରେ ଘରକୁ ଫେରିଲେ।

ସେହିପରି ଚାରିବର୍ଷ ବୟସ ବେଳର ଅନ୍ୟ ଏକ ଘଟଣା। ଜଣେ ପଡ଼ୋଶୀ ତାଙ୍କ ଘରେ ଗୋଟେ ଖୁବ ସୁନ୍ଦର ପୁଷ୍ପ ଉଦ୍ୟାନ ଅତି ଯତ୍ନର ସହ କରିଥିଲେ। ତା ସହିତ ବେଢ଼ା ମଧ୍ୟ ବାନ୍ଧି ଦେଇଥିଲେ। କିନ୍ତୁ ଶିଶୁ ଅନୁକୂଳ କୌଣସି ପ୍ରକାରେ ଉଦ୍ୟାନରେ ପ୍ରବେଶ କରି ସବୁବେଳେ ତାଙ୍କର ସବୁ ଫୁଲଗଛ ଉପାଡ଼ି ଦିଅନ୍ତି। ଏଥିପାଇଁ ପଡ଼ୋଶୀ ହେମେନ୍ଦ୍ରବାବୁ ଖୁବ ଦୁଃଖରେ ଭାଙ୍ଗି ପଡ଼ନ୍ତି। ଥରେ ଶିଶୁ ଅନୁକୂଳଚନ୍ଦ୍ର ହେମେନ୍ଦ୍ରଙ୍କୁ କହିଲେ, ଦେଖ ତୁମ ବଗିଚାର ଗଛ ମୁଁ ନଷ୍ଟ କରି ଦେଉଛି। ଜାଣିରଖ, ଯେତେଥର ତୁମେ ବଗିଚା କରିବ ମୁଁ ସବୁ ନଷ୍ଟଭ୍ରଷ୍ଟ କରିଦେବି, ଛାଡ଼ିବିନି। ତୁମର ଏଠାରେ ଦୁଇଦିନର ବଗିଚା କରି କଣ ହେବ, ଏଠି ତ ତୁମେ ରହିବନି। ଏହା କହି ବାଳକ ଅକାଶ ଆଡ଼କୁ ଆଙ୍ଗୁଳି ଦେଖାଇ ନିର୍ଦ୍ଦେଶ ପୂର୍ବକ କହିଲେ - 'ତୁମ ପାଇଁ ସେଠି ସୁନ୍ଦର ବଗିଚା କରାଯାଇଛି, ସେ ବଗିଚା ଏ ବଗିଚା ଠାରୁ ଅନେକ ସୁନ୍ଦର, 'ଆଶ୍ଚର୍ଯ୍ୟର କଥା, ଏହି କଥାଟି ସତ୍ୟରେ ପରିଣତ ହେଲା। ଅଳ୍ପଦିନ ପରେ ହେମେନ୍ଦ୍ର ବାବୁ କଠିନ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କଲେ। ଏହିପରି ଅନେକ ଆଶ୍ଚର୍ଯ୍ୟଜନକ ଅଦ୍ଭୁତ ଘଟଣା ଅନୁକୂଳଚନ୍ଦ୍ରଙ୍କର ଜୀବନରେ ଘଟି ଯାଇଥିଲା। ବୟସ ଗଡ଼ି ଚାଲିଲା। ବାଇଶବର୍ଷ ବୟସରେ ଜଣେ ଭକ୍ତଙ୍କର ଅନୁରୋଧରେ ଗୋଟିଏ ରାତ୍ରିରେ ନିତିଦିନର ସାହାରା ସତ୍ୟାନୁସରଣ ପୁସ୍ତକଟିକୁ ସ୍ୱହସ୍ତରେ ଲେଖିଦେଲେ। ସେଥିରେ ସେ ଲେଖିଲେ 'ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।' ଶାସ୍ତ୍ର କହେ 'ବ୍ରହ୍ମବିତ୍ ବ୍ରହ୍ମୈବ ଭବତି' ଅର୍ଥାତ୍ ବ୍ରହ୍ମବିତ ଯିଏ ସେ ହିଁ ବ୍ରହ୍ମଙ୍କର ସାକାର ମୂର୍ତ୍ତି, ଏହାକୁ ବ୍ୟାଖ୍ୟା କରିବାକୁ ଯାଇ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - 'ମୋର ମନେ ହୁଏ ବ୍ରହ୍ମଜ୍ଞାନମାନେ ପ୍ରଗତିଶୀଳ ବିବର୍ତ୍ତନର ଜ୍ଞାନ। ଏହି ଜ୍ଞାନ ଥିଲେ ମଣିଷ ଯେ କୌଣସି ପରିସ୍ଥିତିରେ ପଡ଼ିଲେ ମଧ୍ୟ ପରିବେଶ ସହ ଉତ୍କର୍ଷ ଆଡ଼କୁ ଆଗେଇ ଯିବାରେ ସକ୍ଷମ ହୁଏ। ବ୍ରହ୍ମଜ୍ଞାନୀ ଯିଏ ସେ ଜାଗତିକ ଓ ଆଧାତ୍ମିକ ଉଭୟ କ୍ଷେତ୍ରରେ ହିଁ ସମଭାବେ ଦକ୍ଷ ଓ ଉନ୍ନତିଶୀଳ ହୁଅନ୍ତି। କିନ୍ତୁ କୌଣସି ଟା ମଧ୍ୟ ତାଙ୍କୁ ବାନ୍ଧି ରଖିପାରେ ନାହିଁ। ଦୁଇଟା ଯାକରେ ସେ ନିର୍ଲିପ୍ତ। ଧ୍ୟାନ ଧାରଣାରେ ତାଙ୍କର ଯେପରି ଆନନ୍ଦ, କୋଦାଳ ଚଳାଇବାରେ ମଧ୍ୟ ସେତିକି ଆନନ୍ଦ। ବ୍ରହ୍ମ ବା ଅପରିବର୍ତ୍ତନୀୟ ସତ୍‌କୁ ଯିଏ ଜାଣିବାକୁ ଚାହେଁ, ତାକୁ ଜଗତ ବା ପରିବର୍ତ୍ତନୀୟ ସତକୁ ଜାଣିବାକୁ ହେବ। ଆଉ ପରିବର୍ତ୍ତନୀୟ ସତ୍‌କୁ ଯିଏ ଜାଣିବାକୁ ଚାହେଁ ତାକୁ ତାହା ଜାଣିବାକୁ ହେବ ଅପରିବର୍ତ୍ତନୀୟ ସତ୍ ବା ବ୍ରହ୍ମର ଆଲୋକରେ, ନ ହେଲେ ଜାଣିବାଟା ପୂର୍ଣ୍ଣ ହେବନି। ଆଉ ସେହି ଯୁଗପୁରୁଷ ହିଁ ହେଲେ ବିବର୍ତ୍ତନର ଘନୀଭୂତ ଓ ପୂର୍ଣ୍ଣତମ ରୂପ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର।


*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ନିଦାନ ବିଭାଗ, ପି.ଆର୍.ଏମ୍.*
*ମେଡ଼ିକାଲ କଲେଜ, ବାରିପଦା*
*ଦୂରଭାଷ : ୯୪୩୮୩୬୯୫୪୯*


# ସକ୍ଷମ କରିବ ଟେକ୍ନୋଲୋଜି




ନାରାୟଣ ଚନ୍ଦ୍ର ବିଶ୍ୱାଳ


ପିଲାଦିନରୁ ଖୁବ ପ୍ରତିଭାବାନ ଥିବା ଷ୍ଟିଫେନ ହକିଙ୍ଗ ଯୁବାବସ୍ଥା ବେଳକୁ ଏକ ଅଜଣା ରୋଗର ଶିକାର ହୋଇଥିଲେ। ଯାହାଦ୍ୱାରା ମସ୍ତିଷ୍କ ଶରୀର ଉପରୁ ଧୀରେ ଧୀରେ ନିୟନ୍ତ୍ରଣ ହରାଇଲା। ଡାକ୍ତରମାନେ କହିଲେ ଷ୍ଟିଫେନ ଆଉ କେଉମାସ ଜୀବିତ ରହିବେ। ହେଲେ ଷ୍ଟିଫେନ ନିରାଶ ହେଲେନି ମନୋବଳ ଦୃଢ଼ ରଖିଲେ। ସେ ସମୟରେ ଉପଲବ୍ଧ ଟେକ୍ନୋଲୋଜିର ସାହାରା ନେବା ଆରମ୍ଭ କଲେ। ସମୟ ସହିତ ନୂଆ ନୂଆ ଟେକ୍ନୋଲୋଜିକୁ ଆପଣେଇଲେ। ଶରୀର ଧୀରେ ଧୀରେ ଅଚଳ ହେବାକୁ ଲାଗିଲା କିନ୍ତୁ ଟେକ୍ନୋଲୋଜି ଏହି ଅଭାବକୁ ପୂରଣ କଲା। ଏବେ ଅତ୍ୟାଧୁନିକ ଟେକ୍ନୋଲୋଜି ଯୋଗୁ ତାଙ୍କ ଆଖିର ପଲକ ଏବଂ ଆଙ୍ଗୁଠିର କମ୍ପନକୁ କମ୍ପ୍ୟୁଟର ଶବ୍ଦ ଭାବରେ ପରିପ୍ରକାଶ କରିପାରୁଛି। କେବଳ ଷ୍ଟିଫେନ ହକିଙ୍ଗ ନୁହନ୍ତି ତାଙ୍କ ପରି ଅନେକ ଟେକ୍ନୋଲୋଜି ସହାୟତାରେ ଶାରୀରିକ ଅକ୍ଷମତା ଉପରେ ବିଜୟ ଲାଭ କରିଛନ୍ତି। ଆମ ଦେଶରେ ଏତେ ଉନ୍ନତ ଟେକ୍ନୋଲୋଜି ଉପଲବ୍ଧ ନହେଲେ ମଧ୍ୟ ଯେତିକି ସୁବିଧା ଅଛି ସେ ସଂପର୍କରେ ସବିଶେଷ ସୂଚନା ଡିପାର୍ଟମେଣ୍ଟ ଅଫ୍ ଫିଜିକାଲ ମେଡ଼ିସନ ଆଣ୍ଡ ରିହାବିଲିଟେସନ, ଏମ୍‌ସ, ନୂଆଦିଲ୍ଲୀଙ୍କ ଠାରୁ ମିଳିପାରିବ।

ଦୃଷ୍ଟିଶକ୍ତି : ସ୍ମାର୍ଟ କେନ - ଯେଉଁମାନେ ଠିକ୍ ଭାବରେ ଦେଖିପାରନ୍ତି ନାହିଁ ତାଙ୍କ ପାଇଁ ଟେକ୍ନୋଲୋଜି ନାନା ପ୍ରକାର ବ୍ୟବସ୍ଥା ଆଣିଛି। ଦୃଷ୍ଟି ଶକ୍ତି ଅତି କମ୍ ଥିଲେ କିମ୍ବା ନଥିଲେ ଲୋକମାନେ ମୁଖ୍ୟତଃ ଦୁଇ ପ୍ରକାରର ଅସୁବିଧାକୁ ସାମ୍ନା କରନ୍ତି। ପ୍ରଥମତଃ ଚଲାବୁଲାରେ ଏବଂ ଦ୍ୱିତୀୟତଃ ବଢ଼ିବାରେ। କିନ୍ତୁ ସ୍ମାର୍ଟ କେନ୍ ଦୃଷ୍ଟିହୀନଙ୍କ ପାଇଁ ସମସ୍ୟାର ସମାଧାନ ଆଣିଛି। ଭାରତରେ ତିଆରି ହୋଇଥିବା ଏହି ଯଷ୍ଟି ସ୍ୱତନ୍ତ୍ର ଭାବରେ ଦୃଷ୍ଟିହୀନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ଆଇଆଇଟି ଦିଲ୍ଲୀର ଛାତ୍ରମାନଙ୍କ ଦ୍ୱାରା ଏକ ପ୍ରୋଜେକ୍ଟ ଅଧୀନରେ ତିଆରି ହୋଇଥିବା ଏହି ଯଷ୍ଟି ହଜାର ହଜାର ଲୋକଙ୍କ ସମସ୍ୟା ସମାଧାନ କରିଛି। ନିଜ ନାମ ପରି ଦୃଷ୍ଟିହୀନଙ୍କ ପାଇଁ ନିର୍ମିତ ଏହି ୱାର୍କିଂ ଷ୍ଟିକ୍ ଖୁବ୍ ସ୍ମାର୍ଟ। ରାସ୍ତାରେ ଯିବା ସମୟରେ ଆଣ୍ଠୁ ପର୍ଯ୍ୟନ୍ତ ସ୍ତରରେ ଆସୁଥିବା ଯେ କୌରସି ପ୍ରତିବନ୍ଧକଙ୍କୁ ଏହା ଜାଣିପାରେ। କୌଣସି ପ୍ରତିବନ୍ଧକ ଦେଖିଲେ ଏହା କମ୍ପନ ଜରିଆରେ ସୂଚନା ଦେଇଦିଏ। ମୋବାଇଲ ପରି ଏହି ଯଷ୍ଟିକୁ ଚାର୍ଜ କରିବାକୁ ପଡ଼େ। ଦୁଇ ତିନିଘଣ୍ଟା ଚାର୍ଜ କଲେ ସପ୍ତାହେ ପର୍ଯ୍ୟନ୍ତ କାମ ଚଳେ। ଏହାକୁ ଉଭୟ ଇନ୍‌ଡୋର ଏବଂ ଆଉଟଡୋର ମୋଡରେ ବ୍ୟବହାର କରିହୁଏ। ଇନ୍‌ଡୋର ମୋଡ଼ରେ ଦେଢ଼ ମିଟର ଏବଂ ଆଉଟଡୋର ମୋଟରେ ତିନିମିଟର ପର୍ଯ୍ୟନ୍ତ ଥିବା ପ୍ରତିବନ୍ଧକ ଚିହ୍ନଟ କରିପାରେ ଏହି ଯଷ୍ଟି। ତେବେ ସମସ୍ୟା ହେଉଛି ଯେ ବର୍ଷାଦିନେ ଏହା ଠିକ୍ ଭାବରେ କାମ କରିପାରେ ନାହିଁ। କାରଣ ବର୍ଷା ଯୋଗୁଁ ଏହି ଯଷ୍ଟିର ସେନ୍‌ସର ସକ୍ରିୟ ହୋଇଯାଏ। ଯାହାଦ୍ୱାରା ଏଥିରେ ଲଗାତାର କମ୍ପନ ହୁଏ। ବର୍ତ୍ତମାନ ଏହାକୁ ଦୃଷ୍ଟିହୀନ ବା ଦୁର୍ବଳ ଦୃଷ୍ଟି ସମ୍ପନ୍ନ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସାରା ଦେଶରେ ୧୯ଟି ଅନୁଷ୍ଠାନ କାମ କରୁଛି। ଏହି ୱାକିଙ୍ଗ ଷ୍ଟିକ୍ ସହ ଚାର୍ଜର ଏବଂ ୟୁଜର ମାନୁଆଲ ମିଳିବ। ଏହି ମାନୁଆଲ ବ୍ରେଲରେ ଛପା ହୋଇଥିବ। ଏଥିସହ ମାନୁଆଲକୁ ଶୁଣିବା ପାଇଁ ଏକ ସିଡ଼ି ମଧ୍ୟ ରହିଛି ଏହି ଯଷ୍ଟି ସହ। ସ୍ମାର୍ଟଫୋନ୍ : ଦୃଷ୍ଟିହୀନ ଏବଂ କମ୍ ଦୃଷ୍ଟି ସମ୍ପନ୍ନ ଲୋକଙ୍କ ପାଇଁ ଏବେ ସ୍ମାର୍ଟଫୋନ ଏକ ନୂଆ ସାଥି ପାଲଟି ଯାଇଛି। ଫୋନର ସେଟିଂକୁ ଏପରି କରି ହେଉଛି ଯାହାଦ୍ୱାରା କମ୍ ଦେଖିପାରୁଥିବା ଲୋକମାନେ ସ୍କ୍ରିନରେ ଲେଖାଯାଇଥିବା ଅକ୍ଷର ପଢ଼ି ପାରୁଛନ୍ତି। ଟେକ୍ସଟ ଟୁ ସ୍ପିଚ୍ ଆଉଟପୁଟ ଦ୍ୱାରା ଫୋନରେ ଯେଉଁ କମାଣ୍ଡ ଦେବେ ତାହା ଶୁଣିପାରିବେ। ସେମିତି ସ୍ୱିକ୍ ପାସ୍‌ୱାର୍ଡ଼ ସେଟ କରିହେବ। ଏସବୁ ସୁବିଧା ଆଣ୍ଡ୍ରଏଡ୍ ମୋବାଇଲର ସବୁ ଭର୍ସନରେ ଉପଲବ୍ଧ ଅଛି। ନୂଆ ମଡେଲଗୁଡ଼ିକରେ ଅଧିକ ସୁବିଧା ରହିଛି।

ରିଫ୍ରେସେବୁଲ ବ୍ରେଲ୍ : ଯେଉଁମାନେ ଆଦୌ ଦେଖିପାରନ୍ତି ନାହିଁ ସେମାନଙ୍କ ପାଇଁ ମଧ୍ୟ ନାନା ପ୍ରକାର ଟେକ୍ନୋଲୋଜି ମଧ୍ୟ ଉପଲବ୍ଧ ହେଉଛି। ଯେମିତି ରିଫ୍ରେସେବୁଲ ବ୍ରେଲ୍। ଏହି ଇଲେକ୍ଟ୍ରୋନିକ୍ସ ଡିଭାଇସ୍‌କୁ କମ୍ପ୍ୟୁଟର ସହ ସଂଯୁକ୍ତ କରିବା ଦ୍ୱାରା ଯେଉଁ ଶବ୍ଦ କମ୍ପ୍ୟୁଟରରେ ଲେଖା ଯାଉଛି ତାହା ବ୍ରେଲ୍ ପରି ଉପଲବ୍ଧ ହେବ। ସେମିତି ସ୍କ୍ରିନ ରିଡର ଦ୍ୱାରା ଦୃଷ୍ଟିହୀନମାନେ କମ୍ପ୍ୟୁଟରରେ ପଢ଼ିପାରିବେ ଏବଂ ଲେଖିପାରିବେ। ସେତେବେଳେ ସ୍କ୍ରିନର କୌଣସି ଅଂଶ ଉପରେ କର୍ସର ରହେ ତା'ହେଲେ ଲେଖା ହୋଇଥିବା ଶବ୍ଦ କମ୍ପ୍ୟୁଟର କହିଦିଏ। ଏହାଦ୍ୱାରା ଇମେଲ ପଠାଇବା ଠାରୁ ଆରମ୍ଭ କରି ସଫ୍ଟୱେୟାର ଡାଉନଲୋଡ ଓ ପ୍ରୋଗ୍ରାମିଂ ମଧ୍ୟ କରିହୁଏ। ତେବେ ଏହା ଗ୍ରାଫିକ ସଫ୍ଟୱେୟାର ଉପରେ କାମ କରିପାରିବ ନାହିଁ। ଆଉ କେତେକ ସଫ୍ଟୱେୟାର ଦ୍ୱାରା କମ୍ପ୍ୟୁଟର ସ୍କ୍ରିନରେ ଥିବା ଶବ୍ଦ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଶୁଣାଯାଇପାରିବ।


ଶ୍ରବଣଶକ୍ତି : ଠିକ୍ ଭାବରେ ଶୁଣା ନଯିବାରୁ ଆରମ୍ଭ ହୁଏ କଥା କହିନପାରିବା ସମସ୍ୟା। ଯେଉଁମାନେ ଶୁଣିପାରନ୍ତି ନାହିଁ ସେମାନଙ୍କ ମଧ୍ୟରୁ ଅଧିକାଂଶ କହିପାରନ୍ତି ନାହିଁ। କିନ୍ତୁ ଏବେ ଶୁଣିବା ପାଇଁ ଅନେକ ପ୍ରକାର ଟେକ୍ନୋଲୋଜି ଉପଲବ୍ଧ ହେଲାଣି। କମ୍ ବୟସରୁ ଏ ସୁବିଧା ମିଳିଗଲେ ଅତିକମ୍‌ରେ ନକହିବା ସମସ୍ୟାରୁ ତ ମୁକ୍ତି ମିଳିଯିବ। ହିୟରିଂ ଏକ ମୁଖ୍ୟତଃ ଦୁଇ ପ୍ରକାରର। ଆନାଲଗ୍ ଏବଂ ଡିଜିଟାଲ। ଆନାଲ୍ ତୁଳନାରେ ଡିଜିଟାଲ ହିୟରିଂ ଏଡ୍ ଅଧିକ ଉନ୍ନତ। ଏହା ଅଟୋ ଆଡ୍‌ଜଷ୍ଟେବୁଲ୍ କିନ୍ତୁ ଦାମୀ। ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକତା ଚାହିଁ ଭିନ୍ନ ଭିନ୍ନ ପ୍ରକାରର ହିୟରିଂ ଏଡ୍ ପ୍ରସ୍ତୁତ କରିବାକୁ ହୁଏ। ହିୟରିଂ ଏଡ଼ ଚାରି ପ୍ରକାରର। ପକେଟ ମଡ଼େଲ ଏଡ୍ : ଏହା ସବୁଠାରୁ ସହଜ ହିୟରିଂ ଏଡ଼। ଏହାକୁ ପକେଟ ମଡ଼େଲ କୁହାଯାଏ। କାରଣ ଏହି ଛୋଟ ଉପକରଣ ପକେଟରେ ମଧ୍ୟ ରଖିହୁଏ। ଏଥିରେ ମାଇକ୍ରୋଫୋନ, ଆମ୍ପ୍ଲିଫାୟାର ଏବଂ କଣ୍ଟ୍ରୋଲ ମଧ୍ୟ ଥାଏ। ଗୋଟିଏ କାର୍ଡ୍ ଦ୍ୱାରା ଇଲେକ୍‌ଟ୍ରିକ ସିଗ୍ନାଲ ପଠାଯାଏ। ଶ୍ରବଣ ସମସ୍ୟା ଅନୁଯାୟୀ ଶବ୍ଦର ସ୍ତର ସ୍ଥିର କରାଯାଏ। ବିହାଇଣ୍ଡ ଦ ଇୟର : ଏହି ଉପକରଣକୁ କାନ ପଛପଟେ ଲଗାଇ ହୁଏ ଏବଂ ସାମ୍ନାରେ ଥିବା ବ୍ୟକ୍ତି ଏହାକୁ ଦେଖିପାରେ ନାହିଁ। ଇନ୍ ଦ ଇୟର : ଏହି ଉପକରଣକୁ କାନ ଭିତରେ ଲଗାଯାଏ ତେଣୁ ବାହାରକୁ ଦେଖାଯାଏ ନାହିଁ। ଏହି ହିୟରିଂ ଏଡ଼କୁ ଏକ ଶକ୍ତ ପ୍ଲାଷ୍ଟିକ କଭର ମଧ୍ୟରେ ରଖାଯାଏ। ଏହାକୁ କାନର ଆକାର ଅନୁଯାୟୀ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରିବାକୁ ହୁଏ। ଇନ୍‌ଭିଜିବୁଲ୍ ଇନ୍ କାନାଲ୍ ହିୟରିଂ ଏଡ୍ : ଏହି ଉପକରଣ କାନ ଭିତରେ ଏପରି ଲଗାଯାଏ ଯେ ଏହା ବାହାରକୁ ଦେଖାଯାଏ ନାହିଁ ବରଂ ଏହାର ରଙ୍ଗ ତ୍ୱଚାର ରଙ୍ଗ ସହ ଏକଦମ ମେଳ ଖାଏ। ଯେଉଁ ହିୟରିଂ ଏଡ୍‌ରେ ଯେତେ ଅଧିକ ଚ୍ୟାନେଲ ଥାଏ ତାହାର ମାନ ସେତେ ଉନ୍ନତ। ସରକାର ଗରିବମାନଙ୍କୁ ମାଗଣାରେ ପକେଟ ମଡ଼େଲ ହିୟରିଂ ଏଡ୍ ଉପଲବ୍ଧ କରାନ୍ତି। ଏଥିପାଇଁ ରାଜ୍ୟର ସାମାଜିକ କଲ୍ୟାଣ ବିଭାଗ ଯୋଗାଯୋଗ କରିବାକୁ ହେବ। କାର୍ଣ୍ଣ ପ୍ରତ୍ୟାରୋପଣ : ହିୟରିଂ ଏଡ୍ ଦ୍ୱାରା ଅଧିକ ସୁଫଳ ନମିଳିଲେ କକ୍ ଲିୟର ଇମ୍ପ୍ଲାଣ୍ଟ କରିବାକୁ ହୁଏ। ଏହାଦ୍ୱାରା କାନର ସମସ୍ୟା ଚାଲିଯାଏ କିନ୍ତୁ ଦାମ ଖୁବ୍ ଅଧିକ। କୌଣସି ଶିଶୁଠାରେ ଶ୍ରବଣ ସମସ୍ୟା ଥିଲେ ୫ ବର୍ଷ ବୟସ ମଧ୍ୟରେ ମସ୍ତିଷ୍କର ବାକ୍ ଶକ୍ତି ଅଞ୍ଚଳ ବିକଶିତ ହୁଏ। ୫ ବର୍ଷ ପରେ ଏହି କର୍ଣ୍ଣ ପ୍ରତ୍ୟାରୋପଣ କଲେ ପିଲା ଶୁଣିପାରିବ କିନ୍ତୁ କହିପାରିବ ନାହିଁ। ତେଣୁ ଜନ୍ମର ବର୍ଷେ ପରେ ଏବଂ ୫ ବର୍ଷ ପୂର୍ବରୁ ଏହି ପ୍ରତ୍ୟାରୋପଣ କରାଇନେବା ଉଚିତ। ଯେଉଁମାନଙ୍କ କାନରେ ଭିତର ଅଂଶରେ ସମସ୍ୟା ଥାଏ ସେମାନଙ୍କର ଏହି ପ୍ରତ୍ୟାରୋପଣ ଦ୍ୱାରା ଶୁଣିପାରୁଥିବା ସ୍ନାୟୁକୁ ସକ୍ରିୟ କରାଯାଏ। ଯାହାର ସୂଚନା ସିଧାସଳଖ ମସ୍ତିଷ୍କକୁ ଯାଏ। ଏହି ପ୍ରତ୍ୟାରୋପଣ ପରେ ସ୍ପିଚ୍ ଥେରାପି କଲେ ମୂକବଧିର ଶିଶୁ କଥା କହିପାରେ।


*ବାକ୍‌ଶ୍ରବଣ ବିଶେଷଜ୍ଞ,*
*'ଧ୍ୱନୀ' କାଠଗୋଲା ରୋଡ଼,*
*ମଙ୍ଗଳାବାଗ, କଟକ*
*ଦୂରଭାଷ : ୯୪୩୮୨୭୬୭୬୦*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୨୮

# ବେଳ ଭଲ ନାହିଁ

ମୁଁ ଭାବୁଥିଲି ତମେ ସବୁବେଳେ ଟୋକା ଟାକାଳିଆ ଗୁଲି ଗପ କରୁଛ ବୋଲି। ବିବାହ ସ୍ୱର୍ଗରେ ନିର୍ଦ୍ଧିଷ୍ଟ ହୋଇ ମର୍ତ୍ତ୍ୟରେ ସମ୍ପୂର୍ଣ୍ଣ ହୁଏ ବୋଲି ଆମେ ଶୁଣି ଆସିଥିଲୁ। ଏବେ ସେଭଳି ସମ୍ପର୍କକୁ କେତେଟା ବର୍ଷ ଭିତରେ ସୀମିତ କରି ଚୁକ୍ତି କରାଗଲାଣି ବୋଲି ଆମେ କେମିତି ଭାବି ପାରିବୁ। ତା'ହେଲେ ମଣିଷ ଓ ଗାଈଗୋରୁଙ୍କ ମଧ୍ୟରେ ଫରକ କ'ଣ ରହିଲା? ଆଜି ଏ ମାଲିକ ପାଖରେ ଅଛି, କାଲି ଯଦି ତାକୁ କିଏ କିଣି ନେଲା ସେ ମାଲିକର ହୋଇଗଲା। ପାଟି ଫିଟୁ ନଥିବା ସେ ଜୀବବି ପୁରୁଣା ମାଲିକ ପ୍ରତି ବଫାଦାରୀ ଦେଖାନ୍ତି। ନୂଆ ଗୋଠକୁ ଆଦର ନପାରି ପଘା ଛିଣ୍ଡାଇ ପୁରୁଣା ମାଲିକ ଘରକୁ ପଳାଇ ବି ଆସନ୍ତି। ଏମାନେ ତ ମଣିଷ, ସମ୍ପର୍କକୁ ଏତେ ଶୀଘ୍ର ଭୁଲି ଯାଉଛନ୍ତି କିପରି?

ବୁଝିଲ ସାଆନ୍ତ - ଯୁବ ବଦଳୁଛି, ବଦଳି ଯାଉଛି ଆମର ପୁରୁଣା ସଂସ୍କୃତି ଓ ସଭ୍ୟତାର ମୂଳଦୁଆ।

ହଁରେ ଆମେ କ'ଣ ଜାଣିନୁ ନା ଜାଣିପରୁନୁ ଯୁବ ବଦଳୁଛି ବୋଲି, ଆରେ ଏହି ଯୁଗ ବଦଳିବାଟା ଭଲ ଆଡକୁ ନା ଖରାପ ଆଡକୁ?

ଏକଥା କିଏ କେମିତି କହିବ? ଏଇଟା ରହିଲା ଦୃଷ୍ଟିଭଙ୍ଗୀ ଉପରେ।

ହଁ-ହେଇପାରେ, ଆମେ ପୁରୁଣା ପିଢ଼ିର ମଣିଷ ବୋଲି ଆମକୁ ଏକଥା ଶୁଣିବାକୁ ଖରାପ ଲାଗୁଛି। ହୁଏତ ଆଉ କେତେବର୍ଷ ପରେ ଆଧୁନିକ ମଣିଷ ଆମର ସେହି ପୁରୁଣା ସଂସ୍କୃତିକୁ ତାଚ୍ଛଲ୍ୟ କରି କହିବ - କି ଆଶ୍ଚର୍ଯ୍ୟ କଥା, ଗୋଟାଏ ପୁରୁଷ ସାରା ଜୀବନ କେମିତି ବାନ୍ଧି ହୋଇ ରହିପାରୁଥିଲା ଗୋଟିଏ ସ୍ତ୍ରୀ ପାଖରେ? କିଭଳି ଅଦ୍ଭୁତ ମଣିଷ ଥିଲେ ସେମାନେ। ଆରେ ଗୋଟିଏ ନିର୍ଦ୍ଧିଷ୍ଟ ଖାଦ୍ୟ ସବୁଦିନ ଖାଇଲେ ଯେପରି ମନ ମରିଯାଏ, ପାଟି ବାଟି ହୋଇ ପଡେ, ଗୋଟିଏ ନିର୍ଦ୍ଧିଷ୍ଟ ଭିଟାମିନ୍ ଯେମିତି ଶରୀରକୁ ସମସ୍ତ ପୋଷକତତ୍ତ୍ୱ ଯୋଗାଇ ପାରେନା, ଗୋଟିଏ ନିର୍ଦ୍ଧିଷ୍ଟ ସ୍ତ୍ରୀ ସହ ସମ୍ପର୍କ କ'ଣ ମନର ସମସ୍ତ ଆବଶ୍ୟକତାକୁ ପୂରଣ କରିପାରିବ?

ଖୁବ୍ ଭଲ କଥାଟିଏ କହିଲ ସାଆନ୍ତ।

ହଁରେ, ତମେମାନେ ସମସ୍ତେ ହେଉଛ ସେହି ବଦଳି ଯାଉଥିବା ଯୁଗର ମଣିଷ, ତମମାନଙ୍କୁ ଏକଥା ତ ନିଶ୍ଚୟ ଭଲ ଲାଗିବ। ହେଲେ ଏ ଯେଉଁ ପରିବର୍ତ୍ତନ ଆସୁଛି, ସେ ପରିବର୍ତ୍ତନର ପର୍ବ ଆମକୁ ପୁଣିଥରେ ଆଦି ମାନବ ପର୍ଯ୍ୟାୟକୁ ନେଉଛି କି ନାହିଁ ଦେଖିବା କଥା।

**-ପାଞ୍ଚ-**

ଅପରାହ୍ନରେ ବାରଣ୍ଡାରେ ବସି ଖବରକାଗଜ ପଢୁଥିଲେ ସୁଦର୍ଶନ ବାବୁ। ଖବର କାଗଜ ପଢ଼ିବାଟା ତାଙ୍କର ବହୁ ବର୍ଷର ଅଭ୍ୟାସ। ଭୁବନେଶ୍ୱରରେ ଥିଲା ବେଳେ ସକାଳୁ ସକାଳୁ ମିଳି ଯାଉଥିଲା ଖବରକାଗଜ। ବିଛଣା ଛାଡିବା ପରେ ଚ' କପଟିଏ ଧରି ସେ ବସି ଯାଉଥିଲେ ଖବରକାଗଜ ଧରି। ପଢ଼ା ସରିଲେ ଯାଇ ଅନ୍ୟ ସବୁ ନିତ୍ୟକର୍ମ କରୁଥିଲେ। ଖବରକାଗଜ ପଢ଼ାଟା ତାଙ୍କର ସଉକ ନୁହେଁ, ଅଭ୍ୟାସରେ ପରିଣତ ହୋଇଯାଇଥିଲା। ମାତ୍ର ଭୁବନେଶ୍ୱର ଛାଡି ଗାଆଁରେ ଆସି ରହିବା ପରେ ସେ ତାଙ୍କର ଅଭ୍ୟାସରେ ପରିବର୍ତ୍ତନ ଆଣିଥିଲେ। କାରଣ ଗାଆଁକୁ ଖବରକାଗଜ ଆସି ପହଞ୍ଚିବା ବେଳକୁ ଅପରାହ୍ନ ହୋଇଯାଇଥାଏ। ସେ ଅପରାହ୍ନରେ ଖବରକାଗଜଟା ପାଇବାଟା ପୁଣି ତାଙ୍କ ପୁତୁରାର କରିତ୍‌କର୍ମା ଗୁଣ ପାଇଁ। ତେଣୁ ଗାଆଁରେ ରହିବା ପରେ ସେ ମଧ୍ୟାହ୍ନଭୋଜନ ସାରି ବିଶ୍ରାମ ନେଇ ଉଠିବା ପରେ ହିଁ ତାଙ୍କ ବାରଣ୍ଡାରେ ପଡିଥିବା ଭଳି ଚେୟାରଟିଏରେ ଅର୍ଦ୍ଧଶାୟିତ ଅବସ୍ଥାରେ ଖବର କାଗଜ ପଢ଼ନ୍ତି।

ପୁରୁଣା ଅଭ୍ୟାସବଶତଃ ସେ ସବୁଦିନ ଖବର କାଗଜ ଧରି ବସନ୍ତି ସିନା, ହେଲେ ବେଳେ ବେଳେ ଭାବନ୍ତି ଆଜିକାଲିର ଖବରକାଗଜରେ ଅଛି କ'ଣ? ଏବେ ତ ସାମ୍ବାଦିକମାନଙ୍କ ପାଇଁ ସବୁ ଅଖବର ହିଁ ମୁଖ୍ୟ ଖବର। ଅଶି ବର୍ଷର ବୃଦ୍ଧର ଅପ୍ରାପ୍ତ ବୟସ୍କା ନାତୁରୀ ଉପରେ ବଳାତ୍କାର। ନିଜର ଯୌନଲାଳସା ଚରିତାର୍ଥ ନ ହେବାରୁ ଯୁବ୍ଧ ପିତାର କନ୍ୟା ହତ୍ୟା। ତିନୋଟି ସନ୍ତାନର ଜନନୀ ପୂର୍ବତନ ପ୍ରେମିକ ସହ ଫେରାର। ଏକ ଜନଶୂନ୍ୟ ରାସ୍ତାରେ ସ୍କୁଟରରେ ଯାଉଥିବା ଦମ୍ପତିକୁ ଅଟକାଇ ସ୍ୱାମୀକୁ ମାଡ ମାରି ଅଚେତ କରି ସ୍ତ୍ରୀକୁ ଅପହରଣ। ସିନ୍ଦୁର ଦାବିରେ ପ୍ରେମିକର ଘର ଆଗରେ ପ୍ରେମିକାର ଅନଶନ। ଜଣେ ଉଚ୍ଚପଦସ୍ଥ ଅଫିସର ନିଜ ଭାଉଜଙ୍କ ସହ ଅବୈଧ ସମ୍ପର୍କ ପାଇଁ ପତ୍ନୀଙ୍କୁ ନିର୍ଯାତନା ଦେଇ ଛାଡପତ୍ର। ଆଇନ ସହାୟତା ମାଗିବାକୁ ଯାଇଥିବା ଜଣେ ମହିଳାଙ୍କ ସହ ଓକିଲଙ୍କର ବଳାତ୍କାର ଉଦ୍ୟମ। ଶିଶୁ ବେଶ୍ୟାବୃତ୍ତି କବଳରେ ବମ୍ବେ ସହର। ପିଲା ଚୋରି ବାବାଜି ଗିରଫ।

(କ୍ରମଶଃ)



# ଶ୍ରେଷ୍ଠ ଚିତ୍ରକର

**ବିନୟ ଭୂଷଣ ପାଣିଗ୍ରାହୀ**



ବିକ୍ରାନ୍ତ ନଗରର ମହାରାଜ କନକବର୍ଦ୍ଧନ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ରାଜ୍ୟର ସୁଶାସନ ଏବଂ ସମଗ୍ର ରାଜ୍ୟରେ ବିକାଶକୁ ସମନ୍ୱିତ କରିବା ପାଇଁ ସେ ନିଜର ରାଜ୍ୟକୁ ଭୌଗଳିକ ଅବସ୍ଥିତି ଅନୁଯାୟୀ ଚାରି ଭାଗରେ ବିଭକ୍ତ କରି ଚାରିଜଣ ଦିଗପାଳଙ୍କ ହାତରେ ସେଇସବୁ ଭାଗର ଶାସନ କ୍ଷମତା ଅର୍ପଣ କରିଥିଲେ। ଦେଶର ସୀମାସୁରକ୍ଷା, କର ବ୍ୟବସ୍ଥା, ନ୍ୟାୟ ବ୍ୟବସ୍ଥା ପରି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ କେନ୍ଦ୍ରୀୟ ଶାସନ ତାଲିକା ଭିତରେ ରଖିଥିଲେ। ଦିଗପାଳ ମାନେ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ ପାଇଁ ମହାରାଜଙ୍କ ନିକଟରେ ଉତ୍ତରଦାୟୀ ଥିଲେ।

ମହାରାଜ କନକବର୍ଦ୍ଧନଙ୍କର ପୁତ୍ର ସନ୍ତାନ ନଥିଲେ। ଏକମାତ୍ର କନ୍ୟା ଶଶୀପ୍ରଭା ଉଭୟ ଶସ୍ତ୍ରବିଦ୍ୟା ଏବଂ ଶାସ୍ତ୍ରବିଦ୍ୟାରେ ସୁଦକ୍ଷା ଥିଲେ। ତେବେ, ଚିତ୍ରକଳା ପ୍ରତି ତାଙ୍କର ବିଶେଷ ଦୁର୍ବଳତା ଥିବାରୁ ସେ ଜଣେ ଅନନ୍ୟ ପ୍ରତିଭା ସମ୍ପନ୍ନ ଚିତ୍ରକରଙ୍କୁ ବିବାହ କରିବାର ଇଚ୍ଛା ରଖିଥିଲେ। ରାଜକୁମାରୀଙ୍କର ଏହି ଇଚ୍ଛା ବିଷୟରେ ମହାରାଜ ଅବଗତ ଥିବାରୁ ସେ ନିଜରାଜ୍ୟ ଭିତରେ ଏମିତି ଜଣେ ସୁଯୋଗ୍ୟ ଯୁବକ ଅନ୍ୱେଷଣରେ ଥିଲେ ଯିଏ ସର୍ବଶ୍ରେଷ୍ଠ ଚିତ୍ରକର ହେବା ସଙ୍ଗେ ସଙ୍ଗେ ଜଣେ ପ୍ରଜା ହିତକାରୀ ରାଜା ମଧ୍ୟ ହେଇପାରିବ।


ଥରେ ମହାରାଜ ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ଖବର ଆଧାରରେ ଜାଣିବାକୁ ପାଇଲେ ଯେ ଦିଗପାଳ ମାନେ ପ୍ରଜାହିତକର କାର୍ଯ୍ୟ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥସାଧନ ଉପରେ ଅଧିକ ଧ୍ୟାନ ଦେଉଥିବାରୁ ପ୍ରାନ୍ତୀୟ ଅଞ୍ଚଳମାନଙ୍କରେ ପ୍ରଜାମାନଙ୍କର ଜୀବନଧାରଣର ମାନ ବେଳକୁବେଳ ଅବକ୍ଷୟମୁଖୀ ହେଉଥିଲା। ମହାରାଜ ସେଇସବୁ ଅଞ୍ଚଳର ବାସ୍ତବ ଖବର ଜାଣିବାପାଇଁ ଯେଉଁ ଗୁପ୍ତଚର ମାନଙ୍କୁ ପଠାଉଥିଲେ ସେମାନେ ଦିଗପାଳ ମାନଙ୍କ ଠାରୁ ଲାଞ୍ଚ ଖାଇ ମିଥ୍ୟା ସୂଚନା ପ୍ରଦାନ କରୁଥିଲେ। ଯଦି କୌଣସି ଗୁପ୍ତଚର ସଚ୍ଚୋଟ ହେବାକୁ ଚେଷ୍ଟା କରୁଥିଲେ ତେବେ କିଛିଦିନ ପରେ ତାଙ୍କର କୌଣସି ଖୋଜଖବର ମିଳୁନଥିଲା। ମଝିରେ ମଝିରେ ଦିଗପାଳ ମାନଙ୍କୁ ବଦଳାଇ ଅନ୍ୟକୁ ଦାୟିତ୍ୱ ଦେଉଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସୁନଥିଲା। ସମସ୍ତ ପ୍ରୟାସ ସତ୍ତ୍ୱେ ନିଜ ରାଜ୍ୟବାସୀମାନଙ୍କର ପ୍ରକୃତ ସ୍ଥିତି ଜାଣିନପାରୁଥିବାରୁ ସେମାନଙ୍କ ସମସ୍ୟା ଦୂର କରିବା ସମ୍ଭବପର ହେଉନଥିଲା। ମହାରାଜ ଚିନ୍ତା କଲେ ଯଦି ପ୍ରାନ୍ତୀୟ ଅଞ୍ଚଳର ପ୍ରଜାମାନେ ଦୀର୍ଘଦିନ ଧରି ନିଜକୁ ଅବହେଳିତ ଅନୁଭବ କରିବେ ତେବେ ସେମାନେ ବିକ୍ଷୋଭ କରିବା ସଙ୍ଗେସଙ୍ଗେ ପଡ଼ୋଶୀ ରାଜ୍ୟର ରାଜା ମାନଙ୍କର ଆନୁଗତ୍ୟ ସ୍ୱୀକାର କରିବାକୁ ଅଧିକ ପସନ୍ଦ କରିବେ।

ଦିନେ ମହାରାଜ କନକବର୍ଦ୍ଧନଙ୍କ ମୁଣ୍ଡକୁ ଗୋଟିଏ ବିଚିତ୍ର ଉପାୟ ଜୁଟିଲା। ସେ ତାଙ୍କ ରାଜ୍ୟର ଚାରିଜଣ ବିଖ୍ୟାତ ଚିତ୍ରକରଙ୍କୁ ଦରବାରକୁ ଡକାଇଲେ ଏବଂ କହିଲେ 'ମୁଁ ତୁମମାନଙ୍କର ଚିତ୍ରକଳାରେ ଥିବା ପାରଙ୍ଗମତା ବିଷୟରେ ବହୁତ କିଛି ଶୁଣିଛି। ମାତ୍ର, ତୁମମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଚିତ୍ରକର କିଏ ତାହା ମୁଁ ପରୀକ୍ଷା କରିବାକୁ ଚାହେଁ। ଶ୍ରେଷ୍ଠ ଚିତ୍ରକରଙ୍କୁ ବାର୍ଷିକ ଉତ୍ସବରେ ବିଶେଷଭାବେ ସମ୍ମାନିତ କରାଯିବା ସହ ଦରବାରରେ ଏକ ବିଶେଷ ପୁରସ୍କାର ପ୍ରଦାନ କରାଯିବ। ଚାରିଜଣ ଯାକ ଚିତ୍ରକର ଚାରି ଭିନ୍ନ ଦିଗକୁ ଯାଇ ନିଜନିଜ ଜୀବନକାଳର ଅଭିଜ୍ଞତାକୁ ନେଇ ଦୁଇଟି ଲେଖାଏଁ ଶ୍ରେଷ୍ଠ ଚିତ୍ର ଆଙ୍କିବାକୁ ଚେଷ୍ଟା କରିବେ। ଚିତ୍ରଦ୍ୱୟ ପୂର୍ବାପର ସଂଗତ ହେଇଥିବା ନିହାତି ଜରୁରୀ। ଏତଦବ୍ୟତୀତ ଦ୍ୱିତୀୟ ଚିତ୍ରଟି ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ସୂଚିତ କରୁଥିବା ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକଙ୍କୁ ଚାରିମାସ ସମୟ ଦିଆଗଲା। ସେଇ ଚାରିମାସ ସମୟ ଭିତରେ ଆପଣମାନଙ୍କର ରହଣି, ଖାଦ୍ୟପେୟ, ପୋଷାକପରିଚ୍ଛଦ, ନିରାପତ୍ତା ଓ ଭ୍ରମଣ ସଂକ୍ରାନ୍ତୀୟ ସମସ୍ତ ଖର୍ଚ୍ଚ ଦିଗପାଳ ମାନେ ସେମାନଙ୍କ ରାଜସ୍ୱରୁ ବହନ କରିବେ।' ଏଥୁଅନ୍ତେ, ଯେଉଁ ଚିତ୍ରକର ଯେଉଁ ଦିଗକୁ ଯିବା

## ନିଶ୍ୱାସେ କବିତା

# ପଲସ୍ତରା ପ୍ରଗତିର

**ଅନୁପ କିଶୋର ଦାସ**






ପ୍ରଗତିର ପଲସ୍ତରା
ଗ୍ରାସି ଚାଲିଛି ନିର୍ଭୟରେ,
ରାସ୍ତା ଘାଟ, ଘର, ସହର, ଗାଁ
ପୁଣି ଶରୀର , ମନ ଓ ଆତ୍ମାଙ୍କ।
ପଲସ୍ତରା ବଦଳେଇ ଦେଉଛି
ବସନ, ବାସନା, ଆଭୂଷଣ
ପରିଚୟ ବି ତା'ର ଅଧୀନ।
ଚିକ୍କଣ ସୁଠାମ ରାସ୍ତା ଉପରେ
ସୁନ୍ଦର ରଙ୍ଗିଲା ମାଇଲ ଖୁଣ୍ଟ
ପାଖକୁ ପାଖ ଏଲିଡି ଲାଇଟି
ଘର ଠୁଁ ଭାରି ଉଚ୍ଚ ଏ ପରିଷ୍କାର ରାସ୍ତା
ଘର ଭିତରେ ଆଣ୍ଠିଏ ଅଣ୍ଟାଏ
ନାଳ ନର୍ଦ୍ଦମାର ପାଣିରେ ଜଡ ସଡ ହୋଇ
ବାହାରି ଆସୁ ରାସ୍ତାକୁ,
ହିଆକୁ ଫୁଲେଇ ପ୍ରଶାନ୍ତିର
ହାଇଟିଏ ମାରି
ଆକାଶକୁ ଧୂଆଁ ଛାଡୁ
ପରସ୍ତେ ପରସ୍ତେ ସ୍ୱାଭାବିକତାକୁ ବିଦୀର୍ଣ୍ଣ କରୁ।
ଆମେ ପରିବେଶର ପ୍ରଦୁଷକ ପୁଣି
ବିଶୋଧନର ବିଦୂଷକ।
ସବୁ ଆଡ଼େ ସହର ଓ ବିପଣୀ
ଗାଁ ଏବେ ନୁହଁ ନୂଆ ଭୁଆସୁଣୀ
ସେ ବି ଏବେ ସହରୀ ଖାଉଦାଣୀ,
ସବୁଆଡେ ସହରର ସଂକ୍ରମଣ
ମନରେ ଫୁଟୁଛି ଆଶା ମହଣ ମହଣ।
ଲୋଡା ନାହିଁ ମାଟି
କି ଦରକାର ଗଛର, ନଈର
ସବୁ ଖାଲ ଏବେ ସମତଳ
ପଲସ୍ତରା ଉପରେ ଦଣ୍ଡାୟମାନ
କର୍ପୋରେଟ ଅଫିସ ଓ ମହଲ।
ନାହିଁ ଏନ୍ତୁଡି ଶାଳ, ନାହିଁ ଷଠି ଘର
ମଶାଣି ବି ଏବେ ପ୍ଲାଷ୍ଟର
ଦାଣ୍ଡ ଆଗରେ ନ ଦିଶେ ଚିହ୍ନ ପଦାଙ୍କର
ନା ଅଛି ମାଟି ଧୂଳି ଅବା କାଦୁଅ
ନିଜେ ଭେଇଥିବା ନୂଆ ବିନ୍ୟାସର
ଧରିଛୁ ଆମେ ପୟର,
ପଦ୍ମନାଭ, ପଦ୍ମଭୁ ଓ ପଦ୍ମାଳୟାଙ୍କୁ ପାଶୋରି
ଆମେ ଆମ ଅପସଂସ୍କୃତିର ପରଶ ପଥର।
ଆମ ଇଚ୍ଛାରେ ପାଗ, ପଗଡ଼ି, ପବନ
ଜୀବନ ଓ ମରଣ
ଋତୁ ସ୍ନାନ ତାରିଖକୁ ଘୁଞ୍ଚାଇଲା ପରି
ଆମ ଇଚ୍ଛାରେ ଆମେ ଇଚ୍ଛାଧୀନ,
ବିତର୍କରେ ପୂର୍ବସୁରୀଙ୍କୁ ପରାସ୍ତ କରି
ଆମେ କରୁଛୁ ଆମ ଅହଙ୍କାରର ନିର୍ମାଣ।
ଆମେ ନାଗରିକ
ଏ ନବୀନ ବିଶ୍ୱ ରାଷ୍ଟ୍ରର,
ପ୍ରଗତିର ପଲସ୍ତରା
ସତେ କେଡ଼େ ମନୋହର....।

*ପ୍ଲଟ ନଂ-୨ଇ ୭୪୬, ସେକ୍ଟର ୧୧,*
*ସି ଡ଼ି ଏ, କଟକ ୧୫*
*ମୋ ୯୪୩୭୩୫୧୩୫୩*



# କହିଦେବି ଯଦି

**ନିଖିଳ ପ୍ରଭା ମିଶ୍ର**



ଜୀବନ ଦୁଆରେ ମରଣ ଆସି ନିଇତି କରୁଚି ହାଟ
ବଡ ବଡିଆ ଓ ରାଜନୀତିଆଙ୍କ ତଥାପି ସରୁନି ନାଟ।
କେତେ ରାହାଜାନୀ ଦୁର୍ନୀତି ଅନିତୀ ସରୁନାହିଁ କୂଟନୀତି
ତେଲିଆ ମୁଣ୍ଡରେ ତେଲ ଢଳାଯାଏ ଗରିବଙ୍କ ପେଟ କାଟି।
ମଲି ମୁଣ୍ଡିଆ ତ ପାଉଛନ୍ତି ଯାହା ମଝି ମଝିଆଙ୍କ ଦଶା
ପାଠପଢ଼ି ମୂଲ ଲାଗି ପାରନ୍ତିନି ଭୋଗୁଛନ୍ତି ସେ ଦୁର୍ଦ୍ଦଶା।
ଯୋଜନା ପରେ ତ ଯୋଜନା ହେଉଛି ଚାଲିଛି ବାଟ ମାରଣା
କହି ଦେବ ଯଦିଏ ରଖିବେନି ତାକୁ ଚାଳ ଛାତ ହେବ କଣା।
ଟଙ୍କା ଦେଇ ତୁମେ ଯାହା କିଣି ପାର ପଦ ପଦବୀ ପ୍ରତିଷ୍ଠା
ତୁମ ପାଖେ ଥିବା ପ୍ରତିଭାର ମୂଲ୍ୟ ସବୁ ପଡିଯିବ ଫିକା।
ତଥାପି ଗରବେ କହେ ଗଣତନ୍ତ୍ର ଦେଇଛି ମୋ ଅଧିକାର
ପାନରୁ ଚୂନଟା ଖସି ଯିବ ଯେବେ ଯିବି ମୁଁ ଯେ କାରାଗାର
କହି ପାରିଲା ଯେ ବଡ ଲୋକ ହେଲା ସବୁ ତା କିଣା ଚାକର
ଲୁଟିବାର କଳା ଶିଖି ପାରିଲା ଯେ ସେ ଗଢ଼ିଲା ଦରବାର।
କହିଦେଲେ କିଛି ପାରିବିନି ରହି ଓଠେ ବୋଲି ଦେଇ ଅଠା
ଦୁଆର ଦେଇ ମୁଁ ଭିତରେ କାନ୍ଦୁଚି ନିଜେ ତ ଭାଗ୍ୟ ବିଧାତା।

*ଅଧ୍ୟାପିକା, ଛତ୍ରପୁର, ଗଞ୍ଜାମ*

# କବିତାର କଥା

(ଭାଗ-୨୯)



**ଉମାକାନ୍ତ ରାଉତ**



# ପ୍ରତୀକବାଦର ଉପକ୍ରମ

ଏ ଧାରାବାହିକର ପ୍ରାରମ୍ଭ ହୋଇଥିଲା ଖଲିଲ୍ ଜିବ୍ରାନ୍‌ଙ୍କର ଏକ ବାକ୍ୟରୁ।

"Poetry is not an opinion expressed . It is a song that rises bleeding wound or smiling mouth ."

ଅର୍ଥାତ୍, କବିତା କୌଣସି ନିର୍ଦ୍ଦିଷ୍ଟ ମତ ବା ବାଦରେ ଆବଦ୍ଧ ନୁହେଁ। ରକ୍ତାକ୍ତ କ୍ଷତ ଓ ସ୍ମିତହାସ୍ୟଯୁକ୍ତ ମୁଖମଣ୍ଡଳଟିଏକୁ ଜାଗରିତ କରିପାରୁଥିବା ସଙ୍ଗୀତ ହିଁ କବିତା।

ଉପରୋକ୍ତ ସିଦ୍ଧାନ୍ତ ବା ଧାରଣାରେ ଅଟଳ ରହି ମୁଁ ଦୋହରାଇବାକୁ ଚାହୁଁଛି ଯେ କୌଣସି ବାଦ, ଇଜିମ୍ ଫିଜିମ୍, କି ବିମ୍ବ କବିତାର ମାନ ନିର୍ଣ୍ଣୟ ପାଇଁ ଅପରିହାର୍ଯ୍ୟ ପରିମାପକ ହୋଇ ନପାରେ।

ମାନସ ଚକ୍ଷୁରେ ଚିରକାଳ ଆବଦ୍ଧ ହୋଇ ହୃଦୟକୁ ଛୁଇଁଯାଉଥିବା, ମନ୍ତ୍ରମୁଗ୍ଧ ଭାବେ ବିଗଳିତ କରି ଭାବର ମାଧୁର୍ଯ୍ୟ ପସରା ମେଲିଦେଉଥିବା ଗୁଣ ହିଁ କବିତାର ଅସଲ ଉପାଦାନ। ତାହା ହିଁ ଅସଲ କବିତା ଯିଏ ତା'ର ବିଭବର ନାଆ ବାହି ଉତ୍ତୁରି ଆସିପାରେ ଦୁଃଖର ଅତଳ ସାଗରରୁ। ଯିଏ ଭାସିଯାଉଥିବା ପ୍ରାଣକୁ ଫେରେଇ ଆଣିପାରେ କୂଳକୁ। ଯିଏ ସାଜିପାରେ ଛାତିର ସାଂଜୁ, ହାତର ଢାଲ ଆଉ ମଥାର ଶିରସ୍ତ୍ରାଣ। ଯିଏ ହାତଧରି କଡେଇ ନେଇଯାଇପାରେ ଭିନ୍ନ ଏକ ଇଲାକାକୁ, ଚୁନି ଚୁନି ଶବ୍ଦ ଶାମୁକାଙ୍କ ସହ ଚୁପି ଚୁପି କଥା କହି ମୁକ୍ତା ଆବିଷ୍କାରର ସନ୍ଧାନ ଜଣେଇବାକୁ; ଯିଏ ବିଷାଦକୁ ରୂପାନ୍ତରିତ କରିଦେଇପାରେ ବିଳାସରେ, ସେଇ ହିଁ ଅସଲ କବିତା।

ସେଇ ହିଁ ଅସଲ କବିତା ଯିଏ ଆଶା ହରେଇଥିବା ଆଶଙ୍କାପୀଡିତଙ୍କ ହାତରେ ଧରେଇ ଦେଇପାରେ ଆଶାବରୀର ଆଶାବାଡି........ ମାନବଜାତିକକୁ ନେଇଯାଇପାରେ ଭିନ୍ନ ଏକ ଭୂଗୋଳକୁ ଯେଉଁଠି ନଥାଏ ଘୃଣା ହିଂସା ଦ୍ୱେଷର ଲେସମାତ୍ର ଚିହ୍ନ। ଯେଉଁଠି ନଥାଏ ହରେଇବାର ପଶ୍ଚାତ୍ତାପ, ଯେଉଁଠି ନଥାଏ ଭୋକ ଭୟ ଭ୍ରଷ୍ଟାଚାରର କରାଳ ରୂପ। ସେଇଠି କବିତା ଫୁଙ୍କି ଚାଲିଥାଏ ସମଗ୍ରର ସ୍ୱସ୍ତାୟ ଶୁଭଶଙ୍ଖ। ତାହା ହିଁ କବିତାର ଅସଲ ବ୍ରହ୍ମଲୋକ। ଏସବୁ ବାଦବିବାଦ, ବିମ୍ବ କି ଇଜିମ୍ ନୁହେଁ। କବିତା ଗାଏ ବସୁଧୈବ କୁଟୁମ୍ବକମ୍‌ର କଥା, ସର୍ବେ ଭବନ୍ତୁ ସୁଖୀନୋର ଗାଥା।

ଏହି ପରିପ୍ରେକ୍ଷୀରେ ଆଡ୍ରିଆନ୍ ମିଚେଲ୍ (Adrian Michel)ଙ୍କର ନିମ୍ନ ବକ୍ତବ୍ୟକୁ ଉଦ୍ଧାର କରାଯାଇପାରେ --

"Most people ignore most poetry because most poetry ignore most people"

ଏସବୁ ବ୍ୟକ୍ତିଗତଭାବେ ମୋର ସାନ୍ଦ୍ର ଅନୁଭବର କଥା .... ବିଶ୍ୱାସଜନିତ ଅନୁଭବ ଓ ଅନୁଭବଜନିତ ବିଶ୍ୱାସର କଥା। ହେଲେ, କବିତାର କଥା କୁହାଯାଉଛି ସେତେବେଳେ ବିଭିନ୍ନ କାଳଖଣ୍ଡରେ କବିତାର ଧାରାକୁ ନାମିତ କରାଯାଇଥିବା କେତେକ ମତ, ବାଦ (ଇଜିମ୍) ଆଦିକୁ ମୋ ସାଧାରଣ ବିଚାରମତେ ଉପସ୍ଥାପନ କରି କମନ୍ ମେନ୍‌ଟି ପାଇଁ କାବ୍ୟ ସାହିତ୍ୟ ସମ୍ପର୍କିତ ଏକ ମୋଟାମୋଟି ଧାରଣା ସୃଷ୍ଟି କରିବା ହିଁ ମୋର କର୍ତ୍ତବ୍ୟ ମନେ କରୁଛି।

ଏହାଦ୍ୱାରା ମୁଁ ପ୍ରତୀକବାଦ ବା ଭିନ୍ନଭାବରେ କହିଲେ ସାଙ୍କେତିକତାର ବିରୋଧୀ ବୋଲି ପ୍ରିୟ ବନ୍ଧୁମାନଙ୍କ ମନରେ ସୃଷ୍ଟି ହେଉଥିବା ଭୁଲ୍ ଧାରଣାକୁ ଦୂର କରିବା ସହ ସାଧାରଣ ପାଠକବର୍ଗଙ୍କୁ ଏକ ସାମଗ୍ରିକ ଧାରଣା ଦେବାର ଆଶା ରଖୁଛି।

ପ୍ରାୟ ସବୁପ୍ରକାରର ବାଦ ବା ଇଜିମ୍ ପଶ୍ଚିମକୈନ୍ଦ୍ରିକ ହୋଇଥିବାରୁ ସେ ବିଷୟକ ସଂକ୍ଷିପ୍ତ ସୂଚନା ନଦେଇ ପ୍ରତୀକବାଦ (SYMBOLISM) ବିଷୟରେ କହିବା ଅପ୍ରାସଙ୍ଗିକ ଓ ଅଯୌକ୍ତିକର ହୋଇପାରେ। ଅଷ୍ଟାଦଶ ଶତାବ୍ଦୀରେ ଜ୍ଞାନଯୁଗ (THE AGE OF ENLIGHTENMENT) ଅବା ନିଓ କ୍ଲାସିକାଲ୍ ଯୁଗରେ (ଏହାକୁ POPES AGE ଏବଂ AGE OF REASONING ମଧ୍ୟ କୁହାଯାଏ) ମୁଖ୍ୟତଃ ବିଜ୍ଞାନସିଦ୍ଧ କାରଣ, ଯୁକ୍ତିସଙ୍ଗତ ଚିନ୍ତାଧାରା ଆଦି ଉପାଦାନ ସାହିତ୍ୟିକ କ୍ରିୟାକଳାପର କେନ୍ଦ୍ରବିନ୍ଦୁ ସାଜିଥିଲା। ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ଆରମ୍ଭ ହେଲା ROMANTICISM (କଳ୍ପନାବିଳାସ, ପ୍ରେମପ୍ରବଣତା, ବୈଚିତ୍ରବ୍ୟଞ୍ଜକ ଇତ୍ୟାଦି...)ର ଯୁଗ ଫରାସୀ ରାଷ୍ଟ୍ରବିପ୍ଳବ ଏବଂ ଇଉରୋପର ଶିଳ୍ପବିପ୍ଳବ ପରେ ପରେ ଦୀର୍ଘବର୍ଷ ROMANTICISMର ରାଜୁତି ଚାଲିଥିବାରୁ ପରବର୍ତ୍ତୀ ସମୟରେ ଏ ସମ୍ପର୍କିତ ଆଲୋଚନା ଏକ ପୃଥକ୍ ଭାବରେ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବି। ROMANTICISM ପରେ ବାସ୍ତବବାଦ ( REALISM) , ସ୍ୱଭାବବାଦ (NATURALISM), ଏବଂ ଡିକେଣ୍ଡାଣ୍ଟ୍ ଆନ୍ଦୋଳନ (DECADENT MOVEMENT) ପରେ ଏସବୁର ପ୍ରତିକ୍ରିୟା ସ୍ୱରୂପ ଏଗୁଡ଼ିକୁ ପ୍ରତ୍ୟାଖ୍ୟାତ କରି ଊନବିଂଶ ଶତାବ୍ଦୀର ଶେଷ ଅଳଡକୁ ଜନ୍ମନେଲା ପ୍ରତୀକବାଦ ବା SYMBOLISM. ତା'ପରେ ଆସିଲା ଆଧୁନିକ ସାହିତ୍ୟର ଯୁଗ ବା MODERNISM ଏବଂ ପରେ ପରେ ଉତ୍ତର ଆଧୁନିକତା (POST-MODERNISM ).

ଉପରୋକ୍ତ ବାଦ ଓ ଯୁଗଗୁଡିକ ପରସ୍ପର ସହ କୌଣସି ନା କୌଣସି ଭାବେ ସମ୍ପର୍କିତ ହୋଇଥିବାରୁ କୌଣସିଟିକୁ ଏକକ ଭାବେ ଆଲୋଚନା କରିବା ସମ୍ଭବ ନୁହେଁ।? ସୁତରାଂ, ପରବର୍ତ୍ତୀ ଭାଗରେ ପ୍ରଥମେ 'ପ୍ରତୀକବାଦ' (SYMBOLISM)ରୁ ଆଲୋଚନା ଆରମ୍ଭ କରି କ୍ରମେ ପୂର୍ବାପର ପ୍ରସଙ୍ଗକୁ ଆସିବାକୁ ଉଚିତ୍ ମଣିବି।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟାପକ ଦୁର୍ନୀତିର ତଦନ୍ତ କରାଯାଉ : ବିଜେପି

**ନୂଆଦିଲ୍ଲୀ/ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସାଂସଦର ଏକ ପ୍ରତିନିଧି ମଣ୍ଡଳି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟି ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ) ଯୋଜନା କାର୍ଯ୍ୟକାରୀ କରିବାରେ ଅନିୟମିତତା, ହେରଫେର୍ ତଥା ଅବ୍ୟବସ୍ଥା ଉପରେ ଅବଗତ କରିବା ସହ ଅଭାବୀ ତଥା ଯୋଗ୍ୟ ହିତାଧିକାରୀଙ୍କୁ ବଂଚିତ କରିବା ନେଇ ଅଭିଯୋଗ କରିବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରର ଏହି ଯୋଜନାରୁ ଅଧିକାଂଶ ଗରିବ ହିତାଧିକାରୀ ଲାଭ ପାଇପାରୁନାହାନ୍ତି ବୋଲି କହିବା ସହ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନଏଫଏସଏ) ଜାଲିଆତି ଘଟଣାର ତଦନ୍ତ ନିର୍ଦ୍ଦେଶ ପାଇଁ ସାଂସଦ ପ୍ରତିନିଧିମାନେ ଦାବି କରିଛନ୍ତି। ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ, କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ସମ୍ବଲପୁର ସାଂସଦ ନୀତିଶ ଗଙ୍ଗଦେଓ, ବଲାଙ୍ଗୀରର ସାଂସଦ ସଙ୍ଗୀତା ସିଂହଦଓ ପ୍ରମୁଖ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟି ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସାଂସଦଙ୍କ ଅଭିଯୋଗ ଅନୁଯାୟୀ, କୋଭିଡ ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ତୋଦୟ ବିଚାରରେ ସମାଜର ଅବହେଳିତ ଲୋକଙ୍କୁ ଅତିରିକ୍ତ ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ (ପିଏମଜିକେଏୱାଇ)ର ଆରମ୍ଭ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ କରାଯାଇଥିବା ସାଧାରଣ ଖାଦ୍ୟ ଆବଂଟନ ବ୍ୟତୀତ ମାଗଣା ଖାଦ୍ୟ ଶସ୍ୟ ତଥା ଗହମ ଏବଂ ଚାଉଳ ବଂଟନର ଆରମ୍ଭ କରିଥିଲେ। ପିଏମଜିକେଏୱାଇ ଅଧୀନରେ ଏପ୍ରିଲ୍-ନଭେମ୍ବର ୨୦୨୦ ଅବଧି ପାଇଁ ଓଡିଶାର ୯୨.୭୭ ଲକ୍ଷରୁ ଅଧିକ ଏନଏଫଏସଏ କାର୍ଡଧାରୀ ଯଥା ୩.୨୪ କୋଟି ହିତାଧିକାରୀଙ୍କ ପାଇଁ



୧୨.୯୪ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ମାଗଣାରେ ଓଡିଶାକୁ ଦିଆଯାଇଥିଲା। ସେଥିମଧ୍ୟରୁ ୧୨.୫ ଲକ୍ଷ ମେଟ୍ରିକ ଟନ ଉଠାଯାଇଥିଲା। ଖାଦ୍ୟ ଶସ୍ୟ ବ୍ୟତୀତ ଏପ୍ରିଲ୍-ନଭେମ୍ବର, ୨୦୨୦ ଅବଧି ପାଇଁ ପିଏମଜିକେଏୱାଇ ଅଧୀନରେ ଓଡିଶାକୁ ଅତିରିକ୍ତ ୨୭ ହଜାର ୮୫୩.୮୯ ମେଟ୍ରିକ ଡାଲି କିମ୍ବା ଚଣା ମଧ୍ୟ ଆବଂଟନ କରାଯାଇଥିଲା। ୨୦୨୦-୨୧ ମସିହାରେ ପିଏମଜିକେଏୱାଇ ଅନ୍ତର୍ଗତ ମେ-ନଭେମ୍ବର ୨୦୨୧ ଅବଧି ପାଇଁ ଓଡିଶାକୁ ପ୍ରାୟ ୧୧.୩୫ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ମାଗଣାରେ ବଂଟନ କରାଯାଇଛି। ସେଥିମଧ୍ୟରୁ ୬.୨୨ ଲକ୍ଷ ମେଟ୍ରିକ ଟନ ଉଠାଯାଇଛି। ଏହା ଚିନ୍ତାଜନକ ଯେ ପିଏମଜିକେଏୱାଇ ଏବଂ ଏନଏଫଏସଏ ଯୋଜନା ଅନ୍ତର୍ଗତ ୧୫ଟି ଜିଲ୍ଲା ଯଥା କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୁରଭଞ୍ଜ, ଝାରସୁଗୁଡ଼ା, ଜଗତସିଂହପୁର, ଢେଙ୍କାନାଳ, କଟକ, ବରଗଡ଼, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲ୍ଲାରେ ୧୦ ପ୍ରତିଶତରୁ କମ୍ ଖାଦ୍ୟଶସ୍ୟ ଉଠାଯାଇଛି। ଏହା ଉପରୋକ୍ତ ଜିଲ୍ଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ପଛୁଆ ଏବଂ ଓଡିଶାର ଆଦିବାସୀ ପ୍ରାଧାନ୍ୟ ଜିଲ୍ଲା। ପିଏମଜିକେଏୱାଇ ଯୋଜନା ଅଧୀନରେ ମେ ୨୦୨୧ ରେ ଓଡିଶାର ୯୨.୮୩ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ କେବଳ ୮୭.୩୯ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ମାଗଣା ଖାଦ୍ୟ ଶସ୍ୟ ବଂଟନ କରାଯାଇଥିବା ବେଳେ ୫.୪୩ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ଖାଦ୍ୟଶସ୍ୟ ବଂଟନ କରାଯାଇନାହିଁ। ସେହିପରି ଅନୁରୂପ ଭାବରେ ଜୁନ୍ ୨୦୨୧ରେ ଓଡିଶାର ୯୨.୭୭ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ ମାଗଣା ଖାଦ୍ୟ ଶସ୍ୟ କେବଳ ୮୮.୨୩ ଲକ୍ଷଙ୍କୁ ବଂଟନ କରାଯାଇଥିବା ବେଳେ ୪.୫୪ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ବିତରଣ କରାଯାଇନାହିଁ। କରୋନା ମାହାମାରୀ ସମୟ ମଧ୍ୟରେ ଗରିବ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟରୁ ବଂଚିତ ରଖିବା ଦୁଃଖ ଓ ପରିତାପର ବିଷୟ। ଏନଏଫଏସଏ ଯୋଜନା ଅଧୀନରେ ମେ ୨୦୨୧ରେ ଓଡିଶାର ୯୨.୮୩ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ ୪.୦୭ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ଛାଡି କେବଳ ୮୮.୭୬ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ମାଗଣା ଖାଦ୍ୟ ଶସ୍ୟ ବଂଟନ କରାଯାଇଛି। ସେହିପରି ଜୁନ୍ ୨୦୨୧ରେ ଓଡିଶାର ୯୨.୭୭ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ ୪.୦୪ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ଛାଡି କେବଳ ୮୮.୭୨ ଲକ୍ଷ ଏନଏଫଏସଏ କାର୍ଡ ଧାରକଙ୍କୁ ମାଗଣା ଖାଦ୍ୟ ଶସ୍ୟ ବଂଟନ କରାଯାଇଛି। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଓଡିଶାର ଲୋକଙ୍କ କଲ୍ୟାଣ ପାଇଁ ଓଡିଶାର ସଂସଦର ସଦସ୍ୟମାନେ ଏହି ଘଟଣାର ସବିଶେଷ ତଥ୍ୟ ଅନୁସନ୍ଧାନ ପାଇଁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କୁ ପିଏମଜିକେଏୱାଇ ପରିଚାଳନାରେ ତ୍ରୁଟିକୁ ସୁଧାରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିବା ସହ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନ ସେବା ...

୫୦ ରୁ ୧୫୦ ଟଙ୍କା ଲାଗୁଥିବା ବେଳେ ଏବେ ଏହା ୩୫୦ ରୁ ୪୦୦ ଟଙ୍କା ଇ-ଆପ୍ଲିକେସନ ନାଁରେ ନିଆଯାଉଛି। ପୂର୍ବେ ଯେଉଁ କାର୍ଯ୍ୟ ଓକିଲ ମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଉଥିଲା ତାଙ୍କ ପେଶାରେ କୁଠାରଘାତ କରାଯାଇ ଦଲାଲ ଓ ଟାଉଟରଙ୍କ ଜରିଆରେ ଲୋକମାନଙ୍କୁ ଏଠାରେ ସେବା ଯୋଗାଇ ଦିଆଯାଉଥିବାର ଅଭିଯୋଗ ହେଉଛି। କେବଳ ଜନ ସେବା କେନ୍ଦ୍ର ନୁହେଁ, ଲେବର କାର୍ଡ କରାଇଦେବା ନାମରେ କିଛି ଗରିବ ଲୋକଙ୍କ ଠାରୁ କାର୍ଡ ପିଛା ୧୫୦୦ ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଠକି ନେଉଥିବାର ଅଭିଯୋଗ ହେଉଥିଲେ ବି ପ୍ରଶାସନ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ତେବେ ନୂତନ ଭାବେ ଇ-ଷ୍ଟାମ୍ପ ପେପର ବିକ୍ରି ପାଇଁ ବେସରକାରୀ ଲୋକଙ୍କୁ ଅନୁମତି ଦିଆଯାଇଛି। ହେଲେ ପୂର୍ବରୁ ଏହା ଲାଇସେନ୍ସପ୍ରାପ୍ତ ଭେଣ୍ଡରମାନେ କରୁଥିଲେ। ତେଣୁ ବର୍ତ୍ତମାନ ନୂଆ ନିୟମ ଆସିବା ଫଳରେ ଭେଣ୍ଡରମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲା ବେଳେ ଦଲାଲମାନେ ଇ-ଷ୍ଟାମ୍ପ ପେପର ବିକି ମାଲାମାଲ ହେଉଥିଲା ବେଳେ ସାଧାରଣ ଲୋକଙ୍କୁ ଏଥିପାଇଁ ୧୦%ରୁ ୧୫% ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ତେବେ ପ୍ରଶ୍ନ ଉଠୁଛି ଜନ ସେବା କେନ୍ଦ୍ର ନାଁରେ ଯେଉଁ ହରିଲୁଟ୍ ଚାଲିଛି ତାହାକୁ କିଏ ରୋକିବ ? ତେଣୁ ଏଭଳି ଘଟଣାର ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

### ବିପଦ ଟଳିନି ...

କୌଣସି ଅସୁବିଧା ନ ହୁଏ, ସେଥିପାଇଁ ଥାନା ଆଇଆଇସିଙ୍କ ଠାରୁ ଆରମ୍ଭ କରି ବିଡିଓ, ଏସ୍.ଡି.ପି.ଓ, ସବ୍‌କଲେକ୍ଟର, ଏସ୍.ପି ଓ ଜିଲ୍ଲାପାଳ ସମସ୍ତେ ଏହାକୁ ସେମାନଙ୍କର ମୂଳ ଦାୟିତ୍ୱର ଅଂଶ ଭାବରେ ଜ୍ଞାନ କରି ଯତ୍ନବାନ ହେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋଭିଡର ଦ୍ୱିତୀୟ ଲହର ସମୟରେ ମୁଖ୍ୟମନ୍ତ୍ରୀ ଗରିବ ଲୋକଙ୍କ ପାଇଁ ବିଶେଷତଃ ଛୋଟ ଚାଷୀ, ନିର୍ମାଣ ଶ୍ରମିକ, ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକ, ଆଦିମ ଜନଜାତି ପରିବାର, ଅନୁସୂଚିତ ଜାତି, ଜନଜାତି ଛାତ୍ରଛାତ୍ରୀ ଓ ମିଶନ ଶକ୍ତିର ମା' ମାନଙ୍କ ଠାରୁ ଆରମ୍ଭ କରି ଷ୍ଟ୍ରିଟ୍ ଭେଣ୍ଡର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କୋଭିଡ୍ ସହାୟତା ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କର ୧୦ଟି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଏହି ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି। ଏପର୍ଯ୍ୟନ୍ତ ଉପରୋକ୍ତ ବର୍ଗର ଲୋକମାନଙ୍କୁ ୨୦୦୪ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଇଛି ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଶିକ୍ଷକ ତଥା ସ୍କୁଲର କର୍ମଚାରୀମାନଙ୍କ ଟିକାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ତୃତୀୟ ଲହରର ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ବୈଠକରେ ଅବଗତ କରିଥିଲେ। ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପି.କେ. ଜେନା ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସହାୟତା କାର୍ଯ୍ୟକାରୀତା ସଂପର୍କରେ ଉପସ୍ଥାପନା ରଖିଥିଲେ। ବୈଠକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରୀତା ସଂପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ। ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ଜିଲ୍ଲାପାଳ, ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ।

### 'ନିରପେକ୍ଷ ...

ପୋଲିସ କଂଗ୍ରେସ ନେତା ଦେବେନ୍ଦ୍ର ଚୌରାସିଆଙ୍କ ହତ୍ୟା ଘଟଣାର ଅଭିଯୁକ୍ତ ବହୁଜନ ସମାଜ ପାର୍ଟିର ଜଣେ ବିଧାୟକଙ୍କ ସ୍ୱାମୀ ଗୋବିନ୍ଦ ସିଂହଙ୍କୁ ସୁରକ୍ଷା ଯୋଗାଇ ଦେଉଥିବାରୁ ମଧ୍ୟପ୍ରଦେଶ ପୋଲିସକୁ କୋର୍ଟ ସମାଲୋଚନା କରିଛନ୍ତି। ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ନ୍ୟାୟପାଳିକା ଗୋଟିଏ ସ୍ୱାଧୀନ ସଂସ୍ଥା। ଏହା ସବୁବେଳେ ରାଜନୀତିକ ଚାପ ଓ ପ୍ରଭାବରୁ ମୁକ୍ତ ରହି କାର୍ଯ୍ୟ କରିବା ଉଚିତ। ପୋଲିସ ଦେବେନ୍ଦ୍ର ଚୌରାସିଆଙ୍କ ହତ୍ୟା ଘଟଣାର ତଦନ୍ତ ଠିକ୍ ଭାବେ ଶେଷ କରିନାହିଁ। ଏହି କାରଣରୁ ସୁପ୍ରିମ୍‌କୋର୍ଟ ଶ୍ରୀ ସିଂହଙ୍କ ଜାବିନ ଆବେଦନ ଖାରଜ କରିଦେଇଛନ୍ତି। ଅଭିଯୁକ୍ତକୁ ସୁରକ୍ଷା ଦେବା ପାଇଁ ପୋଲିସ ଟ୍ରାଏଲ୍ କୋର୍ଟର ବିଚାରପତିଙ୍କ ଉପରେ ଚାପ ପକାଉଥିବାର ପ୍ରମାଣ ମିଳିବାକୁ ସୁପ୍ରିମ୍‌କୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମଧ୍ୟପ୍ରଦେଶ ପୋଲିସ ଅଭିଯୁକ୍ତଙ୍କୁ ଗିରଫଦାରୀରୁ ସୁରକ୍ଷା ଦେବାକୁ ସବୁ ପ୍ରକାରର ପ୍ରୟାସ କରୁଛି। ଏହାସତ୍ତ୍ୱେ ଡିଜିପି ନିଜ ପୋଲିସ ବଳର ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି କୋର୍ଟ କହିଛନ୍ତି। ଦେବେନ୍ଦ୍ରଙ୍କ ପୁଅ ଆବେଦନରେ କହିଥିଲେ ଯେ, ଟ୍ରାଏଲ କୋର୍ଟ ବିଚାରପତିଙ୍କ ଉପରେ ଗୋବିନ୍ଦ ସିଂହଙ୍କୁ ସୁରକ୍ଷା ଦେବା ପାଇଁ ବିଏସ୍‌ପି ବିଧାୟକ ଚାପ ପକାଉଛନ୍ତି। ପୋଲିସ ମଧ୍ୟ ଏଥିରେ ସହଯୋଗ କରୁଛି। ଏହାଉପରେ ସୁପ୍ରିମ୍‌କୋର୍ଟ କହିଛନ୍ତି, ନ୍ୟାୟପାଳିକାର ସ୍ୱାଧୀନତା ଏହାର ପ୍ରତ୍ୟେକ ବିଚାରପତିଙ୍କ ସ୍ୱାଧୀନତା। ତେଣୁ ସେମାନେ ମଧ୍ୟ ନିଷ୍ପତ୍ତି ନେବାରେ ସର୍ବୋଚ୍ଚ ସ୍ୱାଧୀନତାର ଅଧିକାର ରଖିଛନ୍ତି। ଜିଲ୍ଲାସ୍ତରୀୟ ନ୍ୟାୟପାଳିକାରେ ଚାଲିଥିବା ବ୍ରିଟିଶ ମାନସିକତାରେ ପରିବର୍ତ୍ତନ ହେବା ଦରକାର। ସୁପ୍ରିମ୍‌କୋର୍ଟ ପୂର୍ବରୁ ଏହି ଘଟଣାରେ ଅଭିଯୁକ୍ତ ଶ୍ରୀ ସିଂହଙ୍କୁ ଗିରଫ କରିବା ପାଇଁ ପୋଲିସ ଆଗରେ ଏପ୍ରିଲ ୫ ଯାଏ ସମୟସୀମା ଧାର୍ଯ୍ୟ କରିଥିଲେ। ହେଲେ ପୋଲିସ ତାଙ୍କୁ ମେ' ୨୮ରେ ଗିରଫ କରିଥିଲା।

### ବିଶ୍ୱସ୍ତରୀୟ ହେବ ...

ରେଷ୍ଟୁରାଣ୍ଟ, ପାର୍କିଂ ଓ ଅନ୍ୟାନ୍ୟ ସୁବିଧା ସହ ୨ଟି ଅତିରିକ୍ତ ରେଳ ଲାଇନ୍ ମଧ୍ୟ ନିର୍ମାଣ ହେବ। ଏହା ଅତ୍ୟାଧୁନିକ ବ୍ୟବସାୟିକ କେନ୍ଦ୍ର ଭାବେ ନିର୍ମାଣ କରାଯିବ, ଯାହାକି ପୂର୍ବ ଭାରତରେ ସବୁଠୁ ଭଲ ରେଳ ଷ୍ଟେସନ ହେବ। ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ନିୟମିତ ଭାବେ ଏନେଇ ବୈଠକ ଜାରି ରହିଛି। ଏହି ରେଳ ଷ୍ଟେସନର ଭିତ୍ତିଭୂମି ବିକଶିତ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଓ ନିର୍ମାଣ ପାଇଁ ପ୍ଲାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। ତେବେ ବିସ୍ତୃତ ପ୍ରକଳ୍ପର ଆକଳନ ଅର୍ଥ ଚୂଡ଼ାନ୍ତ ପରେ ୬ମାସ ସୁଦ୍ଧା ଟେଣ୍ଡର ଡକାଯିବ। ତା'ପରେ ପ୍ଲାନ ଅନୁସାରେ କାର୍ଯ୍ୟ ଆରମ୍ଭ ହେବ। ଭୁବନେଶ୍ୱର ରେଳ ଷ୍ଟେସନକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ନିମନ୍ତେ ଯଦି କାହାର କିଛି ପରାମର୍ଶ ଥିବ ତାହା ଦେବାକୁ ଶ୍ରୀ ଭୂଷଣ ମଧ୍ୟ ଅପିଲ୍ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧା, ଷ୍ଟେସନର ସୌନ୍ଦର୍ଯ୍ୟକରଣ, ଡ୍ରେନେଜ ବ୍ୟବସ୍ଥା ସମେତ ୬ ନମ୍ବର ପ୍ଲାଟଫର୍ମ ପାଖରେ ଅତିରିକ୍ତ ପାର୍କି ପାଇଁ ସ୍ଥାନ ନିର୍ଦ୍ଧାରଣ କରାଯାଇଥିବା ଜଣାପଡିଛି।

### ୧୨ ରୁ ୧୭ ବର୍ଷ ...

ସଂସ୍ଥା ଅନୁମତି ପ୍ରଦାନ କରିଛି। ୟୁରୋପୀୟ ମେଡିସିନ ଏଜେନ୍ସି ମଡର୍ଣ୍ଣାର ବ୍ରାଣ୍ଡ ନାଁ ନେଇ କହିଛି, ଯେଉଁଭଳି ଭାବେ ୧୮ ଓ ତା'ଠୁ ଅଧିକ ବୟସ୍କଙ୍କୁ ସ୍ପିକ୍‌ଭାକ୍ସ ଟିକା ଦିଆଯାଉଥିଲା, ଏବେ ୧୨ ରୁ ୧୭ ବର୍ଷ ବୟସ୍କଙ୍କର ସମାନ ଭାବେ ଟିକାକରଣ କରାଯିବ। ସେମାନଙ୍କୁ ମଧ୍ୟ ସ୍ପିକ୍‌ଭାକ୍ସ ଟିକା ଦିଆଯିବ। ସମସ୍ତଙ୍କୁ ଟିକାର ଦୁଇଟି ଡୋଜ୍ ନେବାକୁ ପଡିବ। ପ୍ରଥମ ଡୋଜ୍ ନେବାର ୪ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେବାକୁ ହେବ। ମେ' ମାସରେ ଏଜେନ୍ସି ୧୨ରୁ ୧୭ ବର୍ଷୀୟଙ୍କ ପାଇଁ ଫାଇଜର-ବାୟୋନଟେକ୍ ପ୍ରସ୍ତୁତ କରିଥିବା କରୋନା ଟିକାକୁ ବ୍ୟବହାର କରିବାକୁ ଅନୁମତି ଦେଇଥିଲା। ଏବେ ସ୍ପିକ୍‌ଭାକ୍ସ ଦ୍ୱିତୀୟ ଟିକା ଭାବେ ୟୁରୋପୀୟ ଦେଶରେ ବ୍ୟବହାର ହେବ। ଅନୁମତି ଦେବା ପୂର୍ବରୁ ସ୍ପିକ୍‌ଭାକ୍ସ ଟିକାର ପରୀକ୍ଷା ୩,୭୩୨ଜଣ ପିଲାଙ୍କୁ ନେଇ କରାଯାଇଥିଲା। ସମସ୍ତଙ୍କ ବୟସ ୧୨ ରୁ ୧୭ ବର୍ଷ ମଧ୍ୟରେ ରହିଥିଲା। ଟ୍ରାଏଲ ରିପୋର୍ଟରେ ସକାରାତ୍ମକ ଫଳାଫଳ ଆସିବାରୁ ସଂସ୍ଥା ଏହାର ବ୍ୟବହାର ପାଇଁ ଅନୁମତି ଦେଇଛି। ପରୀକ୍ଷା ବେଳେ ଜଣାପଡିଛି ଯେ, ୧୮ ରୁ ଅଧିକ ବୟସ୍କଙ୍କ ଶରୀରରେ ଯେଉଁଭଳି ଭାବେ ସ୍ପିକ୍‌ଭାକ୍ସ ଟିକା ନେବା ପରେ ଆଣ୍ଟିବଡି ସୃଷ୍ଟି ହେଉଥିଲା, ଠିକ୍ ଅନୁରୂପ ରୋଗ ପ୍ରତିରୋଧକ ଶକ୍ତି ୧୨ ରୁ ୧୭ ବର୍ଷ ବୟସ୍କଙ୍କ ମଧ୍ୟରେ ସୃଷ୍ଟି ହେଉଛି।

### ଜିଲ୍ଲା ବିଜେଡିରେ ...

ମାତ୍ରାଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ ଓ ତାଙ୍କ ପାଞ୍ଚ ବର୍ଷର ରହଣୀ ମଧ୍ୟରେ କେବେ ସେ ନିଜର କର୍ମୀ ମାନଙ୍କୁ ଅବହେଳା କରିନଥିଲେ। ଏବେକାର ରାଜନୀତି ଅତ୍ୟନ୍ତ ନିମ୍ନ ମାନର ହୋଇଥିବାରୁ ଓ ବିଧାୟକଙ୍କ ସହଯୋଗ ସଠିକ ଭାବେ ନମିଳୁ ଥିବାରୁ ଏହାର ପ୍ରତିବାଦ ସ୍ୱରୁପ ତୃତୀୟ ସାମୁଖ୍ୟ ଗଠନ କରାଗଲା ବୋଲି ଶ୍ରୀ ସେଠୀ ପ୍ରକାଶ କରିଥିଲେ। ଏହାର ନେତୃତ୍ୱ କାହା ଇଙ୍ଗିତରେ ଚାଲିବ ବୋଲି ପଚାରିବାରେ ସେ ଗୁମ ହୋଇ ବସିଯାଇ ରଘୁନାଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷଙ୍କ ନାମ କହିଥିଲେ। ଶ୍ରୀ ସେଠୀଙ୍କ ଏପରି ମନ୍ତବ୍ୟ ଉପରେ ବିଜେଡିର କିଛି ଟାଣୁଆ ନେତା, କର୍ମୀ ଓ ସହ କର୍ମୀ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତାଙ୍କ ସମୟରେ ଦଳୀୟ କର୍ମୀ ଓ ନେତା ମାନଙ୍କ ପ୍ରତି ବିଭିନ୍ନ ସମୟରେ ଆକ୍ଷେପ ଓ ଦଳୀୟ ନିଷ୍ପତ୍ତିକୁ ସମାଲୋଚନା କରି ଅନେକ ସମୟରେ ସେ ବିବାଦ ଘେରରେ ଛନ୍ଦି ହୋଇ ପଡିଥିଲେ। ଦଳ ବିରୋଧି କାର୍ଯ୍ୟ ଅଭିଯୋଗରେ ତାଙ୍କୁ ଦଳରୁ ଏକ ପ୍ରକାର ବିଦା କରି ଦିଆଯାଇଥିଲା। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟୀକା ତଥା ବର୍ତ୍ତମାନର ସାଂସଦ ଡାଃ. ରାଜଶ୍ରୀ ମଲ୍ଲିକଙ୍କ ଗୁଡ୍ ବୁକରେ ପୂର୍ବତନ ଅଧ୍ୟକ୍ଷ ନଥିବାରୁ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ତାଙ୍କୁ ସମିତିସଭ୍ୟ ଭାବେ ପରାଜୟ ବରଣ କରିବାକୁ ପଡିଥିଲା। ଦୀର୍ଘ ବର୍ଷଧରି ଏହି ପୂର୍ବତନ ଅଧ୍ୟକ୍ଷ ମହୋଦୟ ଜଣଙ୍କ ରଘୁନାଥପୁର ବ୍ଲକ ଅଞ୍ଚଳରେ ନରହି ଭୁବନେଶ୍ୱରରେ ରହି ଜମି ମାଫିଆ ଭାବେ ତାଙ୍କର କାୟା ବିସ୍ତାର କରିଥିଲେବି ଏଠାରେ ସେ ଆଉ କର୍ମୀ ମାନଙ୍କ ମହଲରେ ଗ୍ରହଣୀୟ ହୋଇପାରୁନାହାନ୍ତି। ତେଣୁ ଏହି ତୃତୀୟ ସାମୁଖ୍ୟର ନେତୃତ୍ୱ କାହାକୁ ଦିଆଯିବାର ବ୍ୟବସ୍ଥା କରାଯିବ ସେ ନେଇ କର୍ମୀ ମାନଙ୍କ ମହଲରେ ଆଲୋଚନା ହେଉଥିଲେବି ଅସନ୍ତୋଷ କମିବାର ନାଁ ଧରୁନାହିଁ। ଆସନ୍ତା ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି ତାର ପ୍ରଭାବ ଜାରି ରଖିବ ନା, ଦଳୀୟ ଅସନ୍ତୋଷ ଶିଥିଳ ହେବ ସେ ନେଇ ରାଜନୈତିକ ସମିକ୍ଷକଙ୍କ ମହଲରେ ଆଲୋଚନା ହେଲାଣି। ତୃତୀୟ ସାମୁଖ୍ୟରେ କେଉଁ କର୍ମୀ ବା ନେତା ରହିବେ ଓ କାହାର ତତ୍ତ୍ୱାବଧାନରେ ଚାଲିବ ତା ନେଇ ବି ଦ୍ୱନ୍ଦ ଉପୁଜିଲାଣି। ଏକ ଭିତିରି ଖବର ମଧ୍ୟରୁ ଜଣାପଡୁଛି ଯେ ତିର୍ତ୍ତୋଲ ବିଧାୟକଙ୍କ ପିତା ସ୍ୱର୍ଗତ ବିଷ୍ଣୁ ଦାସଙ୍କ କେତେକ ବାହୁବଳୀ ନେତା ମାନଙ୍କ ଉପରେ ବିଶ୍ୱାସ ତୁଟାଇ ବିଧାୟକ ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ଏହାର ରୁପ ରେଖ ବଦଳାଇ ଏକ ସମ ଦୂରତ୍ୱ ରକ୍ଷାକରି ସେଥିରେ ପୂର୍ଣ୍ଣଚ୍ଛେଦ ପକାଇ ପାରନ୍ତି, ନହେଲେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ଲାଗି ରହିବ ଓ ତୃତୀୟ ସାମୁଖ୍ୟ ଲଢେଇ ନିଜର ପ୍ରଭାବ ବଜାୟ ରଖିବ ବୋଲି ଜଣାପଡିଛି।

### ଫ୍ରାନ୍ସରେ ...

ବ୍ୟବସ୍ଥା କରୁଛନ୍ତି ବୋଲି ଅନେକ ମତ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଜେନ କାସଟେକ୍ସ କହିଛନ୍ତି, ନୂଆ ସଂକ୍ରମିତ ମାମଲା ଗୁଡିକ ଟିକା ନେଇ ନଥିବା ଲୋକଙ୍କ ଶରୀରରେ ଦେଖାଯାଉଛି। ୨୪ଘଣ୍ଟା ମଧ୍ୟରେ ୨୧ ହଜାର ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ମେ' ମାସ ପରେ ସବୁଠାରୁ ଅଧିକ ଦୈନିକ ସଂକ୍ରମଣ। ତେଣୁ ସରକାର କାର୍ଯ୍ୟକ୍ରମ ଗୁଡିକ ପାଇଁ ହେଲ୍‌ଥ ପାସର ବ୍ୟବସ୍ଥା କରିଛନ୍ତି। ଯେଉଁମାନଙ୍କର ହେଲ୍‌ଥ ପାସ୍ ଥିବ, ସେମାନେ କେବଳ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ। ଆମେ ବର୍ତ୍ତମାନ କରୋନର ୪ର୍ଥ ୱେଭରେ ରହିଛୁ। ୪ର୍ଥ ଥର ପାଇଁ ଦେଶକୁ ଲକଡାଉନରୁ ରକ୍ଷା କରିବା ପାଇଁ ହେଲ୍‌ଥ ପାସ୍‌ର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଫ୍ରାନ୍ସରେ ଟିକାକରଣ ଜୋରଦାର କରାଯାଉଛି। ଟିକା ନେବା ଦେଶରେ ବାଧ୍ୟତାମୂଳକ କରାଯାଇନାହିଁ। ତେଣୁ ଏବେବି ଅନେକ ଲୋକ ଟିକା ନେବାକୁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ଏହି କାରଣରୁ ସରକାର କାର୍ଯ୍ୟକ୍ରମ ଗୁଡିକ ପାଇଁ ହେଲ୍‌ଥ ପାସ୍‌ର ବ୍ୟବସ୍ଥା କରିଛନ୍ତି।

### 'ଠକୁଛି କେନ୍ଦ୍ର ...

କେନ୍ଦ୍ର ସରକାର ଅମଙ୍ଗ ହେତୁ ଓଡ଼ିଶାକୁ କ୍ଷତି ସହିବାକୁ ପଡୁଛି। ଶେଷଥର ପାଇଁ ଉପାସରକାର ଅମଳରେ ୨୦୧୦ ମସିହା ଜୁଲାଇରେ ଖଣି ରୟାଲଟି ସଂଶୋଧନ କରାଯାଇଥିଲା। ମୋଦି ସରକାର ଆସିବାର ୭ବର୍ଷ ପୁରିଯାଇଥିଲେ ମଧ୍ୟ ରାଜ୍ୟର ଏହି ଯଥାର୍ଥ ଦାବିଟିକୁ ବିଚାର କରାଯାଇ ନାହିଁ। ଚଳିତ ମାସ ୧୯ ତାରିଖରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ପାର୍ଲାମେଂଟରେ ଉତର ରଖି ଏହା ସମ୍ଭବ ନୁହେଁ ବୋଲି ରୋକ୍ ଠୋକ୍ ମନାକରିଦେଇଛନ୍ତି। ମାନ୍ୟବର ମନ୍ତ୍ରୀ ଏପରି ଉକ୍ତି ବାଢ଼ିଲାବେଳେ ସାରକାରିଆ କମିଶନ ଓ ଏକାଦଶ ଅର୍ଥ କମିଶନଙ୍କ ପ୍ରତ୍ୟେକ ତିନିବର୍ଷରେ ଖଣି ରୟାଲଟି ସଂଶୋଧନ ସୁପାରିଶକୁ ସଂପୂର୍ଣ୍ଣ ପାସୋରି ଦେଇଛନ୍ତି। ଏହାଠାରୁ ବଳି ବଡ଼ ଅବିଚାର ଓଡ଼ିଶା ପାଇଁ କ'ଣ ହୋଇପାରେ ବୋଲି ଶ୍ରୀ ବେହେରା କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏସମସ୍ତ ଧାରାବାହିକ ଅବହେଳା ବିରୁଦ୍ଧରେ ବିଜେଡ଼ି ପାଟି ଫିଟାଉ ନାହିଁ। କେବଳ ଲୋକଦେଖାଣିଆ ଭାବେ ପଦୁଟିଏ କହି ତୁନି ପଡୁଛି। ଏହା ପ୍ରମାଣ କରେଯେ ବିଜେଡ଼ି ଓ ବିଜେପି ମଧ୍ୟରେ କୌଣସି ପ୍ରାର୍ଥକ୍ୟ ନାହିଁ। ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏମାନଙ୍କୁ ଅବଲୋକନ କଲେ ଲୁଇସ କ୍ୟାରଲଙ୍କ କାଳଜୟୀ ଉପନ୍ୟାସ "ଥ୍ରୁ ଦି ଲୁକିଙ୍ଗ ଗ୍ଲାସ"ର ଦୁଇ ରହସ୍ୟମୟ ଚରିତ୍ର ଟୁଇଡିଲ୍‌ଡି ଓ ଟୁଇଡିଲଡମ୍ ପରି ଲାଗୁଛନ୍ତି ବୋଲି ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବ୍ୟଙ୍ଗୋକ୍ତି କରିଛନ୍ତି। ସୁତରାଂ, ଉଭୟ ବିଜେପି ଓ ବିଜେଡ଼ି ରାଜ୍ୟ ସ୍ୱାର୍ଥ ପ୍ରତି ସଂପୂର୍ଣ୍ଣ ଉଦାସୀନ ଓ ରାଜ୍ୟ ସୁରକ୍ଷାରେ ସଂପୂର୍ଣ୍ଣ ବିଫଳ। ଓଡ଼ିଶା ବାସୀ ଯଥାସମୟରେ ଏହାର ଉଚିତ୍ ଜବାବ ଦେବେଳେ ବୋଲି ଶ୍ରୀ ବେହେରା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମିଡିଆ ବିଭାଗର ଆବାହକ ସତ୍ୟପ୍ରକାଶ ନାୟକ, ମୁଖପାତ୍ର ମନୋରଞ୍ଜନ ଦାଶ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଉପସ୍ଥିତ ଥିଲେ।

## ସିବିଏସ୍‌ଇର ମୂଲ୍ୟାୟନ ଓ ପରୀକ୍ଷା ପ୍ରସ୍ତୁତି

# ଦଶମ ପରୀକ୍ଷା ଫଳ ଖୁବ୍‌ଶୀଘ୍ର


**ଭୁବନେଶ୍ୱର :** ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନକୁ ନେଇ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପ୍ରସ୍ତୁତି ଜାରି ରଖିଛି। ଏଥିସହ ବୋର୍ଡ ଅଧୀନ ପ୍ରାଇଭେଟ୍ ତଥା ବେସରକାରୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୫ ମଧ୍ୟରେ କରିବାକୁ ନିଷ୍ପତ୍ତି ହୋଇଛି। ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ପ୍ରକାଶ କରିବାକୁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସିବିଏସ୍‌ଇର ସମସ୍ତ ଆଞ୍ଚଳିକ ଜୋନ୍ ମୂଲ୍ୟାୟନ ପ୍ରକ୍ରିୟା ଶେଷ କରି ମୁଖ୍ୟାଳୟରେ ରିପୋର୍ଟ ଦାଖଲ କରିଛନ୍ତି। ତେଣୁ ଜୁଲାଇ ୨୫ ସୁଦ୍ଧା ଫଳ ପ୍ରକାଶ ପାଇବାର ସମ୍ଭାବନା ଅଧିକ ରହିଛି। ସେହିପରି ଦ୍ୱାଦଶ ଶ୍ରେଣୀ ଫଳ ଜୁଲାଇ ୩୧ ସୁଦ୍ଧା ପ୍ରକାଶ କରିବାକୁ ପ୍ରୟାସ ହେଉଛି। ମାର୍କ ଅପଲୋଡ୍ ଶେଷ ତାରିଖ ୨୨ ତାରିଖ ରଖାଯାଇଥିଲା। ତେବେ ସ୍କୁଲ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ ଚାପ ନଦେଇ ନିର୍ଭୁଲ ରେଜଲ୍ଟ ପ୍ରକାଶ ପାଇଁ ମାର୍କ ଦାଖଲ ଅବଧିକୁ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅପରପକ୍ଷରେ ଉଚ୍ଚଶିକ୍ଷାରେ ନାମଲେଖା ବେଳେ ବେସରକାରୀ ଛାତ୍ରଛାତ୍ରୀ ଯେପରି କେଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ସେମାନଙ୍କ ରେଜଲ୍ଟ ଯେତେଶୀଘ୍ର ସମ୍ଭବ ଘୋଷଣା କରାଯିବ। ତାହାକୁ ଆଧାର କରି ସିବିଏସ୍‌ଇ ଓ ୟୁଜିସି କର୍ତ୍ତୃପକ୍ଷ ନାମଲେଖା କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ କୁହାଯାଇଥିବା ବୋଲି ସିବିଏସ୍‌ଇ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ବିଜ୍ଞପ୍ତିରେ ସ୍ୱଷ୍ଟ କରାଯାଇଛି ଯେ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରସ୍ତୁତ ନୀତି ଅନୁଯାୟୀ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା କରାଯିବ। ନିୟମିତ ପିଲାଙ୍କ ପାଇଁ ବିକଳ୍ପ ନୀତି ଆଧାରରେ ପରୀକ୍ଷା ଫଳ ପ୍ରକାଶ କରାଯିବ। ତେବେ ବେସରକାରୀ ପିଲାଙ୍କ ପାଇଁ ସ୍କୁଲ କିମ୍ବା ସିବିଏସ୍‌ଇ ପାଖରେ କେଣସି ପୂର୍ବ ମୂଲ୍ୟାୟନ ରେକର୍ଡ ନ ଥିବାରୁ ରେଜଲ୍ଟ ଘୋଷଣା କରାଯାଇ ପାରିବ ନାହିଁ। ଯେଉଁମାନେ ପୂର୍ବରୁ ସିବିଏସ୍‌ଇରେ ନିୟମିତ ଛାତ୍ର ଥିଲେ ଏବଂ ପ୍ରଥମ କିମ୍ବା ଦ୍ୱିତୀୟ ପ୍ରୟାସରେ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲେ କିମ୍ବା ଉନ୍ନତି ପାଇଁ ଚାହୁଁଛନ୍ତି ସେମାନଙ୍କୁ ବେସରକାରୀ ଛାତ୍ରଛାତ୍ରୀ କୁହାଯାଇଛି। ଏହାବ୍ୟତୀତ ଦିଲ୍ଲୀର କେତେକ ଛାତ୍ରଛାତ୍ରୀ ମଧ୍ୟ ଏହି ପରୀକ୍ଷାରେ ଅଂଶଗ୍ରହଣ କରିବେ।

# ବର୍ଷା ଦେଲା ଚାଷୀଙ୍କୁ ସଂଜିବନୀ



**ଭଦ୍ରକ:** ଚଳିତ ବର୍ଷ ରଜ ସରିବା ପରେ ମୌସୁମୀ ଆସିଥିଲା କିନ୍ତୁ ମୌସୁମୀ ବର୍ଷାର ଲୁଚକାଳି ଖେଳ ଯୋଗୁଁ ପାଗ ନ ଥିବାରୁ ୯୫ ଭାଗ ଜମିରେ ଧାନ ତଳି କିମ୍ବା ଧାନ ବୁଣା କାର୍ଯ୍ୟ ହୋଇ ପାରି ନଥିଲା । ଯଦ୍ୱାରା ଚାଷୀ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଥିଲା । କିନ୍ତୁ ଗତ କିଛି ଦିନ ହେବ ବର୍ଷା ଯୋଗୁଁ ଚାଷ ଜମିରେ ପାଣି ଜମିଛି । କିଛି ପରିମାଣରେ ବର୍ଷା ହେବାରୁ ଚାଷୀ କିଆରିରେ ଧାନତଳି ପକାଇବା ପାଇଁ କାଦୁଅ କାର୍ଯ୍ୟ ଆରମ୍ଭ କରିଛି । ପ୍ରକାଶ ଯେ:ଆଗରପଡ଼ା ତଥା ଏହାର ଆଖପାଖ ଅଂଚଳରେ ପ୍ରାୟ ୮୦ ଭାଗ ଚାଷ ଉପରେ ନିର୍ଭର କରୁଥିବା ବେଳେ ୨୦ ଭାଗ ସରକାରୀ ଚାକିରୀଆ ଅଛନ୍ତି । ରଜ ପୂର୍ବରୁ ଜମିରେ ହଳ କରାଯାଇଥାଏ ମାତ୍ର ପ୍ରବଳ ଗରମ ଓ ଗ୍ରୀଷ୍ମ ଋତୁ ଯୋଗୁଁ ଜମି ଟାଣ ହୋଇଯିବା ଫଳରେ ଏହି କାର୍ଯ୍ୟ ସମ୍ଭବପର ହୋଇନଥିଲା । ପାଣିପାଗର ଅନିୟମିତତା ଯୋଗୁଁ ଧାନ ବୁଣା ଓ ତଳି ପକାରେ ଅହେତୁକ ବିଳମ୍ବ ହୋଇଥିଲା କିନ୍ତୁ ବର୍ତ୍ତମାନ ବର୍ଷା ହେବା ଯୋଗୁଁ ଚାଷୀ ଚାଷ ପାଇଁ ଅଣ୍ଟା ଭିଡ଼ିଛି । ବର୍ଷାର ଅନିୟମିତତା ଯୋଗୁଁ ପ୍ରାୟ ଏକମାସ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ବର୍ଷା ଚାଷୀ ମନରେ ଉତ୍ସାହ ସୃଷ୍ଟି କରିଛି । ଶ୍ରାବଣ ମାସର ପ୍ରଥମ ସପ୍ତାହରୁ ବର୍ଷା ଯୋଗୁଁ ଚାଷୀର ଉତ୍ସାହ ଦ୍ୱିଗୁଣିତ ହୋଇଥିବାର ଦେଖିବାକୁ ମିଳିଛି । ବର୍ଷା ନହେବା ଫଳରେ ଚାଷ କାର୍ଯ୍ୟ ଆଜିଯାଏ ଆରମ୍ଭ ହୋଇପାରି ନଥିଲା । ଏଥିନେଇ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା । ସାଧାରଣତଃ ରଜ ସଂକ୍ରାନ୍ତି ପର ଠାରୁ ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି । ମାତ୍ର ବର୍ଷାର ଅନିୟମିତତା ଯୋଗୁଁ ଚାଷୀମାନେ ଚାଷକାର୍ଯ୍ୟ କରି ନ ପାରି ହତାଶ ହୋଇପଡ଼ିଥିଲେ । ଚାଷୀମାନଙ୍କ ଉପରେ ପ୍ରକୃତି ବାରମ୍ବାର ଦାଉ ସାଜୁଥିବାର ଲକ୍ଷ୍ୟ କରାଯାଉଛି । କେତେବେଳେ ମରୁଡ଼ି ପୁଣି କେତେବେଳେ ବିଭିନ୍ନ ପୋକଦାଉରୁ ଚାଷ ହାନୀ, ଅମଳ ହେବା ପରେ ବିକ୍ରୀ ପାଇଁ ମଣ୍ଡିରେ ଧାନ ମାସମାସ ଧରି ପଡ଼ି ରହିବା ପୁଣି ଧାନ ବିକ୍ରୀ ଅର୍ଥ ତୁରନ୍ତ ନ ମିଳିବା ଆଦି ସମସ୍ୟା ନେଇ ଚାଷୀକୂଳ ବାରମ୍ବାର ଗତି କରୁଛନ୍ତି । ଏଥି ସହିତ ସରକାରୀ ଆର୍ଥିକ ସହାୟତା ମିଳିବା କ୍ଷେତ୍ରରେ ଟାଳଟୁଳ ନୀତି ଚାଷୀମାନଙ୍କୁ ଆଶାକୁ ଧୂଳିସାତ୍ କରୁଛି ।

# ପାପ ନାଶଯାଏ ପାପକ୍ଷୟରେ
# ଅଜଣା ବ୍ୟାଧିରୁ ମୁକ୍ତିଲାଭରଘାଟ ପାପକ୍ଷୟଘାଟ





ସିତାଂଶୁ ଶେଖର ମିଶ୍ର

ବଳିଷ୍ଠ ଐତିହାସିକ ସାଂସ୍କୃତିକ ପୃଷ୍ଠଭୂମି ମଣ୍ଡନ କରୁଥିବା ଜିଲ୍ଲା ସୁବର୍ଣ୍ଣପୁର। ଏହାର କଳାସଂସ୍କୃତି ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ରହିଅଛି। ଚିତ୍ରୋତ୍ପଳା ମହାନଦୀ ତଥା ଓଡ଼ିଶାର ଗଙ୍ଗା ଉକ୍ତ ଜିଲ୍ଲାରେ ପ୍ରବାହିତ ହୋଇଥିବା ବେଳେ,ଏଠାରେ ସୃଷ୍ଟି କରିଛି ତାରି ପବିତ୍ରତାର ଅନେକଗାଥା ଓ ଇତିହାସ।

ଉକ୍ତ ଜିଲ୍ଲାର ବିନିକା ବ୍ଲକ ଅନ୍ତର୍ଗତ ରହିଲା ଗ୍ରାମଦେଇ ପ୍ରବାହିତ ହୋଇଛି ମହାନଦୀ। ଏହି ସ୍ଥାନରେ ସୃଷ୍ଟି କରିଛି ତାରି ପବିତ୍ରତାର ମହନୀୟତା। ସୃଷ୍ଟି କରିପାରିଛି ହିନ୍ଦୁମାନଙ୍କ ସକାଶେ ଏକପବିତ୍ର ତୀର୍ଥସ୍ଥଳୀ। ଏହି ତୀର୍ଥ ସ୍ଥଳୀ ହେଉଛି ହିନ୍ଦୁମାନଙ୍କ ପାଇଁ ଏକ ଆସ୍ଥା ଓ ବିଶ୍ୱାସର ସ୍ଥଳୀ। ଏହି ଗ୍ରାମରେ ରହିଥିବା ମହାନଦୀ ଘାଟ ପାପକ୍ଷୟଘାଟ ନାମରେ ପରିଚିତ ବହନ କରେ। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ଉକ୍ତ ଘାଟରେ ବୁଡ଼ ପକାଇବା ଫଳରେ ସମସ୍ତ ପ୍ରକାରର ବ୍ୟାଧିରୁ ଓ ପାପରୁ ମୁକ୍ତି ଲାଭ ମିଳିଥାଏ। ସେଥିପାଇଁ ଏହି ପର୍ଯ୍ୟଟନସ୍ଥଳୀକୁ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ଲାଗି ରହିଥାଏ।

ଏହି ଘାଟରେ ରହିଅଛି ଏକବିରାଟ ବଟବୃକ୍ଷ। ଏଠାରେ ବୁଡ଼ ପକାଇବା ପରେ ଏହି ବୃକ୍ଷରେ ରହିଛି ଏକ ସ୍ୱତନ୍ତ୍ର ଅର୍ଗଳି। ଦୁଇଟି ଓହଳ ମଧ୍ୟରେ, ଏହା ମଧ୍ୟଦେଇ ଯୋଉମାନେ ଗୋଟାଏ ପାର୍ଶ୍ୱରୁ ଅନ୍ୟପାଶ୍ୱକୁ ଯାଇପାରନ୍ତି, ସେହିମାନେ ସମସ୍ତ ପ୍ରକାରର ବ୍ୟାଧିରୁ ମୁକ୍ତି ଲାଭ ପାଇଥାନ୍ତି ଏବଂ ସମସ୍ତ ପ୍ରକାରର ପାପରୁ ମୁକ୍ତି ଲାଭହୋଇଥାଏ ବୋଲି ଜନଶୃତି ରହିଛି।

କିମ୍ବଦନ୍ତୀ ଓ ମାଦଳା ପାଞ୍ଜି ଅନୁଯାୟୀ ଉକ୍ତ ସ୍ଥାନ ଏକ ତୀର୍ଥ ସ୍ଥଳୀ ଭାବରେ ପରିଚିତ ଲାଭ କରିବାର ଏକ ବିଶେଷ କାରଣ ବହନ କରିଅଛି। ଯେତେବେଳେ ଉତ୍କଳର ଗଜପତି ଅନଙ୍ଗ ଭୀମଦେବ ଦ୍ୱିତୀୟ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ। ସେତେବେଳେ ଏହି ରୋଗରୁ ଆରୋଗ୍ୟ ଲାଭ ସକାଶେ ସମସ୍ତ ପ୍ରକାର ପ୍ରୟାସ ଓ ଚିକିତ୍ସା ସତ୍ତ୍ୱେ ଆରୋଗ୍ୟ ମୁକ୍ତ ହୋଇନଥିଲେ। ସେ ଭଗବାନଙ୍କ ନିକଟରେ ପ୍ରାର୍ଥନାରତ ଓ ସରଣା ପର୍ଣ୍ଣ ହୋଇ ସ୍ୱପ୍ନାଦେଶ ଲାଭ ପୂର୍ବକ ଯୋଜନ ଯୋଜନ କୋଶରେ ମହାନଦୀ କୂଳେ କୂଳେ ଶିବାଳୟ ନିର୍ମାଣ ଓ ମହାନଦୀରେ ସ୍ନାନସକାଶେ ଆଦେଶ ହୋଇଥିଲା।

ଏହି ସ୍ଥାନରେ ପହଂଚିବା ପରେ ଏଠାରେ ଥିବା ମହାନଦୀ ଘାଟରେ ଯେତେବେଳେ ବୁଡ଼ ପକାଇବା ପରେ ତାଙ୍କର ସେହି ଅଜଣା ବ୍ୟାଧିରୁ ମୁକ୍ତିଲାଭ ହୋଇଥିଲା। ପୁନଶ୍ଚ ସେହିସ୍ଥାନରେ ରାତ୍ରୀ ଯାପନ କରୁଥିବା ସମୟରେ ପୁନର୍ବାର ସ୍ୱପ୍ନାଦେଶ ହୋଇଥିଲା। ନିକଟରେ ଥିବା ଚରଦା ଗ୍ରାମରେ ଏକ ଶିବାଳୟ ନିର୍ମାଣ ସକାଶେ। ସ୍ୱପ୍ନାଦେଶ ପାଇ ନିର୍ମାଣ କରିଥିଲେ ଏକ ଶିବାଳୟ ଏବଂ ଯାହାକି ଏବେ କପିଳେଶ୍ୱର ବାବା ନାମରେ ଖ୍ୟାତିଲାଭ କରିଛି। ସେଥିପାଇଁ ଜନଶୃତି ରହିଛି ଏହି ପାପକ୍ଷୟ ଘାଟରେ ବୁଡ଼ ପକାଇବା ପରେ ପରେ କପିଳେଶ୍ୱର ବାବାଙ୍କୁ ଦର୍ଶନ କଲେ ସମସ୍ତ ପ୍ରକାରର ଅଜଣା ବ୍ୟାଧି ଓ ପାପରୁ ମୁକ୍ତି ଲାଭ ମିଳିଥାଏ।

ଯେତେବେଳେ ଉତ୍କଳର ଗଜପତି ଦ୍ୱିତୀୟ ଅନଙ୍ଗଭୀମଦେ ତାଙ୍କର ସୈନ୍ୟ ସାମନ୍ତଙ୍କ ସହ ସୁବର୍ଣ୍ଣପୁର ଗଡ଼ଜାତ ଅଞ୍ଚଳରେ ପାଦଦେଲେ ତାଙ୍କଠାରେ ଓ ମନରେ କିଛି ଅଲୋକିକ ଭାବନା ମାନ ପ୍ରକାଶ ପାଇଥିଲା। ସଂଧ୍ୟା ସମୟ ହୋଇଯିବାରୁ ଉକ୍ତ ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ମହାନଦୀ କୂଳରେ ଏକ ବିରାଟ ବଟବୃକ୍ଷ ନିକଟରେ ରାତ୍ରି ଯାପନ କରିଥିଲେ। ସକାଳ ହେବା କ୍ଷଣି ଏଠାରେ ଥିବା ଘାଟରେ ସ୍ନାନ କରିବା ବେଳେ ତାଙ୍କଠାରେ ଦେଖା ଦେଇଥିଲା ଚମତ୍କାରିତା। ବୁଡ଼ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ବେଳେ ଦେଖିଲେ ଯେ ସେ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟଲାଭ କରିଛନ୍ତି। ଯେତେବେଳେ ବୁଡ଼ ପକାଇଥିଲେ, ସେହିଦିନ ବୋଧହୁଏ ପରାଗ ଓ ଗ୍ରହଣ ପଡିଥିଲା। ସୁତରାଂ ସେହିଦିନ ଠାରୁ ଆଜିପର୍ଯ୍ୟନ୍ତ ଯେତେବେଳେ ଚନ୍ଦ୍ରଗ୍ରହଣ କିମ୍ବା ସୂର୍ଯ୍ୟପରାଗ ପଡ଼ିଥାଏ। ଏଠାରେ ଏକ ବିଶେଷ ମେଳାର ଆୟୋଜନ ହୋଇଥାଏ। ହଜାର ହଜାର ଶ୍ରଦ୍ଧାଳୁ ଆସି ଏଠାରେ ବୁଡ଼ ପକାଇବା ସହ ବାବା କପିଳେଶ୍ୱରଙ୍କ ଦର୍ଶନ ଲାଭ କରିଥା'ନ୍ତି। ଚରଦାର କପିଳେଶ୍ୱରମନ୍ଦିର ଗଜପତି ଅନଙ୍ଗଭୀମଦେ ଦ୍ୱିତୀୟଙ୍କ ଥିଲା ଶେଷକୃତି। ପାପକ୍ଷୟରୁ ରାମେଶ୍ୱର ତ୍ରିବେଣୀ ସଙ୍ଗମ ପର୍ଯ୍ୟନ୍ତ ହେଉଛି ଏକ ପବିତ୍ର ଅଞ୍ଚଳ।

ଏବେ ମଧ୍ୟ ବିଶ୍ୱାସ ରହିଛି ଉକ୍ତ ଅଞ୍ଚଳର ଅଧିବାସୀ ଗଣ ପ୍ରାୟତଃ ଓଡ଼ିଶାର ଗଙ୍ଗା ଚିତ୍ରୋତ୍ପଳା ମହାନଦୀରେ ସ୍ନାନ କରି ଅପାର ଆନନ୍ଦ ଓ ନିରୋଗୀ ଜୀବନ ଯାପନ କରୁଥିବା ଅନୁମେୟ ହୁଏ।

ବିଜ୍ଞାନ ଯୁଗରେ ମଧ୍ୟ ଜିଲ୍ଲାର ଏହି ପାପକ୍ଷୟରୁ ତ୍ରିବେଣୀ ସଙ୍ଗମ ପର୍ଯ୍ୟନ୍ତର ଜଳର ଏକ ବିଶେଷ ବିଶେଷ ଭାବରେ ମହତ୍ତ୍ୱ ରହିଛି। ବିଶେଷ ପର୍ବପର୍ବାଣି ବେଳେ ଉକ୍ତ ଅଞ୍ଚଳର ଜଳକୁ ବ୍ୟବହାର କରାଯାଇଥାଏ। ସେଥିପାଇଁ ପ୍ରଥମେ ଏକ ପୂଜାର ଆୟୋଜନ ପରେ ଜଳକୁ ବିଭିନ୍ନ ସ୍ଥାନକୁ ନିଆଯାଇଥାଏ। ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନମାନଙ୍କରେ ବୁଡ଼ ପକାଇଥାନ୍ତି। ଓଡିଶା ସରକାର ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନକରିଛନ୍ତି। ରହିବା ପାଇଁ ବିନିକା ମାତ୍ର ୨ କିଲୋମିଟର ହୋଟେଲ ଉପଲବ୍ଧ। ଆଉ ମଧ୍ୟ ଜିଲ୍ଲାର ସଦର ମହକୁମାକୁ ଆସିଲେ ଏଠାରେ ଧର୍ମଶାଳା ପାନ୍ଥନିବାସ, ଯାତ୍ରୀନିବାସ ଓ ହୋଟେଲ ଉପଲବ୍ଧ। ଏହି ତୀର୍ଥସ୍ଥାନକୁ ଆସିବାକୁ ହେଲେ ଭୁବନେଶ୍ୱରରୁ ଜିଲ୍ଲା ସଦର ମହକୁମାକୁ ସଡ଼କ ପଥରେ ଜାତୀୟ ରାଜପଥ ୫୭ ନମ୍ବରରେ ୨୮୦ କିଲୋମିଟର। ଏଠାରୁ ପାପକ୍ଷୟ ଘାଟକୁ ମାତ୍ର ୩୦ କିଲୋମିଟର। ବଲାଙ୍ଗିର ଠାରୁ ୫୭ ନମ୍ବର ଜାତୀୟ ରାଜପଥ ରେ ୬୦କିଲୋମିଟର। ସମ୍ବଲପୁର ଠାରୁ ସଡ଼କ ପଥରେ ମାତ୍ର ୫୦କିଲୋମିଟର। ଏହାର ନିକଟତମ ରେଳପଥ ବଲାଙ୍ଗିର। ନିକଟତମ ବିମାନପଥ ଝାରସୁଗୁଡ଼ା।

*ସୋନପୁର*
*ଦୂରଭାଷ : ୮୧୪୪୮ ୭୦୭୨୯*








ଉତ୍କଳାନନ୍ଦ ଅଜୟ କୁମାର ବେହେରା

# ଅଶ୍ୱମେଧ ଯଜ୍ଞ


'ଅଶ୍ୱ' ଧାବନର ପ୍ରତୀକରେ ଆସେ। ମନୁଷ୍ୟ ମାନଙ୍କର ମନର ଏହି ଅଶ୍ୱ ସମ୍ବନ୍ଧ ଅଛି। ମନ ଅଶ୍ୱତେଜରେ ଅମାନିଆ ଧାବିତ ହୋଇପାରେ। ପଶୁଙ୍କୁ କେହି କାମରେ ଲଗାଇବା ଚିନ୍ତନରେ ରହିଲେ ପ୍ରଥମେ ପଶୁକୁ 'ମଣ' (ତାଲିମ) କରିବାକୁ ପଡ଼େ। ବଳଦ, ଘୋଡ଼ା, କୁକୁର, ଗଧ, ହାତି ଏପରିକି ଅନେକ ପକ୍ଷୀଙ୍କୁ ତାଲିମ ମଣ କରାଯାଏ। ପୋଲିସ ବିଭାଗରେ କୁକୁର, ପାରାଙ୍କୁ ତାଲିମ କରାଯାଇ ଅନେକ ସମସ୍ୟା ସମାଧାନ କରାଯାଉଛି। ସର୍କସର ପଶୁପକ୍ଷୀ ମାନଙ୍କୁ ରଏଲିଡର ତାଲିକ କରି ଦର୍ଶକଙ୍କ ଆଗରେ ଖେଳ ଦେଖାଇବା ଦେଖାଯାଏ। ମନୁଷ୍ୟ ମଧ୍ୟ ମଣ ହୁଏ। କୌଣସି ଅନୁଷ୍ଠାନ, ସଂସ୍ଥା, କଳକାରଖାନା, ଯାନ ଚାଳନା ପାଇଁ କୌଣସି ଗୃହସ୍ଥ ତାର ଉଦ୍ଦିଷ୍ଟ କାର୍ଯ୍ୟ ପାଇଁ କର୍ମଚାରୀ, ମୂଲିଆ, ଚାକର, ଡ୍ରାଇଭର ନିଯୁକ୍ତି କରିଥିଲେ ବା ପୋଲିସ, ମିଲିଟାରୀରେ ସରକାରୀ ମୁତୟନ ହେଉଥିଲେ ପ୍ରଥମେ ତାଲିମ (ମଣ) କରାଯାଉଛି।

ଏହି ମଣରେ ବ୍ୟକ୍ତିର ମନକୁ ଅନ୍ୟ ମନ ସହିତ ସଂଯୋଗ କରାଯାଇଥାଏ। ଆଦେଶ ବାର୍ତ୍ତାର ବା ଧାର୍ଯ୍ୟ କାନୁନରେ ମନକୁ ଏକ ଢ଼ାଞ୍ଚାରେ ବାନ୍ଧି ଦିଆଯାଇ ଜିଓ ଓ ଜିନେ ଦୋରେ ଆଗେଇବାକୁ ପଡ଼ିଥାଏ। ସମାଜ, ଧର୍ମ, ସଂସ୍କୃତି, ଭାଷା, ଗୋଷ୍ଠୀ, ପରିବାର ସବୁରେ ବ୍ୟକ୍ତିକୁ ନିଶ୍ଚେ 'ମଣ' ହେବାକୁ ହେଉଛି। ପ୍ରତ୍ୟେକ ମନକୁ ଧାବିତ ହେବା ଅଶ୍ୱପରି ସଠିକ୍ କାର୍ଯ୍ୟକ୍ଷମ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ମଣ କରାଯିବା ଅଶ୍ୱ ସଦୃଶ ରଖାଗଲେ ସମାଜ ଧର୍ମ, ସଂସ୍କୃତି ଏପରିକି ସମଗ୍ର ପୃଥିବୀ ଠିକ୍ ଧାରାରେ ଚାଲିପାରିବ। ବହୁବର୍ଷ ଗତ ହୋଇଗଲେ ଅନେକ ପ୍ରକାର ବିଶୃଙ୍ଖଳା ଜନଗୋଷ୍ଠୀରେ ଉଦ୍ରେକ ହୋଇଥାଏ। ଏ ପାଇଁ ଏହି ଅଶ୍ୱମେଧ ଯଜ୍ଞର ଆବଶ୍ୟକ ଜ୍ଞାନୀମାନେ ରାଜା ମହାରାଜାଙ୍କ ଦ୍ୱାରା କରାଇଥାନ୍ତି ଯତ୍‌ଦ୍ୱାରା ଜଣେ ମୁଖ୍ୟ ଆଦେଶ ଦାତା ଅଛି ଏହାର ଆଦେଶକୁ ସମସ୍ତେ ବିନା ଦ୍ୱିଧାରେ ମାନିଲେ ସଂସାର ଠିକ୍ ଚାଲିବ। ମନୁଷ୍ୟର ମନ ସର୍ବଦା ସ୍ୱାଧୀନ। ଇଛାରେ ସ୍ୱାର୍ଥ ସାଧନ ପାଇଁ ଉପାୟ ଖୋଜରେ ରହିଛି। ପ୍ରତ୍ୟେକ ମନୁଷ୍ୟ କେତେ ଗୁଡ଼ିଏ ଅଦୃଶ୍ୟ ଘେର ମଧ୍ୟରେ ରହିବାକୁ ପଡ଼ିଛି। ଏହି ଘେରକୁ ବୃତ୍ତ କୁହାଯାଇପାରିବ। ବୃତ୍ତର କେନ୍ଦ୍ରବିନ୍ଦୁ ଯଦି ଜଣେ ଅଛି ଚିନ୍ତନ କରାଯିବ ସବୁ ବୃତ୍ତ ସଠିକ ରହିପାରିବ। ଅଶ୍ୱମେଧ ଯଜ୍ଞ ଆଧ୍ୟାତ୍ମିକ ଆଧିଦୈବିକ ଆଧିଭୌତିକ ସ୍ତରରେ ସର୍ବଦା କରାଯାଏ। କେଉଁ ରୋଗ ଭୋଗକୁ କେଉଁ ଔଷଧ ଏହା କଷ୍ଟରେ ସିଦ୍ଧାନ୍ତ ନିଆଯାଇ ବିଜ୍ଞ ଚିକିତ୍ସକଙ୍କ ଦ୍ୱାରା ରୋଗୀର ଉପସର୍ଗ ଦେଖି ଚିକିତ୍ସକ ଔଷଧ ପ୍ରୟୋଗ କରି ରୋଗ ଆରୋଗ୍ୟ ଚେଷ୍ଟା କରୁଛନ୍ତି। ବିଶ୍ୱାସ ଗୁଚ୍ଛରେ ଔଷଧର ମୂଳବସ୍ତୁ। ଔଷଧ ନିର୍ମାତା ଔଷଧର ଚାଲାନକାରୀ ଔଷଧର ଉପାଦାନ ରୋଗୀ ଶରୀରରେ କେଉଁଠି କିପରି କାମ କରିବା ବେଳେ ଜୀବନ ଶକ୍ତିର ହାନି ନହେବା ପାଇଁ ଧାର୍ଯ୍ୟ ଦ୍ରଷ୍ଟା ଔଷଧର କାର୍ଯ୍ୟକାରୀ ସମୟ, ଔଷଧ ବ୍ୟବସ୍ଥା ଦେଉଥିବା ଚିକିତ୍ସକ ମୁମୂର୍ଷୁ ରୋଗୀକୁ ସେବାକାରୀ ସମୟ ଅନୁସାରେ ଅନୁପାରେ ଔଷଧ ସେବନ, ଇଞ୍ଜେକସନ ପ୍ରୟୋଗକାରୀ ସେବକ ସେବିକା ବା ରୋଗୀର ପାଖଲୋକ ଏସବୁ ବିଶ୍ୱାସର କଥା। ସବୁଥିରେ ବାଣିଜିକ ବୁଦ୍ଧି ପଶିଲେ ଅକାଳରେ ଏକ ମୂଲ୍ୟବାନ ଜୀବନ ନଷ୍ଟଭ୍ରଷ୍ଟ ହୋଇଯାଇପାରେ।



ଏଇ ବିଶ୍ୱାସ ଐଶ୍ୱରୀୟ ଶକ୍ତି। ଏଥିରେ ରାକ୍ଷସୀ ଧାରା ହେଉଛି। ଲୋକର କଷ୍ଟବେଳେ ଅର୍ଜନ କରି ନିଜେ ଧନୀ ହୋଇଯିବା। ଆଧିଭୌତିକ ସ୍ତରରେ ପ୍ରକୃତି ଯେତେବେଳେ କେଉଁଠି ପାହାଡ଼, ପର୍ବତ, କେଉଁଠି ଜଙ୍ଗଲ, ଗଛଲତା, କେଉଁଠି ଜଳଧାରା ରଖି ଜନବସତି ସୃଷ୍ଟିର ଧାରା ସୃଷ୍ଟି କରିଥିଲେ। ସେତେବେଳେ ଯେପରି ବର୍ଷା, ପବନ ସଠିକ ବେଳେ ହେବା ଚକ୍ର ଥିଲା ଆକାଶୀୟ ଗ୍ରହ ନକ୍ଷତ୍ର ଯେପରି ପୃଥି ଉପରେ କାମ କରୁଥିଲେ, ସ୍ଥାନ ତୁଳନାରେ ପଶୁପକ୍ଷୀ ଯେତେ ଥିଲେ ତାହା ଶିକ୍ଷିତ ମନୁଷ୍ୟ ବୋଲାଉଥିବା ମନୁଷ୍ୟଙ୍କର କାରଣରୁ ସ୍ଥିର ପ୍ରକୃତିକୁ ବାରମ୍ବାର ଧ୍ୱଂସ କରି ଆଦି ଭୌତିକ ଦୁଃଖ ସବୁ ମହାକାଳ ପରି ଜୀବଜଗତ ସଂସାର ଧ୍ୱଂସ ପାଇଁ ଭିଡ଼ି ଆଣିଲେଣି। ସୂର୍ଯ୍ୟଠାରୁ ପୃଥିବୀ ଏକ ନିର୍ଦ୍ଦିଷ୍ଟ ଦୂରରେ ରହି ସୂର୍ଯ୍ୟ ପରିକ୍ରମା କରୁଥିବା କାଳକୁ ଆମେ ଏକ ବର୍ଷ ଧରିଛେ ଓ ପୃଥିବୀର ଦିନ ରାତ୍ରୀ ପ୍ରକ୍ରିୟାକୁ ପୃଥିବୀର ଆହ୍ନିକ ଗତି ଧରି ତାକୁ ଚବିଶ ଘଣ୍ଟା ଧରିବା ବହୁ ଆଗରୁ ଚାଲି ଆସୁଛି। ପୃଥିବୀତ ଏତେ ଗରମ ସର୍ବଦା ଅନୁଭୂତ ପୂର୍ବରୁ ନଥିଲା, ଏବେ କାହିଁକି ଏପରି ହେଉଛି ? କ'ଣ ପୃଥିବୀର ପରିକ୍ରମା ପଥ ସଂକୁଚିତ ହୋଇଯାଇଛି କି ? ଯଦି ଏହା ନୁହଁ, ମନୁଷ୍ୟକୃତ ଏହି ଆଧିଭୌତିକ ଦୁର୍ଗତି ଆସିଛି। ଏ ପାଇଁ ଧନୀ ହେବା ନିଶା ହିଁ ଦାୟୀ। ଶ୍ରମର ମଜୁରୀରେ କେହି ସନ୍ତୋଷ ନହୋଇ କମ ଶ୍ରମରେ ବେଶୀଧନ ଚିନ୍ତା ବା ବିନା ଶ୍ରମରେ ଧନ ସଂଗ୍ରହ ଚିନ୍ତା ଏହି ଆଧିଭୌତିକ ଦୁର୍ଗତି ଆଣୁଛି। ଏସବୁର ଇତି ପାଇଁ କେହି ମୁଖିଆ ହୋଇ ସମସ୍ତ ଜନ ମାନସକୁ ଏକ ସ୍ତରକୁ ଆଣିବା ପାଇଁ ଏକ ମନ ଆୟତ ପ୍ରୟୋଗ ବାହାର କରିପାରିଲେ ବର୍ତ୍ତମାନ ପାଇଁ ହେବ ଅଶ୍ୱମେଧ ଯଜ୍ଞ। ମନ ହିଁ ଅଶ୍ୱ। ଏହାକୁ ଲଗାମ ଲଗାଇ କାମରେ ଲଗାଇବା ଧାରା ନାମ ଅଶ୍ୱମେଧ ଯଜ୍ଞ। ରାଜା ପାଇଁ ଯଜ୍ଞ ଯାହା, ପ୍ରଜା ପାଇଁ ହୋମ ସେୟା। ଏହା ବି ବୁଝିବାକୁ ପଡ଼ିବ ସବୁ ଯଜ୍ଞ, ହୋମରେ ସ୍ୱାହା ହିଁ ଅବଲମ୍ବନ।

*ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,*
*କଟକ, ଦୂରଭାଷ : ୯୪୩୭୦୩୧୨୫୩*



# ମ୍ୟାନୁଫ୍ୟାକଚରିଂର ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପାୟନର ନୂଆ ଅଧ୍ୟାୟ। ୧୪ଟି ଶିଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୪୩୬ କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବା ୩ ଶିଳ୍ପର ଉଦ୍‌ଘାଟନ କରିଛନ୍ତି। ସେହିପରି ୧୧ଶହ କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବା ୧୧ଟି ଶିଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ୩ ହଜାର ୭୭୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅକ୍ଷୟ ଶକ୍ତି ଉତ୍ପାଦନ, ମେଟାଲ ଓ ଆନୁସଙ୍ଗିକ ଶିଳ୍ପରେ ପୁଞ୍ଜିନିବେଶ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପୂର୍ବ ଭାରତର ଶିଳ୍ପ ହବ। ସ୍ଥିର ଶିଳ୍ପ ନୀତି ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ଇଜ୍ ଅଫ୍ ଡୁଇଙ୍ଗରେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାରେ ସହାୟକ ହୋଇଛି। ଓଡ଼ିଶାର ଶିଳ୍ପ ଗୁଡିକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଅର୍ଥନୈତିକ ପ୍ରଗତିରେ ଯଥେଷ୍ଟ ଅଗ୍ରଗତି ପରିଲକ୍ଷିତ ହୋଇଛି। କୋଭିଡ୍ ଦ୍ୱିତୀୟ ଲହର ସମୟରେ ଅକ୍ସିଜେନ ଅଭାବକୁ ଦୂର କରିଛନ୍ତି ଶିଳ୍ପାନୁଷ୍ଠାନ। ବଲାଙ୍ଗିରରେ ଆଦିତ୍ୟ ବିର୍ଲା ପକ୍ଷରୁ ଅକ୍ଷୟଶକ୍ତି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଆଦିତ୍ୟ ବିର୍ଲା ପକ୍ଷରୁ ୩୫୨.୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି। ଝାରସୁଗୁଡାରେ ୬୪.୪୩ କୋଟି ପୁଞ୍ଜିନିବେଶରେ ହୋଇଛି ଆଲୁମିନା ରିଫାଇନାରୀ ପ୍ରକଳ୍ପ। ଖୋର୍ଦ୍ଧା ଛତାବରାରେ ୨୦ କୋଟି ବ୍ୟୟରେ ହୋଇଛି ଗାର୍ମେଣ୍ଟ ୟୁନିଟ୍ ଉଦ୍‌ଘାଟିତ। ପାରାଦୀପରେ ସଲଫ୍ୟୁରିକ ଏସିଡ୍ ସମ୍ପ୍ରସାରଣ ପ୍ରକଳ୍ପ କରିବ ଇଫ୍‌କୋ। ସୁନ୍ଦରଗଡ ଲହୁଣୀପଡାରେ ହେବ ଲୁହାପଥର ବେନିଫିକେସନ ପ୍ଲାଣ୍ଟ। କଟକ ଖୁଣ୍ଟୁଣିରେ ହେବ ପିଭିସି ପାଇପ ଉତ୍ପାଦନ ଶିଳ୍ପ। ସେହିପରି ଖୋର୍ଦ୍ଧାରେ ବ୍ରିଟାନିଆ ପକ୍ଷରୁ କରାଯିବ ବିସ୍କୁଟ ଫ୍ୟାକ୍ଟ୍ରି। ସେହିପରି ଖୋର୍ଦ୍ଧା ଚମ୍ପାଝରରେ ଏନକେ ଆନନ୍ଦ ପକ୍ଷରୁ କରାଯିବ ଜୋତା କାରଖାନା। କଟକ ରାମଦାସପୁରରେ ହେବ ଥର୍ମୋ ପ୍ଲାଷ୍ଟିକ ପାଇପ କାରକାନା, ଭାରତ ମସଲା ପକ୍ଷରୁ ରାମଦାସପୁରରେ ହେବ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍, ଚୌଦ୍ୱାରରେ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ, ଅଗ୍ରାନିକ ଫର୍ଟିଲାଇଜର ଉତ୍ପାଦନ ୟୁନିଟ୍ ଓ ନୁଡୁଲସ ଉତ୍ପାଦନ କାରଖାନା ହେବ। ନଭେମ୍ବର ୨୦୧୭ରୁ ୧୯୫ଟି ପ୍ରକଳ୍ପ ରାଜ୍ୟରେ ବାସ୍ତବ ରୂପ ନେଇଛି। ୯୨ ହଜାର ୪୬୦ କୋଟି ୮୪ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏକ ଲକ୍ଷ ୧୮ ହଜାର ୨୧୧ ଜଣ ଯୁବକ ଯୁବତୀଙ୍କୁ ମିଳିଛି ନିଯୁକ୍ତି ସୁଯୋଗ।



ଟୋକିଓରେ ଅଲିମ୍ପିକ୍ସ ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଦଳର ମାର୍ଚ୍ଚ ପାଷ୍ଟ

# ଅଲିମ୍ପିକ୍ସ ମହାକୁମ୍ଭ ଆରମ୍ଭ

**ଟୋକିଓ :** ବାଜିଲା ଅଲିମ୍ପିକ୍ସ ବିଗୁଲ। ଜାପାନର ରାଜଧାନୀ ଟୋକିଓରେ ଜାତୀୟ ଷ୍ଟାଡିୟମରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି ଅଲିମ୍ପିକ୍ସର ୩୨ତମ ସଂସ୍କରଣ। ଭାରତୀୟ ସମୟାନୁସାରେ ଅପରାହ୍ନ ୪.୩୦ ମିନିଟ୍‌ରେ ଉଦ୍‌ଘାଟନ ସମାରୋହ ଆରମ୍ଭ ହୋଇଥିଲା। ଏଥିସହ ବର୍ଷକ ପ୍ରତୀକ୍ଷାର ଅନ୍ତ ଘଟିଛି। କୋଭିଡ୍-୧୯ ମହାମାରୀ କାରଣରୁ ଗତବର୍ଷ ଏହି କ୍ରୀଡାକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଚଳିତବର୍ଷ କରୋନା ଗାଇଡ୍‌ଲାଇନ୍ ମୁତାବକ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଛି। ଏହି ଭବ୍ୟ ସମାରୋହ ସମସ୍ତଙ୍କ ମନ ମୋହିଛି। ମାର୍ଚ୍ଚ ପାଷ୍ଟରେ ଭାରତର ନମ୍ବର ଥିଲା ୨୧। ଉଦ୍‌ଘାଟନୀ ସମାରୋହରେ ଭାରତର ନେତୃତ୍ୱ ନେଇଥିଲେ ପୁରୁଷ ହକି ଟିମ୍ କ୍ୟାପଟେନ୍ ମନପ୍ରୀତ ସିଂହ ଓ ମହାନ ମହିଳା ବକ୍ସର ଏମ୍‌ସି ମ୍ୟାରୀ କମ୍। ଦୁହେଁ ହାତରେ ତ୍ରିରଙ୍ଗା ଧରି ସବୁଠାରୁ ଆଗରେ ଚାଲିଥିଲେ। ଭାରତର ଅନ୍ୟ ସଦସ୍ୟ ହାତରେ ତ୍ରିରଙ୍ଗା ଧରି ପଛେ ପଛେ ଚାଲିଥିଲେ। ଉଦ୍‌ଘାଟନୀ ସମାରୋହରେ ଭାରତର ୨୨ଜଣ ଖେଳାଳି ଓ ୬ଜଣ ଅଫିସିଆଲ୍ସ ଭାଗ ନେବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଟେବୁଲ୍ ଟେନିସ୍ ତାରକା ଅଚନ୍ତା ଶରଥ କମଲ ଓ ମନିକା ବାତ୍ରା ଉଦ୍‌ଘାଟନୀ ସମାରୋହରେ ଭାଗ ନେଇନାହାନ୍ତି। ଦୁହେଁ ମିକ୍ସଡ୍ ଡବଲ୍ସ ମ୍ୟାଚ୍ ଖେଳିବେ। ଟୋକିଓ ଦ୍ୱିତୀୟଥର ଅଲିମ୍ପିକ୍ସ ଆୟୋଜନ କରୁଛି। ଏହାପୂର୍ବରୁ ୧୯୬୪ରେ ଟୋକିଓ ସଫଳତାର ସହ ଅଲିମ୍ପିକ୍ସ ଆୟୋଜନ କରିଥିଲା।

# ସାରା ବିଶ୍ୱରେ ଶିକ୍ଷାର ହବ୍ ହେବ ଭାରତ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅଣାଯାଇଥିବା ନୂଆ ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦) ମାଧ୍ୟମରେ ଭାରତକୁ ଏକ ଉଜ୍ଜ୍ୱଳ ଜ୍ଞାନ ସମାଜ ଏବଂ ବୈଶ୍ୱିକ ଜ୍ଞାନ ମହାଶକ୍ତି ଭାବେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବୁଧବାର ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଦ୍ୱାରା ଭର୍ଚ୍ଚୁଆଲ ମୋଡରେ ଆୟୋଜିତ ତିନିଦିନିଆ ୱାର୍ଲଡ୍ ୟୁନିଭର୍ସିଟି ସମ୍ମିଟରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମହାମହିମ ଉପରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଥିବା ଏହି ସମ୍ମିଳନୀର ଶୀର୍ଷକ ରହିଛି 'ଭବିଷ୍ୟତର ବିଶ୍ୱବିଦ୍ୟାଳୟ : ଶିକ୍ଷାନୁଷ୍ଠାନ ଗୁଡ଼ିକର ନିର୍ମାଣରେ ସ୍ଥିରତା, ସାମାଜିକ ଦାୟିତ୍ୱ ଏବଂ ସମାଜର ପ୍ରଭାବ'। ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପରିବର୍ତ୍ତନ ଅଣାଯାଇଥିଲା । ତେବେ ଜଗତିକରଣ ଏବଂ ଉଦାରିକରଣ ସମୟରେ ଆମର ରହିଥିବା ଲକ୍ଷ୍ୟକୁ ହାସଲ କରିବା ତଥା ଦେଶର ସାମଗ୍ରିକ ବିକାଶ କରିବା ପାଇଁ ଶିକ୍ଷା କ୍ଷେତ୍ରରେ ନୂଆ ସଂସ୍କାର ଅଣାଯିବା ନିହାତି ଜରୁରୀ ହୋଇପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷା କ୍ଷେତ୍ରରେ ପ୍ରଧାନ ମୋଦିଙ୍କ ନେତୃତ୍ୱରେ ନୂଆ ଶିକ୍ଷା ଭିତିଭୂମି ପ୍ରସ୍ତୁତ କରିବା ପାଇଁ ଏନଇପି-୨୦୨୦ ଅଣାଯାଇଛି। ନୂଆ ଶିକ୍ଷା ନୀତିର ୪ଟି ସ୍ତମ୍ଭ ହେଉଛି ଗୁଣାତ୍ମକ, ସମାନତା, ଉପଲବ୍ଧି ଏବଂ ସୁଲଭରେ ଶିକ୍ଷା ପ୍ରଦାନ କରିବା। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପିତ ଆତ୍ମନିର୍ଭର ଭାରତର ମୂଳଦୁଆକୁ ମଜବୁତ୍ କରିବାରେ ନୂଆ ଜାତୀୟ ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଷ୍ଟଡ଼ି ଇନ୍ ଇଣ୍ଡିଆ – ଷ୍ଟଡ଼ି ଇନ୍ ଇଣ୍ଡିଆ ଦୂରଦୃଷ୍ଟିରେ ନୂଆ ଶିକ୍ଷା ନୀତି ଦକ୍ଷତା ସହିତ ଶିକ୍ଷାର ଏକୀକରଣକୁ ସହଜ କରିବ। ଏହି ନୀତି ଦେଶର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଶିକ୍ଷାକୁ ଆହୁରି ସାମଗ୍ରିକ, ନମନୀୟ, ବହୁବିଷୟକ କରିବା ସହିତ ଏକବିଂଶ ଶତାବ୍ଦୀର ଆବଶ୍ୟକତାର ଆବଶ୍ୟକତା ପ୍ରତି ଧ୍ୟାନ ଦେବ। ଏହା ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଅଭିନବ ସାମର୍ଥ୍ୟକୁ ଆହୁରି ବିକଶିତ କରିବ। ଦେଶର ଶିକ୍ଷା କ୍ଷେତ୍ରକୁ ପରିବର୍ତ୍ତନ କରିବା ଉପରେ ଭାରତ ସରକାରଙ୍କ ପ୍ରତିବଦ୍ଧତା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଭାରତର ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ତିଆରି କରିବା ପାଇଁ ବହୁମୁଖୀ ଶିକ୍ଷା ଏବଂ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ଏମଇଆରୟୁ) କୁ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହ ଶିକ୍ଷାକୁ ସାମଗ୍ରିକ, ଅଭିନବ, ବିବିଧ ଭାଷାଭିତିକ ଏବଂ ବହୁ-ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ପ୍ରୟାସ କରାଯାଉଛି। କୋଭିଡ୍ ସମୟରେ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇଛି । ବିଶେଷ ଭାବରେ ଶିକ୍ଷାକୁ ବିଶ୍ୱମାନର କରିବା, ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହନ ଏବଂ ଦେଶ ସମେତ ବିଶ୍ୱର ନାଗରିକଙ୍କ ସାମଗ୍ରିକ ବିକାଶ କରିବା ଉପରେ ଭାରତ ସରକାର ପ୍ରତିବଦ୍ଧ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ବର୍ତ୍ତମାନର ଶିକ୍ଷା, ଭବିଷ୍ୟତର କ୍ଲାସରୁମ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ପରିବର୍ତ୍ତିତ ବିଷୟ ଏବଂ ବାସ୍ତବତା, ଭାରତକୁ ଏକ ବିଶ୍ୱମାନର ଅଧ୍ୟୟନ ସ୍ଥଳ ଭାବରେ ପ୍ରୋତ୍ସାହିତ କରିବା, ମାନବ ସମ୍ବଳକୁ ମାନବ ପୁଞ୍ଜିରେ ପରିଣତ କରିବା ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଛନ୍ତି। ଉଲ୍ଲେଖନୀୟ, ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ୟୁଜିସି ଅଧ୍ୟକ୍ଷ ଡ଼ି.ପି ସିଂହ, ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର କୁଳାଧିପତି ନବୀନ ଜିନ୍ଦଲ, ପ୍ରତିଷ୍ଠାତା କୁଳପତି ପ୍ରଫେସର ସି.ରାଜ କୁମାର, ପ୍ରମୁଖ ଯୋଗ ଦେଇ ନିଜର ଅଭିଭାଷଣ ରଖିଥିଲେ। ସେହିପରି ୨୫ରୁ ଉର୍ଦ୍ଧ୍ୱ ଦେଶ ଏବଂ ୬ଟି ମହାଦେଶର ୧୦୦ରୁ ଅଧିକ ଶିକ୍ଷାନୁଷ୍ଠାନର ୧୫୦ରୁ ଅଧିକ ଥଟ୍ ଲିଡର ଯୋଗଦେଇଥିଲେ।

# କରୋନାରେ ମୃତ ସାମ୍ବାଦିକଙ୍କ ପାଇଁ ୨.୫୫ କୋଟି ମଞ୍ଜୁର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ କୋଭିଡ୍-୧୯ ମହାମାରୀ ଯୋଗୁଁ ମୃତ୍ୟୁବରଣ କରିଥିବା ୧୭ଜଣ କର୍ମଜୀବୀ ସାମ୍ବାଦିକଙ୍କ ପରିବାରକୁ ୧୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମଞ୍ଜୁର କରିଛି। ଭୁବନେଶ୍ୱର ୪ଜଣ, ବଲାଙ୍ଗିର ଜିଲ୍ଲାର ୩ଜଣ, ଗଞ୍ଜାମ ଜିଲ୍ଲାର ୭ଜଣ, କଳାହାଣ୍ଡି ଜିଲ୍ଲାର ଜଣେ ଓ ଯାଜପୁର ଜିଲ୍ଲାର ୨ଜଣ କର୍ମଜୀବୀ ସାମ୍ବାଦିକ ଏଥିରେ ଅନ୍ତର୍ଭୁକ୍ତ। 'ଜି-ଓଡ଼ିଶା'ର ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ସ୍ୱର୍ଗତ ମାନସ ଜୟପୁରିଆ, ବରିଷ୍ଠ ସାମ୍ବାଦିକ ବସନ୍ତ ଦାସ, 'ଆଜିକାଲି'ର ସାମ୍ବାଦିକ ବିଜୟଲକ୍ଷ୍ମୀ ମହାନ୍ତି, 'ଟାଇମ୍ସ ଅଫ୍ ଇଣ୍ଡିଆ'ର ସ୍ୱର୍ଗତ ପ୍ରୀତିମାନ୍ ମହାପାତ୍ରଙ୍କ ପରିବାରବର୍ଗ ୧୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପାଇବେ। ସେହିପରି ଗଞ୍ଜାମ ଜିଲ୍ଲାର 'ଟିଭି ନ୍ୟୁଜ୍ ୬(ୱେବ୍)ର ସାମ୍ବାଦିକ ଗୋବିନ୍ଦ ବେହେରା, 'ସମ୍ବାଦ'ର ପ୍ରଦୀପ କିଶୋର ସାହୁ, 'ସମାଜ'ର କିଶୋର ଚନ୍ଦ୍ର ଦାଶ, 'ଓଡ଼ିଶା ଫାଇଲସ୍'ର ନରେଶ କୁମାର ବେହେରା, 'କଳିଙ୍ଗ ଜ୍ୟୋତି, ନନ୍ଦିନୀ'ର ସାମ୍ବାଦିକ ରତ୍ନାକର ମହାରଣା, ବ୍ଲକ କରେସ୍‌ପେଣ୍ଡେସ ନିଳୟ ରଞ୍ଜନ ପଟ୍ଟନାୟକ, 'ଅନୁପମ ଭାରତ'ର କରୁଣାକର ସାହୁ, ବଲାଙ୍ଗିର ଜିଲ୍ଲାର 'ସମ୍ବାଦ'ର ସାମ୍ବାଦିକ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ଜତୀଶ ଚନ୍ଦ୍ର ଖମାରୀ, 'ପ୍ରଗତିବାଦୀ'ର କୈଳାଶ ଚନ୍ଦ୍ର ସାହୁ, 'ନକ୍ଷତ୍ର ଟିଭି'ର କଳାହାଣ୍ଡି ଜିଲ୍ଲା ପ୍ରତିନିଧି ଭାନୁପ୍ରକାଶ ରଥ, ଯାଜପୁର ଜିଲ୍ଲାର 'ମନ୍ଥନ'ର ସାମ୍ବାଦିକ ଅଶୋକ କୁମାର ସାହୁ, 'ଲୋକସମ୍ପର୍କ'ର ସାମ୍ବାଦିକ ପ୍ରଭାତ କୁମାର ରାଉତରାୟଙ୍କ ନିକଟତମ ସମ୍ପର୍କୀୟଙ୍କୁ ଏହି ଅନୁକମ୍ପାମୂଳକ ସହାୟତା ମିଳିବ। କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ଆଉ କିଛି ସାମ୍ବାଦିକଙ୍କ ପ୍ରସ୍ତାବ ମଧ୍ୟ ବିଭାଗର ବିଚାରଧୀନ ରହିଛି। ସେ ବାବଦରେ ଜିଲ୍ଲାସ୍ତରରେ ଅନୁସନ୍ଧାନ ଜାରି ରହିଛି। ଖୁବ୍‌ଶୀଘ୍ର ଯୋଗ୍ୟ ବିବେଚିତ ପ୍ରସ୍ତାବ ଗୁଡିକୁ ମଞ୍ଜୁର କରାଯାଇ ଅନୁକମ୍ପା ରାଶି ପ୍ରଦାନ କରାଯିବା ପାଇଁ ପଦକ୍ଷେପ ନିଆଯିବ। ପ୍ରକାଶଯୋଗ୍ୟ ଯେ, କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବା ଏହି ୧୭ଜଣ କର୍ମଜୀବୀ ସାମ୍ବାଦିକଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ପାଇଁ ସମୁଦାୟ ୨ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଏହି ଅର୍ଥ ପ୍ରଦାନ କରାଯିବ। ସେପଟେ ମୃତ ସାମ୍ବାଦିକଙ୍କୁ ରାଜ୍ୟ ସରକାର ସହାୟତା ହାତ ବଢ଼ାଇଥିବାରୁ ଧନ୍ୟବାଦ ଜଣାଇଛନ୍ତି ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ କୁମାର ମଙ୍ଗରାଜ।

# ବିଶିଷ୍ଟ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ସଂକଳନ 'ଶୂନ୍ୟ ଉପତ୍ୟକା' ଉନ୍ମୋଚିତ



**ଭୁବନେଶ୍ୱର :** ପ୍ରତିଷ୍ଠିତ କଥାକାର କ୍ଷୀରୋଦ ଦାସଙ୍କର ଷୋଡ଼ଶତମ ଗଳ୍ପ ସଂକଳନ 'ଶୂନ୍ୟ ଉପତ୍ୟକା' ସମ୍ବାଦ ଭବନ ପରିସରରେ 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ କରକମଳରେ ଉନ୍‌ମୋଚିତ ହୋଇଯାଇଛି। ପୁସ୍ତକଟିକୁ ଉନ୍ମୋଚନ କରି ଶ୍ରୀଯୁକ୍ତ ପଟ୍ଟନାୟକ ସାମ୍ପ୍ରତିକ ଗଳ୍ପ କ୍ଷେତ୍ରରେ ନବାଗତ ମାନଙ୍କର ଅନୁପସ୍ଥିତି ଉପରେ ଚିନ୍ତାପ୍ରକଟ କରିଥିଲେ। ଏଥିପାଇଁ ସେ ପ୍ରତିଷ୍ଠିତ ଗାଳ୍ପିକ ମାନଙ୍କୁ ପରାମର୍ଶ ଛଳରେ କହିଲେ ଯେ, ସାହିତ୍ୟ ହେଉଛି ଏକ ରିଲେ ରେସ୍, ଗଳ୍ପ କ୍ଷେତ୍ରରେ ଯେଉଁମାନେ ପିତୃପ୍ରତିମ ସ୍ଥାନକୁ ଗଲେଣି ସେମାନଙ୍କର ମଧ୍ୟ ଦାୟିତ୍ୱ ରହିଛି ଏ ଦିଗରେ ନୂତନ ପିଢ଼ିଙ୍କୁ ମାର୍ଗଦର୍ଶନ ଦେବାକୁ। ଏହି ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ ତଥା କଥାର ସମ୍ପାଦକ ଡଃ ଗୌରହରି ଦାସ ପୌରହିତ୍ୟ କରି କହିଥିଲେ ଗାଳ୍ପିକ କ୍ଷୀରୋଦ ଦାସ ଜଣେ ମାଟିମନସ୍କ ଗାଳ୍ପିକ ଏବଂ ତାଙ୍କର ପ୍ରତିଟି ଗଳ୍ପରେ ଗଳ୍ପର ଆତ୍ମା ସଦୃଶ କାହାଣୀ ଉପରେ ସେ ଆଜିଯାଏ ପ୍ରାଧାନ୍ୟ ଦେଇ ଆସିଛନ୍ତି। ସେଥିପାଇଁ ତାଙ୍କ ଗଳ୍ପର ପ୍ରଶଂସକଙ୍କ ସଂଖ୍ୟା ଅଧିକ। ଗାଳ୍ପିକ ଡଃ ଅରବିନ୍ଦ ରାୟ ଓ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର 'ଶୂନ୍ୟ ଉପତ୍ୟକା'ରେ ସ୍ଥାନିତ ଗଳ୍ପ ମାନଙ୍କ ଉପରେ ସମ୍ୟକ ଆଲୋଚନା କରିଥିଲେ। ଗାଳ୍ପିକ କ୍ଷେତ୍ରବାସୀ ନାୟକ, ଗାଳ୍ପିକ ଓ ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିବ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗଳ୍ପ ଉପରେ ମନ୍ତବ୍ୟ ରଖିଥିଲେ। ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାର ସ୍ୱତ୍ତ୍ୱାଧିକାରୀ ଜୀବାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଲେଖକ କ୍ଷୀରୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# +୩ରେ ପଢ଼ାଯିବ 'ପରିବେଶ ଶିକ୍ଷା ଓ ବିପର୍ଯ୍ୟୟ ପରିଚାଳନା'



**ଭୁବନେଶ୍ୱର :** ଯୁକ୍ତ ୩ ପାଠ୍ୟକ୍ରମରେ ସାମିଲ ହେବ 'ବିପର୍ଯ୍ୟୟ ପରିଚାଳନା'। ଏହା ବାଧ୍ୟତାମୂଳକ ହେବ। ଆଜି ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ନେଇ ସୂଚନା ଦେଇଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ। ମନ୍ତ୍ରୀ ଶ୍ରୀ ସାହୁ ଓ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଦେଇଥିବା ସୂଚନା ଅନୁଯାୟୀ, ଯୁକ୍ତ ୩ର ପ୍ରଥମ ବର୍ଷରେ ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ପାଠ ପିବାକୁ ହେବ। ପରିବେଶ ବିଜ୍ଞାନ ସହିତ ମିଶାଇ ଏହାକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି। ସମସ୍ତ ଷ୍ଟ୍ରୀମ୍ ଅର୍ଥାତ୍ କଳା, ବାଣିଜ୍ୟ ଓ ବିଜ୍ଞାନର ଛାତ୍ରଛାତ୍ରୀମାନେ ପିବା ବାଧ୍ୟତାମୂଳକ। ଏହି ପାଠ୍ୟକ୍ରମ ମୋଟ ୧୦୦ ମାର୍କର ହେବ ଓ ଚଳିତ ବର୍ଷ ଠାରୁ ଲାଗୁ ହେବ। ଏଥିରେ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ସହିତ ସର୍ଭାଇଭାଲ୍ ସ୍କିଲ୍ ବିଷୟରେ ପାଯିବ। ସୂଚନାଯୋଗ୍ୟ, ବିଜେଡି ସରକାରର ପଞ୍ଚମ ପାଳିର ଦ୍ୱିତୀୟ ବର୍ଷ ଶାସନ ପୂର୍ତ୍ତି ଅବସରରେ ଗତ ମେ' ୨୯ ଅନୁଷ୍ଠିତ ମନ୍ତ୍ରିପରିଷଦ ବୈଠକରେ ସ୍କୁଲ୍ ଓ କଲେଜ ପାଠ୍ୟକ୍ରମରେ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲାକୁ ସାମିଲ କରିବାକୁ ସଂକଳ୍ପ ପାରିତ ହୋଇଥିଲା।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି